ପୃଷ୍ଠା-୧୨+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୫/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Tuesday, August 15/2023 Page 20 ₹ 7.00 | SAMBALPUR

୪୯ଶ ଭାଗ ୨୬୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 261 ମୂଲ୍ୟ ₹୭/-






GD
Symbol of Trust
GUPTA DISTRIBUTORS
No.1 Retail Chain Stores
28 Stores
ELECTRONICS, MOBILE, CAMERA, LAPTOP, HOME APPLIANCES & FURNITURE
FREEDOM SALE
PAY RS. 15/- ONLY & PAY BALANCE ON 15 EMI*
11th - 15th August, 2023
0 DOWN PAYMENT INTEREST
LOW EMI 1 EMI OFF
GET 5 YEAR EXTENDED WARRANTY
UPTO 40% OFF
COMBO GIFT OFFER
CASHBACK UPTO 26%*
EXCHANGE OFFER
MEGA LUCKY DRAW
DIGITAL
2 YEARS WARRANTY*
COMPLETE DAMAGE PROTECTION*
ELECTRONICS
Price Start ₹11190/-
Price Start ₹7990/-
Price Start ₹7490/-
Price Start ₹6990/-
Price Start ₹6500/-
PRICE START 1.5 Ton 3 star Inverter ₹ 30990/-
Price Start ₹5480/-
Price Start ₹7990/-
FREE 32" LED TV | FREE MOBILE PHONE
FREE INSURANCE | FREE GIFT VOUCHER
& MANY MORE OFFERS
HOME APPLIANCE
HOME APPLIANCE UPTO 40% OFF
FURNITURE
FREE DELIVERY WITHIN 20 KMS
EASY FINANCE AVAILABLE
GIFT ON EVERY PURCHASE
32" LED TV FREE
MARRIAGE EXCLUSIVE OFFER ALSO AVAILABLE
20000 SQFT BRANDED OUTLET AT PATRAPADA
Furniture Available at
PATRAPADA (BBSR), CDA (CUTTACK), KALAPATHAR, JAGATSINGHPUR, NIMAPADA
NAYAGARH, BALUGAON, JAJPUR TOWN, ANGUL, ATHAGARH, CHANDIKHOLE & PURI
FINANCE PARTNER:
BAJAJ FINSERV
IDFC FIRST Bank
HDFC BANK We understand your world
HDB FINANCIAL SERVICES
ALL CREDIT & DEBIT CARDS ACCEPTABLE
5% INSTANT DISCOUNT# SBI card
#Min. Trxn.: ₹20,000; Max. Discount: Up to ₹3,000 per card. Also valid on EMI Trxns. Validity: 04 Aug - 20 Aug 2023. T&C Apply.
WIDECARE SECURE YOUR PRODUCT WITH EXTENDED WARRANTY
BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, SAMANTARAPUR - Near Sanjeevani Medicare Hospital, Mob: 9692316302, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- Hospital Squre, Grand Road, Mob: 7008989310, JATNI- Near Axix bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDHA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP- Dochaaki, Udaybata, Mob: 7008989316, BARIPADA - Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE - Jena Premium, National Highway, Near RLY Overbridge, Mob: 9692316301, GUPTA WHOLESALE OUTLET, HANSPAL, Puri Canal Road, Near Hanuman Mandir, Mob: 7735455009, ATHAGARH - Birakishorpur, Athagarh, Mob: 9692316303
*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK/CREDIT CARD, Depending on Purchase Value/Under Extended Warranty Scheme*

# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୫/୨୦୨୩ | Bhubaneswar, Tuesday, August 15/2023 | ପୃଷ୍ଠା-୧


## ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଧରିତ୍ରୀ ତା'ର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଖବରଦାତା, ଏଜେଣ୍ଟ, ବିତରକ, ପୃଷ୍ଠପୋଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

## ଧରିତ୍ରୀର ଛୁଟି

ସ୍ୱାଧୀନତା ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୧୫ ତାରିଖ ମଙ୍ଗଳବାର ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ।

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ 'ନାରୀ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

## ଆଜିର ସମ୍ପାଦକୀୟ

ଜେନେରିକ: ନାମକୁ ନେଇ କାମ

# ମୋଦି ବାଛିବେ ଇଲେକ୍ସନ କମିଶନ

## ଇସି ନିଯୁକ୍ତି ବିଲ୍

ନୂଆଦିଲ୍ଲୀ,୧୪।୮(ପି.ଟି.)

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର(ଇସି) ନିଯୁକ୍ତି ଲାଗି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ୩ ଜଣିଆ ଚୟନ କମିଟି ଗଠନ ହେବ, ଯେଉଁଥିରେ ଲୋକ ସଭାର ବିରୋଧୀ ଦଳ ନେତା ଏବଂ ପ୍ରଧାନମନ୍ତ୍ରୀଙ୍କ ମନୋନୀତ ଜଣେ କ୍ୟାବିନେଟ ମନ୍ତ୍ରୀ ସଦସ୍ୟ ରହିବେ। କ୍ୟାବିନେଟ ସଚିବଙ୍କ ନେତୃତ୍ୱରେ ଗଠିତ ସର୍ଚ୍ଚ କମିଟି ସୁପାରିସ କରିଥିବା ସଂକ୍ଷିପ୍ତ ତାଲିକା ବାହାରେ ଅନ୍ୟ ନାଁକୁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କମିଟି ବିଚାରକୁ ନେଇପାରିବ ବୋଲି ରାଜ୍ୟ ସଭାରେ ଆଗତ ହୋଇଥିବା ବିଲ୍‌ରେ ବ୍ୟବସ୍ଥା ରହିଛି। ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ନିର୍ବାଚନ କମିଶନରମାନଙ୍କ (ନିଯୁକ୍ତି, ସେବା ଓ ଅବଧି ସର୍ତ୍ତାବଳୀ) ବିଲ୍‌ର ଧାରା ୬ ଅନୁଯାୟୀ କ୍ୟାବିନେଟ ସଚିବଙ୍କ ନେତୃତ୍ୱରେ ନିର୍ବାଚନ ସମ୍ପର୍କିତ ଜ୍ଞାନ ଥିବା ଅନ୍ୟ ଦୁଇଜଣ ସଚିବଙ୍କୁ ନେଇ ସର୍ଚ୍ଚ କମିଟି ଗଠନ କରାଯିବ। ଏହି କମିଟି ସିଇସି ଏବଂ ଇସି ଚୟନ ଲାଗି ବିଚାରକୁ ନେବା ନିମନ୍ତେ ଏକ ୫ ଜଣିଆ ପ୍ୟାନେଲ ପ୍ରସ୍ତୁତ କରିବେ। ବିଲ୍‌ର ଧାରା ୮(୨) ଅନୁଯାୟୀ ଉକ୍ତ ପ୍ୟାନେଲ ବାହାରେ କୌଣସି ନାମକୁ ମଧ୍ୟ ଚୟନ କମିଟି ବିଚାରକୁ ନେଇପାରିବେ। ଧାରା ୭(୧) ଅନୁଯାୟୀ ଚୟନ କମିଟିର ସୁପାରିସକ୍ରମେ ରାଷ୍ଟ୍ରପତି ସିଇସି ଏବଂ ଇସିଙ୍କୁ ନିଯୁକ୍ତି ଦେବେ। ଲୋକ ସଭାରେ କାହାକୁ ବିରୋଧୀ ଦଳ ନେତା ମାନ୍ୟତା ମିଳି ନ ଥିଲେ ସର୍ବବୃହତ୍ ବିରୋଧୀ ଦଳର ନେତାଙ୍କୁ ବିରୋଧୀ ଦଳ ନେତା ଭାବେ କମିଟିରେ ନିଆଯିବ ବୋଲି ବିଲ୍‌ରେ ସ୍ପଷ୍ଟ କରାଯାଇଛି। ସେହିପରି ଧାରା ୫ ଅନୁଯାୟୀ ଭାରତ ସରକାରରେ ସଚିବ ସହ ସମାନ ପାହ୍ୟାର ଅଧିକାରୀଙ୍କ ମଧ୍ୟରୁ ସିଇସି ଏବଂ ଇସି ଚୟନ କରାଯିବ। ଉକ୍ତ ଅଧିକାରୀ ସଚ୍ଚୋଟ ହୋଇଥିବେ ଏବଂ ନିର୍ବାଚନ ପରିଚାଳନା କରିବାରେ ତାଙ୍କର ଜ୍ଞାନ ଓ ଅଭିଜ୍ଞତା ରହିଥିବ ବୋଲି ପ୍ରସ୍ତାବିତ ଆଇନରେ ଉଲ୍ଲେଖ ରହିଛି।

# ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ୭.୪୪%କୁ ବୃଦ୍ଧି

ନୂଆଦିଲ୍ଲୀ,୧୪।୮



ଭାରତର ଖାଉଟି ଆଧାରିତ ମୁଦ୍ରା ସୂଚକାଙ୍କ ବା ଖୁଚୁରା ମୁଦ୍ରାସ୍ଫୀତି ଗତ ଜୁଲାଇରେ ୭.୪୪ ପ୍ରତିଶତକୁ ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତି ୨ରୁ ସର୍ବାଧିକ ୬ ପ୍ରତିଶତ ମଧ୍ୟରେ ସୀମିତ ରଖିବା ଲାଗି ଭାରତର ରିଜର୍ଭ ବ୍ୟାଙ୍କ ସର୍ବୋଚ୍ଚ ସୀମା ଧାର୍ଯ୍ୟ କରିଥିବାବେଳେ ଜୁଲାଇ ମୁଦ୍ରାସ୍ଫୀତି ଉକ୍ତ ସୀମାକୁ ଟପିଯାଇଛି। ଗତମାସରେ ମୁଖ୍ୟତଃ ଟମାଟୋ ସମେତ ପନିପରିବାଗୁଡ଼ିକର ଅତ୍ୟଧିକ ଦର ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଗତବର୍ଷ ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ୪.୮୭ ପ୍ରତିଶତ ଥିଲା ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ସୋମବାର ଜାରି ରିପୋର୍ଟରେ କୁହାଯାଇଛି। ଗତ ଜୁନ୍‌ରେ ଖାଦ୍ୟ ଖୁଚୁରା ମୁଦ୍ରାସ୍ଫୀତି ୪.୪୯ ପ୍ରତିଶତ ଥିବାବେଳେ ଜୁଲାଇରେ ଏହା ୧୧.୫୧ ପ୍ରତିଶତକୁ ବଢ଼ିଛି। ସହରାଞ୍ଚଳ ମୁଦ୍ରାସ୍ଫୀତି ୭.୬୩ ପ୍ରତିଶତକୁ ବଢ଼ିଥିବାବେଳେ ସହରୀ ମୁଦ୍ରାସ୍ଫୀତି ୭.୨୦ ପ୍ରତିଶତକୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ଜୁଲାଇରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି (ଡବ୍ଲ୍ୟୁପିଆଇ) କ୍ରମାଗତ ଚତୁର୍ଥ ମାସ ପାଇଁ ବିଯୁକ୍ତ ଜୋନ୍‌ରେ ରହିଛି। ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ବିଯୁକ୍ତ ୧.୩୬ ପ୍ରତିଶତ। ଏପ୍ରିଲରୁ ଡବ୍ଲ୍ୟୁପିଆଇ ନେଗେଟିଭ୍ ରହିଛି। ଗତ ଜୁନ୍‌ରେ ଏହା ବିଯୁକ୍ତ ୪.୧୨ ପ୍ରତିଶତ ରହିଥିଲା।

# ୨୪ ଦିନର ପୁଅକୁ ହାଣି ହତ୍ୟା କଲେ ମା'

## ଝିଅକୁ ମାରି ଜେଲ ଯାଇଥିଲେ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ତେଲକୋଇ(ରଞ୍ଜିତ ବିଶ୍ୱାଳ),୧୪।୮

ପିଲାକୁ ସାମାନ୍ୟ ଆଘାତ ଲାଗିଲେ ମା' ଆଖିରେ ଲୁହ ଆସିଯାଏ। କ'ଣ ହେଲା, କେମିତି ହେଲା ଭାବି ବ୍ୟତିବ୍ୟସ୍ତ ହୋଇପଡେ। ହେଲେ ଜଣେ ମା' ନିଜ ଜନ୍ମକଲା ଦୁଇ ସନ୍ତାନକୁ କିଛି ବର୍ଷ ଅନ୍ତରରେ ହତ୍ୟା କରିବା ଭଳି ଘଟଣା କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ବିମଳା ପଞ୍ଚାୟତ ନମକାନି ଗ୍ରାମ ଜୁଆଙ୍ଗ ସାହିର ଲକ୍ଷ୍ମୀ ଜୁଆଙ୍ଗ (୩୦) ନାମ୍ନୀ ମହିଳା ୫ ବର୍ଷ ପୂର୍ବେ ତାଙ୍କ ବର୍ଷକର ଝିଅକୁ ଗାଡ଼ିଆରେ ବୁଡାଇ ହତ୍ୟା କରିଥିବା ବେଳେ ସୋମବାର ତାଙ୍କର ୨୪ ଦିନର ଶିଶୁପୁତ୍ରକୁ ଟାଙ୍ଗିଆରେ ହାଣି ଖଣ୍ଡ ଖଣ୍ଡ କରି ହତ୍ୟା କରିଛନ୍ତି। ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ☞ପୃଷ୍ଠା-୨










## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ପଛକେ ଅଧୁଆ ହେଉ,
ପେଯ ବହଳିଆ,
ଘଇତା ପଛକେ ସନ୍ତିଆ ହେଉ,
ଲୁଗା ହେଉ ତଉଁରିଆ।**

କେତେଜଣ ମହିଳା ସ୍ତ୍ରୀଧର୍ମ ପାଳନ କରି ନ ଥାନ୍ତି। ସ୍ୱାମୀ ପଛେ ବୈରାଗୀ ହେଉ, ଯାହିତାହି ଜୀବନ ବିତାଉ ସେଥିରୁ ପରବାୟ ନ କରି ନିଜେ କେମିତି ଭଲରେ ଖାଇବ, ପିନ୍ଧିବ ତଥା ଚଳିବ ସେ କଥାକୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି। ସ୍ୱାମୀର ଚଳଣି ତଥା ରୋଜଗାର ଦେଖି ସ୍ତ୍ରୀ ନିଜର ଆବଶ୍ୟକତା ପୂରଣ କରିବା ଶୋଭନୀୟ ହେଉଥିବା ସ୍ଥଳେ ସ୍ୱାମୀକୁ ପଛ କରି ସ୍ତ୍ରୀ ନିଜର ଲାଳସା ପୂରଣ ପାଇଁ ଆଗଭର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୁଡୁଦ୍ରାକୁ ମାଇଲେ
ହାତ ଗନ୍ଧାଏ।**

ସାଧାରଣତଃ କ୍ଷୁଦ୍ର ଓ ଦୁର୍ବଳ ବ୍ୟକ୍ତିଙ୍କୁ ଦଣ୍ଡ ଦେବା ଅନ୍ୟାୟ। ଏଭଳି ବ୍ୟକ୍ତିଙ୍କୁ ଦଣ୍ଡ ଦେବା ଦ୍ୱାରା ନିଜର ଓଜନ କମିଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଖୁବ୍‌ଶୀଘ୍ର ଓଡ଼ିଶାରେ 'ବନ୍ଦେ ଭାରତ ମେଟ୍ରୋ'

## ପ୍ରକଳ୍ପକୁ ନେଇ ଧର୍ମେନ୍ଦ୍ର ଓ ଅନନ୍ତଙ୍କ ମଧ୍ୟରେ କଥା କଟାକଟି

**ଭୁବନେଶ୍ୱର,୧୪।୮ (ଅଭିଜିତ ଦାସ)**

ତେଜସ୍ ର୍ୟାକ୍‌ଯୁକ୍ତ ରାଜଧାନୀ ଏକ୍ସପ୍ରେସ୍‌ର ଉଦ୍‌ଘାଟନୀ ସମାରୋହରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରେ ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ ବୋଲି ସୂଚନା ଦେବା ସହ ଓଡିଶା ପାଇଁ 'ବନ୍ଦେ ଭାରତ ମେଟ୍ରୋ' ପ୍ରକଳ୍ପ ଘୋଷଣା କରିଥିଲେ। ପୁରୀ-ଭୁବନେଶ୍ୱର-କଟକ ମଧ୍ୟରେ ଏହି ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ରେଳମନ୍ତ୍ରୀ କହିଥିଲେ। ତେବେ ଏହି ଘୋଷଣା ପରେ ସେଠାରେ ଉପସ୍ଥିତ ଥିବା ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଅଭିଭାଷଣ ମାଧ୍ୟମରେ କଥାକଟାକଟି ହୋଇଥିବା ଦେଖିବାକୁ ମିଳିଥିଲା। 'ବନ୍ଦେ ଭାରତ ମେଟ୍ରୋ' ପ୍ରକଳ୍ପକୁ ସମାଲୋଚନା କରି ବିଧାୟକ ଜେନା କହିଲେ, ଓଡିଶାରେ ମେଟ୍ରୋ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇସାରିଛି। ତ୍ରିଶୂଳିଆରୁ ପ୍ରଥମେ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ(ଡିଏମ୍‌ଆର୍‌ସି)ର ଜିଓ ଟେକ୍ନିକାଲ ଟିମ୍ ମାଟି ପରୀକ୍ଷା କରୁଥିବାବେଳେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ମାଟି ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ରାଜ୍ୟ ସରକାର ଖୁବ୍‌ଶୀଘ୍ର ଓଡ଼ିଶାବାସୀଙ୍କୁ ମେଟ୍ରୋ ରେଳର ସୁବିଧା ଯୋଗାଇ ଦେବେ ବୋଲି ଅନନ୍ତ କହିଥିଲେ। ଅନ୍ୟପକ୍ଷରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କ ମେଟ୍ରୋ ରେଳ ପ୍ରକଳ୍ପର ସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ କହିଲେ, ରାଜ୍ୟ ସରକାର ମେଟ୍ରୋ ପ୍ରକଳ୍ପ ଲାଗି ରେଳ ମନ୍ତ୍ରଣାଳୟ ସହ କୌଣସି ଆଲୋଚନା କରିନାହାନ୍ତି। ରାଜ୍ୟରେ ୪ରୁ ୫ଜଣ ବାବୁ ଆସି ଦେଖିଦେଲେ ମେଟ୍ରୋ ପ୍ରକଳ୍ପ ହୁଏନାହିଁ। ମେଟ୍ରୋ ପ୍ରକଳ୍ପ ଲାଗି କିଏ ଖର୍ଚ୍ଚ କରିବେ, ତାହାକୁ ନେଇ ମଧ୍ୟ କୌଣସି ଆଲୋଚନା କରାଯାଇନାହିଁ। ଏସବୁ ଭିତରେ ମେଟ୍ରୋ ପ୍ରକଳ୍ପ କେମିତି ହେବ ବୋଲି ସେ କଟାକ୍ଷ କରିଥିଲେ। ତେବେ କେନ୍ଦ୍ର ସରକାରଙ୍କ 'ବନ୍ଦେ ଭାରତ ମେଟ୍ରୋ' ସମ୍ପର୍କରେ ସେ କହିଲେ,ଏହାକୁ ଭାରତ ସରକାରଙ୍କ ଅର୍ବାନ ଡେଭଲପମେଣ୍ଟ ଓ ସ୍ଥାନୀୟ ରାଜ୍ୟ ସରକାର ମିଶି କରୁଛନ୍ତି। ଓଡ଼ିଶାରେ ବନ୍ଦେ ଭାରତ ମେଟ୍ରୋ ଚାଲିବା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ତେବେ ମେଟ୍ରୋ ଓଡ଼ିଶାକୁ ଆସୁ, କିନ୍ତୁ ଆସିବା ପାଇଁ ଠିକ ଢଙ୍ଗରେ ପ୍ରୟାସ ହେଉ। ସେହିପରି ମେଟ୍ରୋ ପ୍ରକଳ୍ପ ପୂର୍ବରୁ ରାଜ୍ୟ ସରକାର ଭୁବନେଶ୍ୱର ଷ୍ଟେଶନ ବାହାର ସ୍ଥାନଗୁଡିକର ମରାମତି କାର୍ଯ୍ୟ କରନ୍ତୁ। ବିଭିନ୍ନ ସ୍ଥାନରେ ଖାଲଖମା ରହିଥିବାରୁ ରେଳଯାତ୍ରୀମାନେ ହନ୍ତସନ୍ତ ହେଉଥିବା ସେ କହିଛନ୍ତି।

# ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଅସୁସ୍ଥ

**ସମ୍ବଲପୁର,୧୪।୮ (ଶୁଭାଶିଷ ପାଢ଼ୀ)**



ସମ୍ବଲପୁର ସାକ୍ଷିପଡା ନିବାସୀ ତଥା ବରଗଡ଼ ଲୋକ ସଭା ଏମ୍‌ପି ସୁରେଶ ପୂଜାରୀ ଅସୁସ୍ଥ ହୋଇ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ରବିବାର ରାତିରେ ନିୟମିତ ଡାକ୍ତରୀ ପରୀକ୍ଷା ପାଇଁ ଯାଇଥିବା ବେଳେ ଡାକ୍ତର ତାଙ୍କୁ ଆଡ୍‌ମିଶନ ହେବାକୁ କହିଥିଲେ। ତାଙ୍କ ହାର୍ଟରେ ୪ ସ୍ଥାନରେ ବ୍ଲକେଜ୍ (କରୋନାରୀ ଆଟାରୀ) ରହିଥିଲା। ସୋମବାର ସକାଳେ ଏହାର ସଫଳ ଅସ୍ତ୍ରୋପଚାର ହୋଇଛି। ଏବେ ସେ ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ସାଧାରଣ ୱାର୍ଡକୁ ଅଣାଯିବ ବୋଲି ତାଙ୍କ ଭାଇ ସୁଧିର ପୂଜାରୀ ସୂଚନା ଦେଇଛନ୍ତି। ଏମ୍‌ପି ପୂଜାରୀଙ୍କ ପୂର୍ବରୁ ରକ୍ତଚାପ ରୋଗ ରହିଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ନିୟମିତ ଔଷଧ ଖାଉଥିଲେ। ରବିବାର ସେ ଡାକ୍ତରଙ୍କ ପାଖକୁ ଯାଇଥିବା ସମୟରେ ତାଙ୍କ ରୋଗ ସମ୍ପର୍କରେ ଜଣାପଡିଥିଲା। ଏହି ଖବର ଜାଣିବା ପରେ ସମର୍ଥକ, ଶୁଭେଚ୍ଛୁମାନେ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

# ୨୪ ଦିନର ପୁଅକୁ...

ପ୍ରଥମ ପୃଷ୍ଠାରୁ...


ଅଭିଯୁକ୍ତା ମା'

ଚାଞ୍ଚଲ୍ୟ ଖେଳାଇଦେଇଛି। ପୋଲିସ ଲକ୍ଷ୍ମୀଙ୍କୁ ଗିରଫ କରି ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ଝିଅକୁ ଗାଡ଼ିଆରେ ବୁଡ଼ାଇ ହତ୍ୟା ଅଭିଯୋଗରେ ଲକ୍ଷ୍ମୀ ଜେଲରେ ଥିଲେ। ଦୁଇ ବର୍ଷ ହେବ ସେ ଜାମିନ୍‌ରେ ଆସି ସ୍ୱାମୀଙ୍କ ସହିତ ରହୁଥିଲେ। ୨୪ଦିନ ହେଲା ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ସୋମବାର ଘରେ କେହି ନ ଥିବା ବେଳେ ନିଜର ସନ୍ତାନ ସୋନୁଙ୍କୁ ଜଘନ୍ୟ ଭାବରେ ହାଣି ମୁଣ୍ଡ, ଗଣ୍ଡି ଅଲଗା କରିଦେଇଥିଲେ। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ହତ୍ୟାକାରୀ ମା'ଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ପୋଲିସ ଶିଶୁର ଖଣ୍ଡ ବିଖଣ୍ଡିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତେଲକୋଇ ମେଡିକାଲକୁ ପଠାଇଛି। ଥାନା ଅଧିକାରୀ ବିଜୟ କୁମାର ବିହାରୀ କହିଛନ୍ତି, ୨୦୧୮ରେ ଅଭିଯୁକ୍ତା ମହିଳା ନିଜର କନ୍ୟା ସନ୍ତାନଙ୍କୁ ହତ୍ୟା କରି ଜେଲ ଯାଇଥିଲେ। ଜାମିନରେ ଆସି ଘରେ ଥିଲେ। ଏବେ ନିଜର ନବଜାତ ପୁତ୍ରକୁ ହତ୍ୟା ଅଭିଯୋଗରେ ଗିରଫ କରାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲିଛି। ପୂର୍ବରୁ ଲକ୍ଷ୍ମୀଙ୍କ ଏକ ପୁଅ ଅଛି। ସେ ଏବେ ପ୍ରଥମ ଶ୍ରେଣୀରେ ପଢୁଛନ୍ତି।

# ତେଜସ୍ ର୍ୟାକ୍‌ଯୁକ୍ତ ରାଜଧାନୀ ଏକ୍ସପ୍ରେସ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୧୪।୮ (ଅଭିଜିତ ଦାସ)**





## ଷ୍ଟେଶନ ବିକାଶ କାର୍ଯ୍ୟ ତଦାରଖ କଲେ ରେଳମନ୍ତ୍ରୀ

- ଓଡ଼ିଶାରେ ଗଡ଼ିବ ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍
- ଭାରତୀୟ ରେଳ ବିଶ୍ୱରେ ଏକ ମଡେଲ ହେବ: ଅଶ୍ୱିନୀ ବୈଷ୍ଣବ

ନୂଆ ରୂପ ନେଇଛି ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍। ଅତ୍ୟାଧୁନିକ ତେଜସ୍ ର୍ୟାକ୍‌ଯୁକ୍ତ ରାଜଧାନୀ ଏକ୍ସପ୍ରେସ୍‌କୁ ସୋମବାର ରେଳ, ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର ରେଳ ଷ୍ଟେଶନରେ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ସେହିଭଳି ଷ୍ଟେଶନ ବିକାଶ କାର୍ଯ୍ୟର ତଦାରଖ କରିବା ସହ କାର୍ଯ୍ୟରତ ଶ୍ରମିକଙ୍କ ସୁରକ୍ଷା ଓ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଓଡ଼ିଶାରେ ଦ୍ୱିତୀୟ 'ବନ୍ଦେ ଭାରତ ଏକ୍ସପ୍ରେସ୍ ଗଡ଼ିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି।

ରେଳଯାତ୍ରୀଙ୍କୁ ବିମାନ ଭଳି ସେବା ଯୋଗାଇ ଦେବା ଲକ୍ଷ୍ୟରେ ରେଳ ବିଭାଗ ପକ୍ଷରୁ ଦେଶର ପ୍ରଥମ କରି ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍‌କୁ ତେଜସ୍ ର୍ୟାକ୍‌ଯୁକ୍ତ କରାଯାଇଛି। ଏହା ଘଣ୍ଟା ପ୍ରତି ୧୪୦ରୁ ୧୬୦ କି.ମି. ବେଗରେ ଗତି କରିବା ସହ ଯାତ୍ରୀମାନେ ବିଶ୍ୱସ୍ତରୀୟ ସେବା ପାଇ ପାରିବେ। ଉକ୍ତ ଟ୍ରେନ୍‌ରେ ସ୍ୱୟଂକୃତ ଏକକ ନିୟନ୍ତ୍ରିତ ପ୍ରବେଶ ଦ୍ୱାର ଥିବାବେଳେ ପ୍ରତି କୋଚ୍‌ରେ ୬ଟି ସିସିଟିଭି ରହିଛି। ଏଥିସହ ଇ-ଟଏଲେଟ, ପ୍ୟାନିକ ସୁଇଚ୍, ଫାୟାର ଆଲାରାମ, ବାୟୁର ଗୁଣବତ୍ତା ସେନ୍ସର, ଟ୍ରେନ୍ ୱିଣ୍ଡୋ ମିଟର ରହିଛି। ସେହିପରି ପ୍ରତି କୋଚ୍ ଭିତରେ ଦୁଇଟି ଏଲ୍‌ସିଡି ବ୍ୟବସ୍ଥା ଥିବା ବେଳେ ଯାତ୍ରୀଙ୍କ ପାଇଁ ଘୋଷଣା ଓ ସୂଚନା ପ୍ରଣାଳୀ, ପରବର୍ତ୍ତୀ ଷ୍ଟେଶନର ଆଗମନ-ପ୍ରସ୍ଥାନ ସମୟ ଓ ସୁରକ୍ଷା ସମ୍ବନ୍ଧୀୟ ସୂଚନା ମିଳିବ। ଉନ୍ନତ ସଫେଇ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ଭୁବନେଶ୍ୱରରୁ ଦିଲ୍ଲୀ ଯିବା ମଧ୍ୟରେ ଉକ୍ତ ଟ୍ରେନ୍‌ଟି ୧୩ଟି ସ୍ଥାନରେ ରହଣି କରୁଥିବାବେଳେ ଓଡିଶାରେ କଟକ, ବାଲେଶ୍ୱର ଓ ଭଦ୍ରକ ଷ୍ଟେଶନରେ ଅଟକିବ। ପରବର୍ତ୍ତୀ ସମୟରେ ସମସ୍ତ ରାଜଧାନୀ ସମେତ ଅନ୍ୟ ଏକ୍ସପ୍ରେସ୍‌ଗୁଡ଼ିକୁ ପର୍ଯ୍ୟାୟକ୍ରମେ ଅତ୍ୟାଧୁନିକ କରାଯିବ। ତେବେ ଏହାର ଉଦ୍‌ଘାଟନ ଅବସରରେ ରେଳମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଭାରତୀୟ ରେଳ ବିଦେଶରେ ଏକ ମଡେଲ ଭାବେ ପରିଚିତ ହେବ। ପୂର୍ବରୁ ଦେଶରେ ଆଇସିଏଫ୍ କୋଚ୍,ଏଲ୍‌ଏଚ୍‌ବି କୋଚ୍ ବ୍ୟବହାର କରାଯାଉଥିବାବେଳେ ବର୍ତ୍ତମାନ ତେଜସ୍ କୋଚ୍‌କୁ ଗୁରୁତ୍ୱ ଦିଆଯାଉଛି। ସେହିପରି ଓଡ଼ିଶାରେ ପୁରୀ-ହାୱଡା ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲୁଥିବାବେଳେ ଖୁବ୍‌ଶୀଘ୍ର ଭୁବନେଶ୍ୱରରୁ ରାଉରକେଲାକୁ ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ ଗଡିବ। ଏହି ବନ୍ଦେ ଭାରତ ଏକ୍ସପ୍ରେସ୍ ପଶ୍ଚିମ ଓଡ଼ିଶାକୁ ଯୋଡିବା ସହ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଓ ତାଳଚେର ଷ୍ଟେଶନରେ ରହଣି କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ସମେତ କଟକ, ପୁରୀ ଷ୍ଟେଶନର ବିକାଶ କାର୍ଯ୍ୟ ୪୦ ପ୍ରତିଶତ ସରିଯାଇଥିବା ମନ୍ତ୍ରୀ କହିବା ସହ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଥିଲେ। କଂଗ୍ରେସ ଶାସନ ସମୟରେ ରେଳ ବିଭାଗକୁ ୮୦୦ କୋଟି ବଜେଟ ସହ ବର୍ଷକୁ ୫୩ କିମି ନୂଆ ରେଳ ଲାଇନ୍ ବିଛା ଯାଉଥିଲା। ହେଲେ ମୋଦି ସରକାରଙ୍କ ସମୟରେ ରେଳ ବଜେଟ ୧୦ ହଜାର କୋଟି ଦିଆଯାଉଥିବାବେଳେ ପ୍ରତି ବର୍ଷ ୪୫୯ କିମି ରେଳ ଲାଇନ ବିଛାଯାଉଛି। ସେହିପରି ଟେଲିକମ୍ କ୍ଷେତ୍ରରେ ୨୦୧୪ରେ ୭ ହଜାର ୫୬୨ ଟାୱାର ଥିବାବେଳେ ୨୦୨୩ରେ ଏହି ସଂଖ୍ୟା ୨୬ ହଜାର ୫୧୨କୁ ବୃଦ୍ଧି ପାଇଛି। ଅପ୍‌ଟିକାଲ ଫାଇବର କ୍ଷେତ୍ରରେ ଗତ ୯ ବର୍ଷ ମଧ୍ୟରେ ୧ଲକ୍ଷ ୩୭ ହଜାର କି.ମି. ବିଛାଯାଇଥିବାବେଳେ ବ୍ରଡ୍‌ବ୍ୟାଣ୍ଡ କ୍ଷେତ୍ରରେ ୨ କୋଟି ୨୦ ଲକ୍ଷ ଲୋକ ଯୋଡି ହୋଇଛନ୍ତି। ସେହିପରି ୪ଜି କ୍ଷେତ୍ରରେ ୫ ହଜାର ୩୩୩ଟି ନୂଆ ଟାୱାର ଲଗାଯିବାର ଲକ୍ଷ୍ୟ ରଖାଯାଇଥିବା ରେଳମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଆଗାମୀ ୨୮ ବର୍ଷରେ ମୋଦି ସରକାର ଭାରତକୁ ଏକ ବିକଶିତ ଦେଶ ଭାବେ ପରିଣତ କରିବାକୁ ଯାଉଛନ୍ତି। ଗତ ୯ ବର୍ଷରେ ପ୍ରଧାନମନ୍ତ୍ରୀ ରେଳ ବିଭାଗକୁ ଏକ ନୂତନ ଦିଗ ଦେଇଛନ୍ତି। ପୂର୍ବରୁ ଓଡ଼ିଶାରେ ନୂଆ ରେଳ ଲାଇନ, ରେଳ ଚଳାଚଳ ଲାଗି ଦିଲ୍ଲୀ ଯିବାକୁ ପଡୁଥିବାବେଳେ ବର୍ତ୍ତମାନ ମୋଦି ସରକାର ଏହାକୁ ସହଜ କରିଦେଇଛନ୍ତି। ଓଡିଶାର ପ୍ରତ୍ୟେକ ସ୍ଥାନରେ ରେଳ ଷ୍ଟେଶନ ଥିବାବେଳେ ଷ୍ଟେଶନଗୁଡିକର ନବୀକରଣ କାର୍ଯ୍ୟ ଆରମ୍ଭ କରାଯାଉଛି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଦୁଇ କେନ୍ଦ୍ର ମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହ ଓଡିଶାରେ ରେଳ ଓ ଶିକ୍ଷା କ୍ଷେତ୍ରରେ ଅଧିକ ବିକାଶ କରିବା ପାଇଁ ଅନୁରୋଧ କରିଥିଲେ। ପୂର୍ବତଟ ରେଳ ମହାପ୍ରବନ୍ଧକ ମନୋଜ ଶର୍ମା, ଖୋର୍ଦ୍ଧା ଷ୍ଟେଶନର ଡିଆରଏମ୍ ଏଚ୍‌ଏସ୍ ବାଜ୍‌ୱା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରୁ ୧୭ ଜଣଙ୍କୁ ପୋଲିସ ପଦକ

**ଭୁବନେଶ୍ୱର,୧୪।୮ (ସତ୍ୟଜିତ୍ ରାଉତ)**

ବିଭିନ୍ନ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ଓ ଉଲ୍ଲେଖନୀୟ ସେବା ପାଇଁ ଓଡ଼ିଶାରୁ ୧୭ ଜଣଙ୍କୁ ପୋଲିସ ପଦକ ପ୍ରଦାନ କରାଯିବ। ୭୭ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ସୋମବାର ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖନୀୟ ସେବା ପାଇଁ ରାଜ୍ୟ ପୋଲିସ ମୁଖ୍ୟାଳୟର ଏଡିଜିପି (ମଡର୍ନାଇଜେଶନ୍) ସଞ୍ଜୟ କୁମାର ଓ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ (ବିପିଏସ୍‌ପିଏ)ର ଅତିରିକ୍ତ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କୁ 'ରାଷ୍ଟ୍ରପତି ପୋଲିସ ପଦକ' ମିଳିବ। ସେହିଭଳି ସାହସିକତା ପାଇଁ 'ପୋଲିସ ପଦକ' ପାଇବାକୁ ମନୋନୀତ ପୋଲିସ କର୍ମଚାରୀ ହେଲେ ସୁବେଦାର ପ୍ରହଲ୍ଲାଦ ହିମିରିକା, ଏସ୍‌ଆଇ ସନ୍ତୋଷ କୁମାର ଗୁରୁ, କମାଣ୍ଡୋ ସୁନୀଲ କୁମାର ବରିହା ଓ କନ୍‌ଷ୍ଟେବଲ ସୁଜିତ କୁମାର ରାଣା। ଅନ୍ୟପକ୍ଷରେ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ଉତ୍ତରାଞ୍ଚଳ ଆଇଜିପି ଦୀପକ କୁମାର, ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ(ବିପିଏସ୍‌ପିଏ)ର ଅତିରିକ୍ତ ଏସ୍‌ପି ଅନନ୍ତ ଚରଣ ପତି, କଟକ ଅତିରିକ୍ତ ଏସ୍‌ପି ବେଣୁଧର ନାୟକ, ବ୍ରହ୍ମପୁର ଟାଉନ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ଡିଏସ୍‌ପି ଅମିତା ତ୍ରିପାଠୀ, ମୟୂରଭଞ୍ଜର ସିଆଇ ହାବିଲଦାର କୃଷ୍ଣଚନ୍ଦ୍ର ମହନ୍ତ, ଦେବଗଡ଼ ପୋଲିସ ରିଜର୍ଭ ଅଫିସ୍‌ର କନ୍‌ଷ୍ଟେବଲ ପିଟର ତିର୍କୀ, ଖୋର୍ଦ୍ଧାର ଏଏସ୍‌ଆଇ ଗୁପ୍ତା ପ୍ରସାଦ ମହାନ୍ତି, କନଷ୍ଟେବଲ ସୁଶାନ୍ତ କୁମାର ମାଝୀ, ସମ୍ବଲପୁର ଏସ୍‌ଆଇ (ଆର୍ମଡ୍) ଦିଲୀପ କୁମାର ନାୟକ ଓ ଭୁବନେଶ୍ୱରର ଇନ୍ସପେକ୍ଟର ଉମାକାନ୍ତ ପ୍ରଧାନଙ୍କୁ ପୋଲିସ ପଦକ ପ୍ରଦାନ କରାଯିବ। ତେବେ ପୋଲିସ ପଦକ ପାଇବାକୁ ମନୋନୀତ ସମସ୍ତଙ୍କୁ ରାଜ୍ୟ ପୋଲିସ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ଅଭିନନ୍ଦନ ଜଣାଯାଇଛି।

# ଅଗ୍ନିଶମ, ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ୬ଜଣଙ୍କୁ ପଦକ

**ଭୁବନେଶ୍ୱର,୧୪।୮ (ସତ୍ୟଜିତ୍ ରାଉତ)**

ଅଗ୍ନିଶମ, ହୋମ୍‌ଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଓଡ଼ିଶାର ୬ଜଣଙ୍କୁ ପଦକ ପ୍ରଦାନ କରାଯିବ। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଅଗ୍ନିଶମ ସେବା ବର୍ଗରେ ୩ଜଣ 'ଅଗ୍ନିଶମ ସେବା ପଦକ' ପାଇବାକୁ ମନୋନୀତ ହୋଇଥିବାବେଳେ ସାହସିକତା ପାଇଁ ଓଡ଼ିଶାରୁ ଦେଶର ଏକମାତ୍ର ଫାୟାରମ୍ୟାନ୍ ହେମନ୍ତ କୁମାର ସେଠୀଙ୍କୁ 'ଅଗ୍ନିଶମ ସେବା ପଦକ' ପ୍ରଦାନ କରାଯିବ। ସେହିଭଳି ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ଷ୍ଟେଶନ ଅଫିସର ପ୍ରମୋଦ ଚନ୍ଦ୍ର ଭୂୟାଁ ଓ ଲିଡିଙ୍ଗ୍ ଫାୟାର ମ୍ୟାନ୍ ପୁରୁଷୋତ୍ତମ କୁଅଁରଙ୍କୁ 'ଅଗ୍ନିଶମ ସେବା ପଦକ'ରେ ସମ୍ମାନିତ କରାଯିବ। ଅନ୍ୟପକ୍ଷରେ ହୋମ୍‌ଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ୩ ଜଣଙ୍କୁ ପଦକ ମିଳିବ। ପ୍ରଶଂସନୀୟ ସେବା ପାଇଁ ହୋମଗାର୍ଡ ସୀମାଞ୍ଚଳ ନାୟକ, ପ୍ଲାଟୁନ୍ କମାଣ୍ଡର ଗାୟତ୍ରୀ ସିଂ ଓ ବେସାମରିକ ପ୍ରତିରକ୍ଷା ବର୍ଗର ଭଲ୍ୟୁଣ୍ଟର ନୃସିଂହ ପ୍ରସାଦ ମହାପାତ୍ରଙ୍କୁ 'ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ପଦକ' ପ୍ରଦାନ କରାଯିବ।

ଉଲ୍ଲେଖଯୋଗ୍ୟ, ଅଗ୍ନିଶମ, ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ଦେଶରୁ ମୋଟ ୧୦୧ଜଣ ପଦକ ପାଇବେ। ଏମାନଙ୍କ ମଧ୍ୟରୁ ୫୩ଜଣ ଅଗ୍ନିଶମ ସେବା ପଦକ ଏବଂ ୪୮ ଜଣଙ୍କୁ ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ପଦକରେ ସମ୍ମାନିତ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆବଶ୍ୟକ ଜିନିଷ ନ ଆଣିପାରିବା କାରଣରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତି ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ। ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି। ଉପରିସ୍ଥଙ୍କ ଆଦେଶପ୍ରାପ୍ତପୂର୍ବକ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ**
ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ହେତୁ ଟେନ୍‌ସନ ଲାଗି ରହିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତା ବଢ଼ାଇଦେବ। ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ**
ଆଜି ବିଭିନ୍ନ ଧନ୍ଦା କରିବା ସକାଶେ ସହକର୍ମୀମାନେ ଉତ୍ସାହିତ କରିବେ। ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜିପାରନ୍ତି, ଯାହାକି ଆପଣଙ୍କ ସକାଶେ ହିତକର ହେବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ମାଲିମକଦ୍ଦମାରେ କାର୍ଯ୍ୟ ହାସଲ କରିନେବା ସକାଶେ ନୂତନ ଦିଗ ପ୍ରତି ଚିନ୍ତା କରିପାରନ୍ତି।

**କର୍କଟ**
ଆଜି ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟିହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କ ସକ୍ରିୟତା ବୃଦ୍ଧି ପାଇପାରେ।

**ସିଂହ**
ଆଜି ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଏକା ସାଙ୍ଗରେ ବହୁ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକ ଦେଖାଦେଇପାରେ।

**କନ୍ୟା**
ଟଙ୍କା ବାକି ରଖିଥିବା ଲୋକଟି ଆପଣଙ୍କୁ ଖୋଜି ଖୋଜି ଶେଷରେ ଘରେ ଆସି ଟଙ୍କା ଦେଇଯିବ। ଭୁଲ୍ କାମରୁ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହୋଇପାରେ। ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବା ସମ୍ଭାବନା ରହିଛି। ଗୃହସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିବେ।

**ତୁଳା**
ମନ ଅସ୍ଥିର ରହିବା କାରଣରୁ ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ୍ ଦ୍ରବ୍ୟ ଆଣିପାରନ୍ତି।

**ବିଛା**
ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସଫଳତା ମିଳିପାରେ। ସାଙ୍ଗମାନଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ।

**ଧନୁ**
ବିଭିନ୍ନ ପ୍ରକାର ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ୍ୟ ହେବେ। ପରିବହନ, ଆମଦାନୀ କାରବାର, କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସି ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ।

**ମକର**
ସହକର୍ମୀମାନଙ୍କ ସହୃଦୟତାରୁ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇପାରନ୍ତି। ପ୍ରକାଶନ, ସାହିତ୍ୟ ଚର୍ଚ୍ଚା ଓ ପ୍ରଶାସନିକ ଆଲୋଚନା, ଗଠନମୂଳକ କାମ, କ୍ଷେତ୍ରରୁ ଶୁଭଫଳ ପାଇବେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ୍ ହେବେ। ପାରିବାରିକ ସ୍ତରରେ ଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**କୁମ୍ଭ**
ଆଜିର ସବୁ କାମ ଘାତପ୍ରତିଘାତ ମଧ୍ୟ ଦେଇ ସମ୍ପନ୍ନ ହେବା ସମ୍ଭାବନା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ନିକଟସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୁତ୍ରକନ୍ୟାହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ମୀନ**
ସମସ୍ୟା ସମାଧାନ ହେବା କାରଣରୁ ମାନସିକ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହିବ। ଆର୍ଥିକ ସମସ୍ୟା ସାମୟିକ ଭାବରେ ମନକୁ ଭାରାକ୍ରାନ୍ତ କରିବ। କୌଣସି ବନ୍ଧୁ କିଛି ଖବର ନ ଦେଇ ହଠାତ୍ ଆସିବେ। ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ସଙ୍ଗଠନରେ ସାମୟିକ ସମସ୍ୟା ଲାଗି ରହିବ।

ଆଜି ସ୍ୱାଧୀନତା ଦିବସ, ଶ୍ରୀଅରବିନ୍ଦଙ୍କ ଜୟନ୍ତୀ, ଶ୍ରାବଣ (ମଳ) କୃଷ୍ଣପକ୍ଷ ଚତୁର୍ଦ୍ଦଶୀଯୁକ୍ତ ଅମାବାସ୍ୟା ମଙ୍ଗଳବାର, ଅମାବାସ୍ୟାର ନିଶାପାଳନ, ଅଗଷ୍ଟ ୧୫ ତାରିଖ। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ। ଦିବା ଘ.୦୮।୪୦ ଗତେ, ଘ.୧୦।୩୪ ମଧ୍ୟେ, ଘ.୦୧।୦୭ ଗତେ, ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୦୧ ଗତେ, ଘ. ୦୪।୩୬ ମଧ୍ୟେ ରାହୁକାଳ।

## ନଦୀପଠାରୁ ଗାଈକୁ ଟାଣିନେଲା କୁମ୍ଭୀର

**ବାସୁଦେବପୁର,୧୪।୮(ନାରାୟଣ ପ୍ରସାଦ ବାରିକ୍):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଦେଇ ପ୍ରବାହିତ ମନ୍ତେଇ ନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଛି। ସୋମବାର ନଦୀପଠାରେ ଘାସ ଖାଉଥିବା ଏକ ଗାଈକୁ ଗୋଟିଏ କୁମ୍ଭୀର ନଦୀ ଭିତରକୁ ଟାଣି ନେଇଛି। ଏହାକୁ ନେଇ ନଦୀକୂଳିଆ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଉକ୍ତ ଗାଈଟି ନାୟକାଣିଡିହୀ ଥାନା ଅଧୀନ ବାଲିମେଦ ପଞ୍ଚାୟତ ଛତ୍ରପଦା ଗ୍ରାମର ମକର ମଳିକଙ୍କର। ଗାଈକୁ କୁମ୍ଭୀର ନଦୀକୁ ଟାଣି ନେଉଥିବା ଦେଖି ଗ୍ରାମବାସୀ ଡାକ ପକାଇଥିଲେ। ପରେ ଗ୍ରାମବାସୀ ଏକଜୁଟ ହୋଇଥିବା ବେଳେ କୁମ୍ଭୀରଟି ଗାଈକୁ ଗଭୀର ନଦୀକୁ ଟାଣି ନେଇଯାଇଥିଲା। ସ୍ଥାନୀୟ ଲୋକେ ଏନେଇ ବାସୁଦେବପୁର ଓ ଚାନ୍ଦବାଲି ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ନଦୀ ନିକଟରେ ପହଞ୍ଚିଥିଲେ ମଧ୍ୟ ଗାଈକୁ ଉଦ୍ଧାର କରାଯାଇପାରି ନ ଥିଲା। କୁମ୍ଭୀରଟିର ଲମ୍ବ ୧୦ ଫୁଟ୍‌ରୁ ଉର୍ଦ୍ଧ୍ୱ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେବେ ନଦୀ ନିକଟକୁ ଶୌଚ ହେବାକୁ ନ ଯିବା ସହ ଗୋରୁଙ୍କୁ ନଦୀପଠାକୁ ନ ଛାଡ଼ିବାକୁ ବନ ବିଭାଗ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପରାମର୍ଶ ଦେଇଛି।

## ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

### ୧୬ରୁ ୨୮ ପର୍ଯ୍ୟନ୍ତ ଆବେଦନ

**ଭୁବନେଶ୍ୱର, ୧୪।୮(ଅସମାପିକା ସାହୁ):** ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ୨ ନାମଲେଖା ପାଇଁ ଆସନ୍ତା ୧୬ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ ରାଜ୍ୟରେ ୧,୩୪,୧୨୬ଟି ସିଟ୍ ବଳକା ପଡ଼ିଛି। ଗତ ୧ ତାରିଖରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ବି ଆରମ୍ଭ ହୋଇଛି। କିନ୍ତୁ ସିଟ୍ ପୂରଣ ହୋଇ ନ ଥିବାରୁ ଏବେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା କରିବାକୁ ବିଭାଗ ନିଷ୍ପତ୍ତି ନେଇଛି।




## ଆଉ ୫ଦିନ ବର୍ଷିବ

ଭୁବନେଶ୍ୱର,୧୪।୮(ଅନୁରାଧା ମହାରଣା)

ଦକ୍ଷିଣ ବାଲାଂଦେଶ ଓ ଆଖପାଖ ଅଞ୍ଚଳରେ ୫.୮ କିମି ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ମେଘୁଆ ପାଗ ସହ ବର୍ଷା ହେଉଛି। ତେବେ ୧୫ ତାରିଖରୁ ବର୍ଷା ପରିମାଣ ବଢ଼ିବା ସହ ୫ଦିନ ବର୍ଷିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ମଙ୍ଗଳବାର ରାଜ୍ୟର ସମସ୍ତ ଜିଲାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ୨୦ ଜିଲାର କିଛି ସ୍ଥାନରେ ଝଡ଼ବର୍ଷାର ଆଶଙ୍କା ରହିଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସବୁ ଜିଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ସୋନପୁର, ସମ୍ବଲପୁର ଓ ବଲାଙ୍ଗୀର ରହିଛି। ତେବେ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ଓ ଯାଜପୁରରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୧୬ ତାରିଖରେ ଉତ୍ତର ଓଡ଼ିଶା, ଦକ୍ଷିଣ ଉପକୂଳବର୍ତ୍ତୀ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଘଡଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୭ ତାରିଖରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ଘଡଘଡ଼ି ସହ ବର୍ଷା ହେବ ଓ ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, ସୁନ୍ଦରଗଡ଼, ଦେବଗଡ଼,ବରଗଡ଼, ସୋନପୁର, ବୌଦ୍ଧ ଓ ବଲାଙ୍ଗୀର ଜିଲାର ମଧ୍ୟ କେତକ ସ୍ଥାନରେ ପ୍ରବଳ ବର୍ଷା ନେଇ ସୂଚନା ରହିଛି। ୧୮ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ। ୧୯ ତାରିଖବେଳକୁ ଆଭ୍ୟନ୍ତରୀଣ ଓ ଉପକୂଳବର୍ତ୍ତୀ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ ବୋଲି ସୂଚନା ଦିଆଯାଇଛି।

### ୧୧ ଜିଲାରେ ନିଅଣ୍ଟିଆ, ୧୮ ଜିଲାରେ ସ୍ୱାଭାବିକ ବର୍ଷା

ଜୁନ୍ ୧ରୁ ଅଗଷ୍ଟ ୧୪ ମଧ୍ୟରେ ରାଜ୍ୟରେ ମୋଟ ୬୬୪.୫ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୭୨୪.୮ ମିମିଠାରୁ ଯଥେଷ୍ଟ କମ୍ ରହିଛି। କେବଳ ବୌଦ୍ଧ ଜିଲାରେ ମାତ୍ରାଧିକ ବର୍ଷା ହୋଇଛି। କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଆଦି ୧୧ଟି ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଅବଶିଷ୍ଟ ୧୮ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।









ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା



# ଜେନେରିକ: ନାମକୁ ନେଇ କାମ

ନ୍ୟାଶନାଲ ମେଡିକାଲ କମିଶନ (ଏନ୍ଏମ୍ସି) ପକ୍ଷରୁ ନିକଟରେ ଜେନେରିକ ମେଡିସିନ ବା ଜନଔଷଧି ଉପରେ ନୂଆ ନିୟମାବଳୀ ଜାରି କରାଯାଇଛି। ରୋଗୀଙ୍କ ପାଇଁ ଡାକ୍ତରମାନେ ଜେନେରିକ ମେଡିସିନ ଲେଖିବାକୁ ବାଧ୍ୟ ଓ ଏଥିରେ କୌଣସି ବ୍ୟତିକ୍ରମ ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏପରିକି ଆବଶ୍ୟକ ହେଲେ ସମ୍ପୃକ୍ତ ଡାକ୍ତରଙ୍କ ପ୍ରାକ୍ଟିସ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଏନ୍ଏମ୍ସି ପକ୍ଷରୁ ସତର୍କ କରିଦିଆଯାଇଛି।

ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର। ଏହାର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ରହିଛି। କିନ୍ତୁ ପବ୍ଲିକ୍ ହେଲ୍ଥ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ପିଏଚ୍ଏଫ୍ଆଇ) ପକ୍ଷରୁ ୨୦୧୭ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ସେହି ଗୋଟିଏ ବର୍ଷରେ ସ୍ୱାସ୍ଥ୍ୟଜନିତ ଅତ୍ୟଧିକ ବ୍ୟୟ ଯୋଗୁ ୫ କୋଟି ୫୦ ଲକ୍ଷ ଭାରତୀୟ ଗରିବ ହୋଇଥିଲେ। ସେଥିମଧ୍ୟରୁ ୩ କୋଟି ୮୦ ଲକ୍ଷ ଲୋକ କେବଳ ଔଷଧର ଅଧିକ ମୂଲ୍ୟ ହେତୁ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଇଥିଲେ। ସେହି ଦୃଷ୍ଟିରୁ ଦେଖିଲେ ଏନ୍ଏମ୍ସି ଜନଔଷଧି ଲେଖିବା ଲାଗି ଡାକ୍ତରଙ୍କ ଉପରେ ଚାପ ପକାଇବା ନିଶ୍ଚିତ ଭାବେ ଗ୍ରହଣୀୟ। ମାତ୍ର ଏହାର ଗୁଣବତ୍ତା, ଉପଲବ୍ଧତା ଓ ଗ୍ରହଣୀୟତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଜେନେରିକ ମେଡିସିନ ବୋଇଲେ ମୂଳ ଔଷଧ, ଯାହାର କୌଣସି ବ୍ରାଣ୍ଡ ନାହିଁ କିମ୍ବା ତା' ସହିତ ଟ୍ରେଡ୍ମାର୍କ ସନ୍ନିବେଶିତ କରାଯାଇ ନାହିଁ। ଫଳରେ ଏହାର ମୂଲ୍ୟ ଶସ୍ତା ରହିଛି। ଏହାଠାରୁ ଅପେକ୍ଷାକୃତ ମୂଲ୍ୟଯୁକ୍ତ ହେଉଛି ବ୍ରାଣ୍ଡେଡ୍ ଜେନେରିକ୍ ମେଡିସିନ, ଯେଉଁଥିରେ ମୂଳଔଷଧକୁ କମ୍ପାନୀ ନାମ ଦିଆଯାଇ ବିକ୍ରି କରାଯାଉଛି। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ଔଷଧ ନିର୍ମାତାମାନେ ମୂଳ ଔଷଧୀୟ ଉପାଦାନକୁ ବିଭିନ୍ନ ନାମ ଦେଇ ବ୍ରାଣ୍ଡେଡ୍ ମେଡିସିନ ପ୍ରସ୍ତୁତ କରିଥାଆନ୍ତି, ଯାହାର ମୂଲ୍ୟ ଅଧିକ ରହିଥାଏ। ସେଗୁଡ଼ିକର ପ୍ରଚାର ଓ ପ୍ରସାର ବହୁଳ ମାତ୍ରାରେ ରହିଥିବାରୁ ଜେନେରିକ୍ ଔଷଧ ତୁଳନାରେ ବ୍ରାଣ୍ଡେଡ୍ ମେଡିସିନ ଆଗରେ ରହୁଛି। ଉଦାହରଣ ସ୍ୱରୂପ ଜ୍ୱର ପାଇଁ ପାରାସିଟାମଲ୍ କାମ ଦେଇଥାଏ। ଏଠାରେ ପାରାସିଟାମଲ୍ ହେଉଛି ଜେନେରିକ୍। କିନ୍ତୁ ବ୍ରାଣ୍ଡେଡ ପାରାସିଟାମଲ୍ କହିଲେ କ୍ରୋସିନ୍, କାଲ୍ପଲ, ଡୋଲୋ ଇତ୍ୟାଦିକୁ ବୁଝାଇଥାଏ। କୁହାଯାଏ ପାରାସିଟାମଲ୍ ସେବନ କରି କେତେକେ ଭଲ ହୋଇଥାଆନ୍ତି। ତେବେ ବ୍ୟକ୍ତିର ଶାରୀରିକ ଗଠନକୁ ଦେଖିଲେ ଜେନେରିକ୍ ଅପେକ୍ଷା ବ୍ରାଣ୍ଡେଡ ମେଡିସିନ୍ ରୋଗୀଙ୍କ ପାଇଁ ଉପଯୋଗୀ ବୋଲି ବିଶେଷଜ୍ଞ ମତ ଦେଇଥାଆନ୍ତି। ଦୀର୍ଘବର୍ଷ ଧରି କୌଣସି ନିର୍ଦ୍ଦିଷ୍ଟ ରୋଗରେ ପୀଡ଼ିତଙ୍କ କ୍ଷେତ୍ରରେ ଜେନେରିକ୍ କାମ ଦେବ ବୋଲି ନିଶ୍ଚିତତା ନାହିଁ। ସେହିଭଳି ବ୍ରାଣ୍ଡେଡ ଔଷଧ ମଧ୍ୟ ସବୁବେଳେ କାମ ଦିଏ ନାହିଁ। ଉଦାହରଣ ସ୍ୱରୂପ, କୋଭିଡ୍ ସଂକ୍ରମଣ ସମୟରେ ଡୋଲୋର ବ୍ୟବହାର ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଥିଲା। କିନ୍ତୁ ଅନେକ ପୁରୁଖା ଡାକ୍ତର ଡୋଲୋ ପରିବର୍ତ୍ତେ କ୍ରୋସିନ୍ ପ୍ରେସ୍କ୍ରାଇବ୍ କରୁଥିଲେ। ଅର୍ଥାତ୍ ସବୁ ଔଷଧ ବ୍ୟକ୍ତିବିଶେଷ ଉପରେ ନିର୍ଭର କରେ। ଡାକ୍ତର ତାଙ୍କ ଅଭିଜ୍ଞତା ବଳରେ ଜାଣିଛନ୍ତି ଯେ କିଛି ବ୍ରାଣ୍ଡର ମେଡିସିନ୍ ତା'ର ରାସାୟନିକ ପ୍ରକ୍ରିୟାକରଣ ଯୋଗୁ ଜେନେରିକ୍ଠାରୁ ଭଲ କାମ ଦେଉଛି। ଏବର ସ୍ଥିତି ଦେଖିଲେ ଜେନେରିକ୍ ମେଡିସିନ୍ ନ ଲେଖିଲେ ଡାକ୍ତରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଏନ୍ଏମ୍ସି ଯେଉଁ ନିୟମାବଳୀ ଜାରି କରିଛି, ତାହାଦ୍ୱାରା ଚିକିତ୍ସକମାନେ ବ୍ରାଣ୍ଡେଡ ଔଷଧ ନ ଲେଖିବାକୁ ବାଧ୍ୟ ହେବେ। ଏମିତି ଦେଖିଲେ ଜେନେରିକ୍ ଔଷଧ କ୍ଷେତ୍ରରେ ଗବେଷଣା ଓ ବିକାଶ (ଆର୍ ଆଣ୍ଡ୍ ଡି)କୁ କମ୍ ଗୁରୁତ୍ୱ ଦିଆଯାଉଥିବାରୁ ତାହା ସବୁ ରୋଗୀଙ୍କୁ ଉପଶମ କରି ନ ପାରେ। ତେଣୁ ଏନ୍ଏମ୍ସି ଏସବୁ ଦିଗକୁ ପ୍ରାଧାନ୍ୟ ନ ଦେଇ ଏହାର ବ୍ୟବହାର କଥା କହିଲେ ତା'ର ପ୍ରଭାବ ପଡ଼ିବ ବୋଲି ବିଶ୍ୱାସ ହେଉନାହିଁ। ଅନ୍ୟ ଏକ ଦିଗକୁ ଦେଖିଲେ ବ୍ରାଣ୍ଡେଡ୍ ମେଡିସିନ ଭଳି ଜେନେରିକ୍ ଔଷଧର ଉପଲବ୍ଧତା ବ୍ୟାପକ ହୋଇପାରି ନାହିଁ। ରୋଗୀ ମଧ୍ୟ ଏହାକୁ ସହଜରେ ପାଇପାରୁ ନ ଥିବାରୁ ଓଲଟି ଡାକ୍ତରଙ୍କୁ ବ୍ରାଣ୍ଡେଡ ମେଡିସିନ ଲେଖିବାକୁ ନିବେଦନ କରୁଛନ୍ତି। ଅପରପକ୍ଷରେ ଔଷଧ ଦୋକାନୀ ବା ଫାର୍ମାସିଷ୍ଟ ଜେନେରିକ୍ ମେଡିସିନର ପ୍ରେସ୍କ୍ରିପ୍ଶନ ଧରି ଆସିଥିବା ବ୍ୟକ୍ତିଙ୍କୁ ଏହାର ଉପଲବ୍ଧତା ନ ଥିବା ସ୍ଥଳେ ବିକଳ୍ପ ନେବା ଲାଗି ପ୍ରବର୍ତ୍ତାଇଥାଆନ୍ତି। ଏବେ ଜେନେରିକ୍ର ବିଶ୍ୱସନୀୟତା ବା ଗ୍ରହଣୀୟତା କଥା ଉଠୁଛି। ସାଧାରଣରେ ଦେଖାଯାଇଥାଏ ଯେଉଁ ଦୋକାନରେ ଅଧିକ ଭିଡ଼ ହୋଇଥାଏ, ସେଠାରେ ଭଲ ଜିନିଷ ମିଳେ ବୋଲି ଗ୍ରାହକ ଧରିନେଇଥାନ୍ତି। ଅନୁରୂପ ଚିନ୍ତା ମେଡିସିନ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଏ। ନିରାମୟ କେନ୍ଦ୍ର ବା ଯେଉଁଠାରେ କେବଳ ଜନଔଷଧି ମିଳୁଛି ତାହାର ଅବସ୍ଥିତି ଏମିତି ଜାଗାରେ ରହୁଛି, ତାହାକୁ ଖୋଜିପାଇବା କଷ୍ଟକର।

ଉପରଲିଖିତ ବିନ୍ଦୁଗୁଡ଼ିକୁ ପ୍ରାରମ୍ଭିକ ସ୍ତରରେ ତର୍ଜମା କରାଯାଇ ଜନଔଷଧିର ସାର୍ବଜନୀନତା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଭିତ୍ତିଭୂମି ବିକାଶ, ଆର୍ ଆଣ୍ଡ୍ ଡି କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ, ଜନସଚେତନତା ସହ ସ୍ଥଳବିଶେଷରେ ରୋଗର ଗମ୍ଭୀରତାକୁ ଦେଖାଯାଇ ଡାକ୍ତର ଔଷଧ ପ୍ରେସ୍କ୍ରାଇବ୍ କରିବା ଉଚିତ। ଡାକ୍ତରଙ୍କ ଉପରେ ଚାପ ପକା ନ ଯାଇ ବରଂ ଡାକ୍ତରୀ ପରାମର୍ଶ ନିଆଯାଇ ଜନଔଷଧିର ଗ୍ରହଣୀୟତାକୁ କିଭଳି ବଢ଼ାଯାଇପାରିବ ସେହି ଦିଗରେ ଏନ୍ଏମ୍ସି ଦୃଷ୍ଟି ଦେବା ଦରକାର।

# ଶ୍ରୀଅରବିନ୍ଦଙ୍କ ଆବିର୍ଭାବର ଆହ୍ୱାନ



ବିମଳ ପ୍ରସନ୍ନ ଦାସ

୧୫ ଅଗଷ୍ଟ ୧୮୭୨ ଋଷି ଶ୍ରୀଅରବିନ୍ଦଙ୍କ ପବିତ୍ର ଆବିର୍ଭାବ ଦିବସ। ଏହି ପୁଣ୍ୟ ତିଥିର ମହିମା ପ୍ରତିପାଦିତକରି ଦିବ୍ୟ ଜନନୀ ଶ୍ରୀମା ଏହାକୁ ଶାଶ୍ୱତଙ୍କ ଜନ୍ମ ଭାବରେ ଅବିହିତ କରିଛନ୍ତି ଓ ଏହାର ତାତ୍ପର୍ଯ୍ୟ ବୁଝାଇ ଦେଇଛନ୍ତି। ତାହା ହେଲା:–

୧) ଭୌତିକ ଦୃଷ୍ଟିରୁ ସଂସାର ଲାଗି ଏହି ଜନ୍ମର ଏକ ଶାଶ୍ୱତ ମହତ୍ତ୍ୱ ରହିଛି ଓ ରହିବ।

୨) ମାନସିକ ଦୃଷ୍ଟିରୁ ଏହା ଏପରି ଏକ ଜନ୍ମ ଯାହା ବିଶ୍ୱ ଇତିହାସରେ ଚିରସ୍ମରଣୀୟ ହୋଇ ରହିବ।

୩) ଚୈତିକ ଦୃଷ୍ଟିରୁ ଏହା ଏପରି ଏକ ଜନ୍ମ ଯାହା ଚିରକାଳ ପାଇଁ ପ୍ରତି ଯୁଗରେ ବାରମ୍ବାର ପୃଥିବୀ ପୃଷ୍ଠରେ ପୁନରାବୃତ୍ତି କରୁଥିବ।

୪) ଆଧ୍ୟାତ୍ମିକ ଦୃଷ୍ଟିରୁ ଏହା ହେଉଛି ପୃଥିବୀ ପୃଷ୍ଠରେ ପରମ ଓ ଶାଶ୍ୱତଙ୍କର ଶାଶ୍ୱତ ଆବିର୍ଭାବ। ଶ୍ରୀମାଙ୍କ ଏହି ଅନୁପମ ଭକ୍ତି ଇତିହାସ ପୃଷ୍ଠରେ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ବର୍ତ୍ତମାନ ତଥା ଭବିଷ୍ୟତ ମାନବ ସମାଜ ପାଇଁ ଏହା ଏକ ଚିରନ୍ତନ ଆହ୍ୱାନ।

୧୫ ଅଗଷ୍ଟ ୧୯୪୭ ସ୍ୱାଧୀନ ଭାରତର ପୁଣ୍ୟ ଜନ୍ମତିଥି। ଯୁଗପୁରୁଷଙ୍କ ଜନ୍ମତିଥିରେ ଏକ ସ୍ୱାଧୀନ ରାଷ୍ଟ୍ରର ପ୍ରତିଷ୍ଠାହେବା କେବଳ ଏକ ଆକସ୍ମିକତା ନ ହୋଇ ପାରେ। ଦେଶ, କାଳ, ପାତ୍ରର ବ୍ୟାପ୍ତି ଭିତରେ ତାହା ହୋଇପାରେ ଏକ ବିସ୍ମୟ, ଏକ ଆଲୌକିକତା। ୧୫ ଅଗଷ୍ଟ, ୧୮୭୨ ଓ ୧୫ ଅଗଷ୍ଟ ୧୯୪୭ ଏ ମଧ୍ୟରେ ୭୫ ବର୍ଷର ବ୍ୟବଧାନ। ୭୫ ବର୍ଷ ଅବଧି ହୁଏତ ଏକ ସମ୍ଭାବନାର ବହୁ ସଂଘାତ ଓ ସଂଘର୍ଷ ମଧ୍ୟରେ ଅପେକ୍ଷାକରି ରହିଥିଲା ଅନିବାର୍ଯ୍ୟ ଭାବରେ ପ୍ରକଟ ହେବା ପାଇଁ। ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଭାରତ, ନଦୀ, ଗିରି, ବନ, ପାହାଡ଼, ପର୍ବତ ଓ କାନ୍ତାରର ସମାହାର କିମ୍ବା ୪୦ କୋଟି ଲୋକଙ୍କର ଅଧ୍ୟୁଷିତ ଭୂମି ନୁହେଁ। ଏହା ଏକ ଅଖଣ୍ଡ ସଂସ୍କୃତିର ପ୍ରବହମାନ ଧାରା। ତା'ର ବିକାଶଶୀଳ ଆତ୍ମା, ଏକ ବିବିଧବର୍ଣ୍ଣା, ପ୍ରଜ୍ଞାମୟୀ, ମମତାମୟୀ, ସମ୍ବେଦନଶୀଳା, ପୁଣ୍ୟମୟୀ ମା'। ତା'ର ଗୌରବପୂର୍ଣ୍ଣ ଅତୀତକୁ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ସହ ସଂଯୁକ୍ତ କରୁଥିବା ତାଙ୍କର ଆଧ୍ୟାତ୍ମିକ ଉପଲବ୍ଧି ତାଙ୍କ ତପସ୍ୟାର ଫଳଶ୍ରୁତି। ୧୫ ଅଗଷ୍ଟରେ ଭାରତ ସ୍ୱାଧୀନ ହେବା ତା'ର ସ୍ଥୂଳ ପରିପ୍ରକାଶ। ଏହି ପବିତ୍ର ଐତିହାସିକ ଦିବସ ବିରଳ ଗୌରବ ବହନ କରିଛି ଯେତେବେଳେ ରାଷ୍ଟ୍ର ତଥା ରାଷ୍ଟ୍ରନାୟକମାନଙ୍କର ଯୁଗ୍ମ ଜୟନ୍ତୀ ପାଳିତ ହେଉଥିବ।

ଶ୍ରୀଅରବିନ୍ଦ ଜଣେ ବିରଳ ପ୍ରଜ୍ଞା ପୁରୁଷ। ଭାରତ ଏବଂ ଭାରତୀୟତାକୁ ବୈଦିକ ଯୁଗରୁ ଅନାଗତ ଭବିଷ୍ୟତ ପର୍ଯ୍ୟନ୍ତ ବିସ୍ତୃତ ପରିସର ଭିତରେ ସେ ହିଁ ଆବିଷ୍କାର କରିଥିଲେ ଓ ଅଭିବ୍ୟକ୍ତ କରିଥିଲେ। ତାଙ୍କ ଦିବ୍ୟଦୃଷ୍ଟିରେ ଭାରତୀୟତା ଏକ ବିସ୍ତୃତ ଚେତନା। ଏକ ବିଶାଳ ଆତ୍ମା ଏବଂ ସେ ସ୍ୱୟଂ ତାର ପ୍ରତିଭୂ। ତାଙ୍କୁ ଅଭିବ୍ୟକ୍ତ କରି ଶ୍ରୀମା ଯଥାର୍ଥରେ କହିଛନ୍ତି, 'ଶ୍ରୀଅରବିନ୍ଦଙ୍କୁ କିଏ ବୁଝିପାରିବ ସେ ତ ବିଶ୍ୱ ଭଳି ବିଶାଳ ଏବଂ ଅସୀମ ଓ ଅନନ୍ତ ତାଙ୍କର ବାର୍ତ୍ତା। ସେ ବୈରାଗୀ, ବନଚାରୀ ବା ସନ୍ନ୍ୟାସୀ ନୁହନ୍ତି। ସେ ହିଁ ମୁକ୍ତି ସଂଗ୍ରାମର ମହାସଙ୍ଗୀତ 'ବନ୍ଦେ ମାତରମ୍'ର ଆଗ୍ନେୟ ଆହ୍ୱାନ। ଉତ୍ସାହ ଓ ଉଦ୍ଦୀପନାର ଅଫୁରନ୍ତ ଉତ୍ସ। ସେ ମହାଯୋଗୀ, ଜ୍ଞାନ, ଭକ୍ତି ଓ କର୍ମର ଅପୂର୍ବ ସମନ୍ୱୟପୂର୍ଣ୍ଣ ଯୋଗର ପବିତ୍ର ତ୍ରିବେଣୀ ସଂଗମ। ସେ ହିଁ ଭବିଷ୍ୟତ ଜଗତ ଓ ଜୀବନର ରୂପକାର–ଧରାବକ୍ଷରେ ଦେବ–ଜୀବନର ବାର୍ତ୍ତାବହ। ଶ୍ରୀମାଙ୍କ ଅନୁପମ ଭକ୍ତି 'ଶ୍ରୀଅରବିନ୍ଦଙ୍କ ବାଣୀ ଅମ୍ଳାନ ସୂର୍ଯ୍ୟାଲୋକ ସଦୃଶ ଭବିଷ୍ୟତକୁ ଉଦ୍ଭାସିତ କରେ'। ସମଗ୍ର ବିଶ୍ୱ ଏକମାତ୍ର ଆଦି ଚେତନାର ପ୍ରବାହ। ସେ ହିଁ ଚେତନାର କ୍ରମ ବିକାଶ, ଅବିଭକ୍ତ ଆତ୍ମହାର ଉତ୍ତରଣ ଓ ଅବତରଣ। ଜଡ଼ରୁ ଜୀବନ, ପ୍ରାଣ, ମନ ଓ ଅତିମାନସ – ଏ ସବୁର ନିଶ୍ଚିତ ପ୍ରତିଶ୍ରୁତି ସେ ରଖିଯାଇଛନ୍ତି। ଚୈତନ୍ୟ ପୁରୁଷଙ୍କ ଜାଗରଣ, ମନ, ପ୍ରାଣ, ଶରୀରର ବିବର୍ତ୍ତନ ଏ ସମସ୍ତ ରହସ୍ୟ ତାଙ୍କ ଦିବ୍ୟଦୃଷ୍ଟିରେ ଉନ୍ମୋଚିତ ହୋଇଛି। ଅତିମାନସ ଶକ୍ତିର କ୍ରିୟା ଫଳରେ ଆଜିର ଅର୍ଦ୍ଧପଶୁବତ ମଣିଷ ଦିବ୍ୟ ସ୍ୱରୂପ ଧାରଣ କରିବ, ଏ ପୃଥିବୀ ଦିବ୍ୟ ମାନବ ଦ୍ୱାରା ଅଧ୍ୟୁଷିତ ହେବ, ଏହା ସେ ବଜ୍ର ଗମ୍ଭୀର ସ୍ୱରରେ ସେ ଘୋଷଣା କରିଯାଇଛନ୍ତି। ଅତିମାନସ କ୍ରିୟା ଫଳରେ ଏ ମଣିଷ ଦିବ୍ୟ ମାନବର ରୂପାନ୍ତରିତ ହୋଇଯିବ। ମୃତ୍ୟୁର ସନ୍ତାନ ବୁଝିପାରିବ ସେ ହିଁ 'ଅମୃତର ସନ୍ତାନ'। ତାହାହିଁ ଋଷିପ୍ରାଣର ଉଦ୍‌ଘୋଷଣା 'ଶୃଣନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ'। ଶ୍ରୀଅରବିନ୍ଦ 'ଦିବ୍ୟଜୀବନ ଗ୍ରନ୍ଥ'ରେ ୬୮୪–୮୫ ପୃଷ୍ଠାରେ ଏହା ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଏହି ଭକ୍ତି ହିଁ ମୃତ୍ୟୁ ଦେବତାଙ୍କ ପ୍ରଶ୍ନର ମା' ସାବିତ୍ରୀଙ୍କ ଯଥାର୍ଥ ଉତ୍ତର। ସତ୍ୟବାନ୍ଙ୍କ ଜୀବନ ଫେରାଇ ଦେବାପାଇଁ ମା' ଦାବି କଲାରୁ ଯମରାଜ ଅତ୍ୟନ୍ତ ବିଦ୍ରୂପକରି କହିଲେ, ''ଏଇ ଦୁଇଗୋଡ଼ିଆ ଲଙ୍ଗଳା, ଫୁଙ୍ଗୁଳା କୀଟ ଯାହାକୁ କହ ମଣିଷ ତା' ଦେହ ଓ ମୁହଁରେ ଦେବତାର ସ୍ୱରୂପ କିଏ ଦେଖିବ? ('ସାବିତ୍ରୀ' ୬୩୪ ପୃଷ୍ଠା)

ଶ୍ରୀଅରବିନ୍ଦ ଏକ କ୍ରାନ୍ତିର ଦିଗନ୍ତ। ତାଙ୍କ ଭବିଷ୍ୟତର ମହାକାବ୍ୟ, 'ସାବିତ୍ରୀ' ଯୋଗମାର୍ଗ ବିଭୂତିର ସଂହିତା। ତାଙ୍କ ଦିବ୍ୟଜୀବନ ଗ୍ରନ୍ଥ (Life Divine), ଯୋଗ ସମନ୍ୱୟ (Synthesis of Yoga),ବେଦର ରହସ୍ୟ (Secrets of Veda)), ଗୀତା ନିବନ୍ଧମାଳା (Essays on the Gita), ଭାରତୀୟ ସଂସ୍କୃତିର ମୂଳାଧାର (Foundation of Indian Culture), ଯୋଗ ପତ୍ରାବଳି (Letters on Yoga) ପ୍ରଭୃତି ଗ୍ରନ୍ଥରେ ଜଗତ ଓ ଜୀବନର ଅବିସ୍ମରଣୀୟ ଅତୀତ ସହ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ଉନ୍ମୋଚିତ ହୋଇଛି। ଶ୍ରୀଅରବିନ୍ଦ ଉଦାତ୍ତ କଣ୍ଠରେ ଘୋଷଣା କରିଛନ୍ତି ଭାରତର ସ୍ୱଧର୍ମ ଓ ସ୍ୱଭାବର ପ୍ରତିଷ୍ଠା ସେ ପ୍ରତ୍ୟକ୍ଷ କରିଛନ୍ତି ଏକ ମହତ୍ତର ଅତିମାନସ ମାନବୋତ୍ତର ପ୍ରାଣୀର ଆବିର୍ଭାବ ଏବଂ ସାମ୍ପ୍ରତିକ ସମୟର ଗ୍ଲାନି, ହିଂସା, ଦ୍ୱେଷ ଓ ଅତ୍ୟାଚାର ସତ୍ତ୍ୱେ ଏକ ନୂତନ ଯୁଗର ଆଗମନୀ। ଅନ୍ଧକାର ଓ ନିଶ୍ଚେତନା ଉପରେ ବିଜୟ ଲାଭ କରିଥିବା ଦିବ୍ୟଚେତନାର ଅଭ୍ୟୁଦୟ। ମଣିଷର ସମ୍ଭାବନାମୟ ଭବିଷ୍ୟତ ସମ୍ପର୍କରେ ସେ ପ୍ରଚଣ୍ଡ ଆଶାବାଦୀ। ଏକ ଗୌରବୋଜ୍ଜ୍ୱଳ ଭବିଷ୍ୟତର ସେ ଉଦ୍‌ଗାତା। ଚୈତନ୍ୟମୟ ଦିବ୍ୟ ଆଲୋକର ସେ ଅଭ୍ରାନ୍ତ ପ୍ରବକ୍ତା। ତାଙ୍କର ବାଣୀ ଓ ରାଶି ରାଶି ରଚନା ପାଠ କଲେ ମଣିଷ ଆଶାୟୀ ହୁଏ, ଆଶ୍ୱସ୍ତ ହୁଏ ଯେ ଏ ସଭ୍ୟତାର ଉତ୍ତରଣ, ଅଟକି ଯିବ ନାହିଁ ଏ ପୃଥିବୀ ଧ୍ୱଂସ ପାଇବ ନାହିଁ। ବିଶ୍ୱାସ ଓ ବାସ୍ତବତା, ସଂସାର ଓ ଈଶ୍ୱର ମଧ୍ୟରେ ରହି ଆସିଥିବା ଯୁଗ ଯୁଗର ବ୍ୟବଧାନର ସେ ସଫଳ ତଥା ସାର୍ଥକ ସଂଯୋଜକ। ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ଶ୍ରୀଚୈତନ୍ୟ ଓ ନାନକ ପ୍ରଭୃତି ଯେତେ ଅବତାର ଓ ସିଦ୍ଧ ସାଧକଙ୍କର ପ୍ରବାଦ ଓ ପ୍ରବଚନ ରହିଛି ସେ ଠିକ୍ ସେପରି ନୁହନ୍ତି ବା ସେସବୁ ସହ ଏକ ସଂଯୋଜନ ନୁହନ୍ତି। ସେ ସ୍ୱତନ୍ତ୍ର ଓ ବିରଳ।

ତାଙ୍କର ସିଦ୍ଧାନ୍ତ ସାମ୍ପ୍ରତିକ ଅମାନୁଷିକତାର ମଣିଷ ଜାତିକୁ ଅତି ମାନସିକତା ଆଡ଼କୁ ନେଇଯାଉ ଆଜି ସେ ମହାମାନବ ଯୁଗପୁରୁଷ, ମହାଯୋଗୀଙ୍କ ୧୫୧ତମ ପବିତ୍ର ଜନ୍ମତିଥିରେ ଅଗଣିତ ପାଠକ ପାଠିକାମାନଙ୍କ ସହ ଆମେ ତାଙ୍କ ପାଦପଦ୍ମରେ କୋଟି ପ୍ରଣାମ ନିବେଦନ କରୁଛୁ। 'ବନ୍ଦେ ମାତରମ୍'

ମୋ: ୯୪୩୮୧୮୬୨୨୬



# ସ୍ୱାଧୀନତା କାହିଁ



ବିଚିତ୍ର ବିଶ୍ୱାଳ

ସ୍ୱାଧୀନତାର ୭୬ବର୍ଷ ପରେ ଆମେ କ'ଣ ଛାତିରେ ହାତ ଦେଇ କହିପାରିବା ଯେ, ଆମ ନିର୍ବାଚିତ ପ୍ରତିନିଧିଙ୍କୁ ପ୍ରଶ୍ନ ପଚାରିବାର ଅଧିକାର ଆମର ଅଛି? ସ୍ୱାଧୀନତା ଅର୍ଥ ସାଧାରଣ ଲୋକ ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ବିନା ଭୟରେ ସମାଲୋଚନା କରିପାରିବେ ଓ ତା' ବିରୋଧରେ ମତ ରଖିପାରିବେ। କିନ୍ତୁ ଆଜି ବିରୋଧ କରୁଥିବା ବା ଭିନ୍ନମତ ପୋଷଣ କରୁଥିବା ଲୋକଙ୍କୁ ଦେଶଦ୍ରୋହୀର ଆଖ୍ୟା ଦିଆଯାଉଛି। ନେତାମାନେ ଏତେ ସୁରକ୍ଷାର ବଳୟ ଭିତରେ ରହୁଛନ୍ତି ଯେ, ସାଧାରଣ ଲୋକଟିଏର ଛାଇ ବି ତାଙ୍କ ଉପରେ ପଡ଼ିପାରିବ ନାହିଁ। ପ୍ରଶ୍ନ ପଚାରିବା ତ ଦୂରର କଥା।

ଯେତେବେଳେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭକରି ବ୍ଲକ୍, ଜିଲା ଓ ସଚିବାଳୟ ପର୍ଯ୍ୟନ୍ତ ସ୍ୱାଧୀନତା ଦିବସ ପାଳନ କରାଯାଉଛି, ସେତେବେଳେ ଆମେ ଦେଖୁଛେ, ଶାସନର ପ୍ରତ୍ୟେକ ସ୍ତରରେ ପିସି ରାକ୍ଷସ ନିଜର କାୟା ବିସ୍ତାରକରି ବସିଛି। ବିନା ଲାଞ୍ଚରେ ବା ପିସିରେ ସାଧାରଣ ଲୋକଙ୍କ କିଛି କାମ ହେଉନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସାଧାରଣ ଲୋକମାନେ ଶୋଷଣର ଶିକାର ହେଉଛନ୍ତି। ତା'ହେଲେ ସାଧାରଣ ଲୋକଙ୍କ ସ୍ୱାଧୀନତା କାହିଁ?

ଧର୍ମ ନାମରେ ଦେଶର ଭିନ୍ନ ଭିନ୍ନ ପ୍ରାନ୍ତରେ ଜଳୁଥିବା ନିଆଁକୁ ଆମେ ଦେଖୁଛେ। ଆଜି ପରିସ୍ଥିତି ଏମିତି ହୋଇଛି ଯେ, ନେତାଙ୍କ ଛତ୍ରଛାୟା ତଳେ ଧର୍ମର ଠିକାଦାରମାନେ ଯୁବକମାନଙ୍କୁ ମାରଣାସ୍ତ୍ର ଧରି ହିଂସାକରିବା ପାଇଁ ଉସୁକାଉଛନ୍ତି। ଲକ୍ଷ ଲକ୍ଷ ସାଧାରଣ ଲୋକ ଏଭଳି ହିଂସାର ଶିକାର ହେଉଛନ୍ତି। କେବଳ ଧର୍ମ ନୁହେଁ, ଜାତି ନାଁରେ ଦେଶରେ ହିଂସା ଘଟଣା କମିନାହିଁ। ଏହା କଦାପି ଗୋଟେ ଦେଶର ସ୍ୱାଧୀନତାର ପରିଚୟ ନୁହେଁ। ଅସଲ ସ୍ୱାଧୀନତା ହେଉଛି, ତଥାକଥିତ ଧର୍ମର ଠିକାଦାରଙ୍କ କବଳରୁ ସାଧାରଣ ଜନତା ମୁକ୍ତହେବା ଓ ନିଜ ବିବେକାନୁମୋଦିତ ଭାବେ ଶାନ୍ତି ଓ ଅହିଂସାପୂର୍ଣ୍ଣ ଜୀବନଯାପନ କରିବା। ଜାତିବାଦର କଳଙ୍କିତ ଶିକୁଳିରୁ ମୁକ୍ତ ନ ହେବା ଯାଏ, ସାଧାରଣ ଲୋକଙ୍କ ପାଇଁ କ'ଣ ସ୍ୱାଧୀନତା ଆସିଛି ବୋଲି କହିହେବ?

ଗରିବ ସାଧାରଣ ଲୋକଙ୍କୁ ଖାଦ୍ୟ ଉପରେ ଦିଆଯାଉଥିବା ରିହାତିକୁ ରାବିଡ଼ି ସଂସ୍କୃତି କୁହାଯାଉଥିବାବେଳେ ପୁଞ୍ଜିପତିମାନଙ୍କୁ ଲକ୍ଷ ଲକ୍ଷ କୋଟିଟଙ୍କା ରିହାତି ଦେବା କ'ଣ ସ୍ୱାଧୀନତା? ସାଧାରଣ ଚାଷୀଟିଏ ୧୦ ହଜାର ଟଙ୍କା ଋଣ ସୁଝି ନ ପାରି ଆତ୍ମହତ୍ୟା କରୁଛି ନ ହେଲେ ତାଙ୍କ ଘରକୁ ବ୍ୟାଙ୍କ୍ ବାଉନ୍ସର ପଠାଉଛି। କିନ୍ତୁ ଅତି ଧନୀମାନେ କୋଟି କୋଟି ଟଙ୍କା ଋଣ କରି ବ୍ୟାଙ୍କ୍ ଦ୍ୱାରା ଛାଡ଼ ପାଇଯାଉଛନ୍ତି ନ ହେଲେ ବିଦେଶକୁ ଫେରାର ହୋଇଯାଉଛନ୍ତି। ସାଧାରଣ ଲୋକଙ୍କ ଜୀବନ ଜୀବିକା ପାଇଁ ପ୍ରଯୁଜ୍ୟ ଏମ୍ଜିଏନ୍ଆର୍ଇଜିଏସ୍ ଯୋଜନାର ବ୍ୟୟ ଅଟକଳକୁ କମ୍ କରିଦିଆଯାଉଛି। ତା'ହେଲେ ଏ ସ୍ୱାଧୀନତା କାହା ପାଇଁ?

ଯଦି ଆମ ଦେଶରେ ଆମେ ନାଉରି,ଆମେ ଚଳାଉଛୁ ଦେଶ ଆମରି– ତେବେ ଗୋଟିଏ ପରେ ଗୋଟିଏ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇ କମ୍ପାନୀ ହାତକୁ ଟେକି ଦିଆଯାଉଛି କାହିଁକି? ଆମ ଦେଶର ରେଳଷ୍ଟେଶନଠୁ ଆରମ୍ଭ କରି ବିମାନ ବନ୍ଦର ଯାଏ ସବୁ ଘରୋଇ କମ୍ପାନୀଙ୍କ ହାତକୁ ଟେକି ଦିଆଯାଉଛି କାହା ସ୍ୱାର୍ଥରେ।



ରେଳସେବାଠୁ ଆରମ୍ଭକରି ବିମାନ ସେବା ପର୍ଯ୍ୟନ୍ତ ସବୁ କିଛି ଘରୋଇକରଣ ହୋଇଗଲେ ଏହାର କ୍ଷତି କେବଳ ସାଧାରଣ ଲୋକମାନଙ୍କୁ ସହିବାକୁ ପଡ଼ିବ। ଏହା କ'ଣ ନିଶ୍ଚିତ ହୋଇସାରିଛି ଯେ, ଏହି ସ୍ୱାଧୀନତାରେ ସାଧାରଣ ଲୋକମାନେ ନାହାନ୍ତି।

ସ୍ୱାଧୀନତା କ'ଣ ସରକାରୀ ଡାକ୍ତରଖାନାକୁ ଅବହେଳା କରି କେବଳ ଘରୋଇ ଡାକ୍ତରଖାନା ନିର୍ମାଣକୁ ପ୍ରୋତ୍ସାହନ ଦେବା। ଡାକ୍ତରଖାନାକୁ ଉନ୍ନତି କରା ନ ଯାଇ ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମାର ବ୍ୟବସ୍ଥା କରାଯାଉଛି, ଯାହାର ଅସଲ ଲାଭ ନେଉଛନ୍ତି ବୀମା କମ୍ପାନୀ। କେବଳ ସ୍ୱାସ୍ଥ୍ୟ ନୁହେଁ, ଶିକ୍ଷାକ୍ଷେତ୍ରରୁ ବି ସରକାର ଧୀରେ ଧୀରେ ନିଜ ହାତ କାଢ଼ି ସାରିଲେଣି। ସରକାରୀ ସ୍କୁଲ, କଲେଜ ଆଦିକୁ ଅବହେଳା କରାଯାଇ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ପଥ ପ୍ରଶସ୍ତ କରାଯାଉଛି। ଇଏ କେମିତିକା ସ୍ୱାଧୀନତା, ଯେଉଁଠି ନିତ୍ୟବ୍ୟବହାର୍ଯ୍ୟବସ୍ତୁର ଦରଦାମ୍ ହୁ ହୁ ହୋଇ ବଢ଼ିଚାଲୁଥିବାବେଳେ ଆମ ନେତାମାନେ କହୁଛନ୍ତି ପିଆଜ ନ ଖାଇଲେ ମରିଯିବନି ନ ହେଲେ ଟମାଟୋ ଖାଇବା ଛାଡ଼ିଦିଅ!

ଚାଷୀଙ୍କୁ ତାଙ୍କ ଉତ୍ପାଦନର ଉଚିତ ମୂଲ୍ୟ ମିଳୁନାହିଁ। ଫସଲର କ୍ଷତିପୂରଣ ରାଶି ଦିଆଯାଉନାହିଁ। ଯାହାବି ଦିଆଯାଉଛି ତାହା ତାଙ୍କୁ ପରିହାସ କରିବା ପରି। ଯଦି ଦେଶରେ ଏ ଯାଏ ଯଥେଷ୍ଟ ସଂଖ୍ୟକ ଶୀତଳଭଣ୍ଡାର ବା ଗୋଦାମଗୃହ କରାଯାଇପାରିଲା ନାହିଁ, ଜମିକୁ ପାଣି ଯୋଗାଇ ଦିଆଯାଇପାରିଲା ନାହିଁ, ତା'ହେଲେଏହା ଚାଷୀମାନଙ୍କ ପାଇଁ କି ସ୍ୱାଧୀନତା? ଚାଷୀଙ୍କୁ ଋଣ ନାମରେ ଯେଉଁ ଭାଲୁଲାଙ୍ଗୁଡ଼ ଧରେଇ ଦିଆଯାଉଛି ତା'ର ଲାଭ କେବଳ କୃଷିକ୍ଷେତ୍ରରେ ଜଡ଼ିତ କମ୍ପାନୀ ହିଁ ପାଉଛନ୍ତି। ଚାଷୀଙ୍କ ପାଖରୁ ତାଙ୍କ ଦେଶୀବିହନ ବୁଡ଼ିଯାଇଛି। ଚାଷକରିବା ପାଇଁ ଚାଷୀ କମ୍ପାନୀ ଉପରେ ନିର୍ଭରଶୀଳ। ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀର ଚୁଟିକୁ କମ୍ପାନୀ ହାତରେ ଧରେଇଦେବା ପାଇଁ ଯୋଜନା ଆଣୁଛନ୍ତି।

ଆମ ଦେଶରେ ଚନ୍ଦ୍ରକୁ ଯାନ ଯାଉଛି କିନ୍ତୁ ଏବେ ବି ଦେଶରେ ଗର୍ଭବତୀ ମହିଳାମାନେ ଭାରରେ ବୁହାହେଉଛନ୍ତି। ୪୦ ଭାଗରୁ ଅଧିକ ଶିଶୁ ଅପପୁଷ୍ଟିର ଶିକାର। ୫୦ ପ୍ରତିଶତରୁ ଅଧିକ ମହିଳା ରକ୍ତହୀନତାର ଶିକାର। ବଳାତ୍କାର ପରେ ମହିଳାଟିକୁ ନ୍ୟାୟ ମିଳୁନାହିଁ। ଅପରାଧୀ ଓଲଟି ପ୍ରତିବାଦକାରୀଙ୍କ ଉପରେ ଗାଡ଼ି ଚଢ଼େଇ ଦେଉଛି ଓ ତାକୁ ଶାସ୍ତି ଦେବାରେ ଆମ ନ୍ୟାୟବ୍ୟବସ୍ଥାକୁ ଯୁଗେ ଲାଗିଯାଉଛି। ରାଜନୈତିକ ଘଟଣା ନ୍ୟାୟାଳୟରେ ୭ଦିନରେ ଶୁଣାଣି ହୋଇଯାଉଛି କିନ୍ତୁ ସାଧାରଣ ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାର ମାମଲାର ଶୁଣାଣି ପାଇଁ ସମୟ ହେଉନାହିଁ। ଲୋକମାନଙ୍କର କୌଳିକବୃତ୍ତି ବୁଡ଼ିଯାଇଛି। ସେମାନଙ୍କୁ ପର ଉପରେ ନିର୍ଭରଶୀଳ କରେଇବାର ପ୍ରକ୍ରିୟାକୁ ବିକାଶ କୁହାଯାଉଛି। ଏହା କ'ଣ ସ୍ୱାଧୀନତା? ଗୋଟିଏ ଧର୍ମ ନିରପେକ୍ଷ ରାଷ୍ଟ୍ରକୁ ହିନ୍ଦୁରାଷ୍ଟ୍ର ଘୋଷଣାକରିବା ପାଇଁ ହୁଙ୍କାର ଦେବା,ଦେଶର ବୈଜ୍ଞାନିକ ଚିନ୍ତାଧାରାକୁ ନିରୁତ୍ସାହିତ କରି ରଢ଼ିବାଦୀ ଚିନ୍ତାଧାରାକୁ ପ୍ରୋତ୍ସାହନ ଦେବା କ'ଣ ସ୍ୱାଧୀନତା।

ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ସ୍ୱାଧୀନତା ପାଇବା ସହଜ, କିନ୍ତୁ ତାକୁ ବଜାୟ ରଖିବା କଷ୍ଟ। ଆମେ ଆଜି ସେମିତି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପହଞ୍ଚି ଯାଇଛୁ, ଯେଉଁଠି ସ୍ୱାଧୀନତା କିଛି ହାତଗଣତି ଲୋକଙ୍କ ପାଇଁ ସୀମିତ ହୋଇଚାଲୁଥିବାବେଳେ ଦେଶର କୋଟି କୋଟି ସାଧାରଣ ଜନତା ସ୍ୱାଧୀନତାର ଅସଲ ସ୍ୱାଦ ଠାରୁ ବହୁତ ଦୂରରେ ଅଛନ୍ତି।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ– ୯୪୩୮୪୬୮୪୭୪**

## ଏଇ ଭାରତରେ

ବଗିଚାରେ ପନିପରିବା ଚାଷ କଲାବେଳେ ରୋଗ, ପୋକ ଓ ଘାସ ମୁଣ୍ଡବ୍ୟଥାର କାରଣ ପାଲଟୁଛି। ଏହି ସମସ୍ୟାର ସମାଧାନ ପାଇଁ କେରଳର ପ୍ରିନ୍ସ ମାମ୍ମନଙ୍କ ଦ୍ୱାରା ଆବିଷ୍କୃତ ରୋବୋ ଅନେକ ଆଶା ସଞ୍ଚାର କରିଛି। ଏହି ରୋବୋ ବଗିଚାରୁ କ୍ଷତିକାରକ ଘାସ ହଟାଇ ଦେଉଥିବାବେଳେ ଗଛର ବିକାଶ ଏବଂ ରୋଗପୋକର ପ୍ରଭାବ ଠାବ କରିବାରେ ସାହାଯ୍ୟ କରୁଛି। ଉକ୍ତ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ସକ୍ଷମ ରୋବୋ ନାମ ରଖାଯାଇଛି ଗାର୍ଡୋ। ପ୍ରିନଙ୍କ୍ସ ଘର କୋଲାମରେ। ସେ ମେକାଟ୍ରୋନିକ୍ସ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ସେ ୨୦୨୧ରେ ଗାଡ୍ରୋ ରୋବୋ ନିର୍ମାଣ ଆରମ୍ଭ କରିଥିଲେ। ସେହି ବର୍ଷ ଏହାକୁ ବିକ୍ରି କରିବା ପାଇଁ 'ଫ୍ରିମ୍ୟାନ ରୋବୋର୍ଟସ' କମ୍ପାନୀ ପ୍ରତିଷ୍ଠା କରିଥିଲେ। ଗାର୍ଡୋ ବ୍ୟାଟେରି ଦ୍ୱାରା ଚାଲୁଛି। ଏହାର ଓଜନ ୫୦୦ଗ୍ରାମ, ଲମ୍ୱ ୨୦ସେ.ମି., ଚଉଡା ୧୨ସି.ମି ଏବଂ ଉଚ୍ଚତା ୧୦ ସେ.ମି.। ଏଥିରେ କ୍ୟାମେରା ରହିବା ସହ ଏବ୍ ଆପ୍ଲିକେଶନ ମଧ୍ୟ ଅଛି। ରୋବୋ ଚାର୍ଜ ହେବା ପରେ ତାହାକୁ ବଗିଚାର ଗୋଟିଏ କୋଣରେ ରଖିଦେଇ ମୋବାଇଲ ଆପ୍ଲିକେଶନ ବ୍ୟବହାର କରି ତାହାର କାର୍ଯ୍ୟକ୍ଷେତ୍ରର ସୀମା ସ୍ଥିର କରାଯାଉଛି। ପରେ ଏହା ଗଛ ମଧ୍ୟରେ ଧୀରେ ଧୀରେ ଗତି କରି ଘାସ ନଷ୍ଟ କରିପାରୁଛି। ଏଥିରେ ଥିବା ଅତ୍ୟାଧୁନିକ ସେନ୍ସର ଲଗାଯାଇଛି, ଯାହା ଗଛର ବୃଦ୍ଧି ଓ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଅଗଷ୍ଟ ୧୯୯୮

- କାଜାଖସ୍ତାନର ବୈକାନୁର ମହାକାଶ କେନ୍ଦ୍ରରୁ ସୋୟୁଜ ରକେଟ ଯୋଗେ ରୁଷିଆର ଜଣେ ନିରାପତ୍ତା ପରାମର୍ଶଦାତା ଏବଂ ଦୁଇ ମହାକାଶଚାରୀଙ୍କ 'ମୀର' ଅଭିମୁଖେ ଯାତ୍ରା।
- ଗୋଆ ବିଧାନସଭାର ବାଚସ୍ପତି ତୋମାଜିହୋ କାରଦୋଜୋ ମୁଖ୍ୟମନ୍ତ୍ରୀ ୱିଲଫ୍ରେଡ୍ ଡିସୁଜା ଏବଂ କଂଗ୍ରେସ ବିଦ୍ରୋହୀ ଗୋଷ୍ଠୀର ୯ ବିଧାୟକଙ୍କୁ ବିଧାନସଭାର ସଦସ୍ୟ ପଦରୁ ଅଚାନକ ଅଯୋଗ୍ୟ ଘୋଷଣା କରିଛନ୍ତି।
- ରାଜ୍ୟର ୩ଟି ଜିଲାରେ ଯୋଜନାର ବିକାଶ ପାଇଁ ହୁଡ୍କୋର ୬୦୦ ଲକ୍ଷ ଟଙ୍କା ମଞ୍ଜୁର।

## ଚିରନ୍ତନୀ

ସେହିକାଲୁଁ ଶୁଣିଅଛି ଅଜାତ ସେ ଶିଶୁର କ୍ରନ୍ଦନ
ଅନ୍ତରେ ଅନ୍ତରେ ତା'ର ଲାଳିଛି ସେ ପ୍ରାଣର ନନ୍ଦନ,
ତୃପ୍ତିହୀନ ଆଶା ବହି ପରାଣ ପରାସେ
ବସି ରହେ ତାହାରି ସକାଶେ!
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | 1 | 4 | | | 8 |
| 9 | | | | | | | | 4 |
| | 1 | | 3 | | | | | |
| | 4 | | | | | | 6 | |
| | | | | | 5 | | | |
| | | 7 | | | 9 | | 2 | |
| | | 4 | | 3 | | 9 | | 2 |
| | 7 | | 5 | 6 | | 4 | | 3 |
| | | | | 4 | | 6 | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 6 | 8 | 4 | 9 | 5 | 7 | 1 |
| 9 | 5 | 1 | 7 | 6 | 2 | 4 | 8 | 3 |
| 8 | 4 | 7 | 1 | 5 | 3 | 2 | 6 | 9 |
| 4 | 7 | 3 | 2 | 1 | 6 | 8 | 9 | 5 |
| 2 | 1 | 8 | 9 | 7 | 5 | 6 | 3 | 4 |
| 5 | 6 | 9 | 3 | 8 | 4 | 1 | 2 | 7 |
| 6 | 3 | 5 | 4 | 2 | 7 | 9 | 1 | 8 |
| 7 | 8 | 4 | 6 | 9 | 1 | 3 | 5 | 2 |
| 1 | 9 | 2 | 5 | 3 | 8 | 7 | 4 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସର୍ପାଘାତ ବିପତ୍ତି

ମହାଶୟ,

ରାଜ୍ୟରେ ଏବେ ସାପକାମୁଡ଼ାରେ ମୃତ୍ୟୁ ସଂଖ୍ୟା ବିଚଳିତ କରିଦେଲାଣି। ନିକଟରେ କେନ୍ଦୁଝର ଜିଲ୍ଲାର ଏକ କୋଚିଂ ସେଣ୍ଟରରେ ଶୋଇଥିବା ସମୟରେ ତିନିଜଣ ନିରୀହ ପିଲାଙ୍କ ଜୀବନ ଗଲାପରେ ଏ ଘଟଣା ଉଦ୍‌ବେଗ ପ୍ରକାଶ କରିଛି। ବିଶେଷକରି ବର୍ଷାଋତୁ ସାପମାନଙ୍କ ପ୍ରଜନନ ସମୟ ହୋଇଥିବାରୁ ସେମାନେ ଅଧିକ ହିଂସ୍ର ହୋଇଥାନ୍ତି। ଛୁଆମାନେ ଅଣ୍ଡାରୁ ଫୁଟି ବାହାରକୁ ବାହାରି ଆସିଥାନ୍ତି, ଗାତରେ ପାଣି ପଶିଯିବାରୁ ସାପମାନେ ଉପରକୁ ଚାଲିଆସନ୍ତି। ଘରର ଆଖପାଖକୁ ପରିଷ୍କାର ରଖିବା ସହିତ କଳାଫିନାଇଲ, ଦାନାଦାର ଏବଂ ବ୍ଲିଚିଂ ପାଉଡ଼ର ସିଞ୍ଚନ କରିବା ଆବଶ୍ୟକ। ସାପକାମୁଡ଼ିଲେ ରୋଗୀକୁ ଶାନ୍ତ ରଖିବା ସହ କୌଣସି ଅନ୍ଧବିଶ୍ୱାସର ସମ୍ମୁଖୀନ ନ ହୋଇ ତୁରନ୍ତ ଡାକ୍ତରଖାନା ନେବା ଉଚିତ୍।

**–ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୀମାବର୍ତ୍ତୀ ଗାଁରେ ହାତୀ ଆତଙ୍କ



ନୂଆଗାଁ,୧୪।୮ (ବିଜୟ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ବାରିଲେପଟା ପଞ୍ଚାୟତ ପତ୍ରାପାଲି ଭୂମିଜଟୋଲୀ ବସ୍ତିରେ ୨ ଝାଡଖଣ୍ଡ ହାତୀ ଆତଙ୍କ ଖେଳାଇଛନ୍ତି। ରବିବାର ରାତିରେ ଧନସିଂ ଭୂମିଜଙ୍କ ଘରଭାଙ୍ଗି ଛାରଖାର କରିଦେଇଥିବା ବେଳେ ଘରେ ଥିବା ଚାଉଳ ଖାଇ ଦେଇଛନ୍ତି। ଏପରି କି ତାଙ୍କ ଆସବାବପତ୍ର ନଷ୍ଟ କରିଦେଇଛନ୍ତି। ପରେ ସେମାନେ ଗୁଡ଼ଗୁଡା ଗ୍ରାମକୁ ଯାଇ ବିଳାସ ବାଡାଙ୍କ ଘର ଭାଙ୍ଗି ଦେଇଛନ୍ତି। ଖବର ପାଇ ବିଶ୍ରା ବନ ବିଭାଗ କର୍ମଚାରୀ ଆସି ଦନ୍ତାକୁ ଘଉଡାଇଥିଲେ। ବର୍ତ୍ତମାନ ବର୍ଷାଋତୁ ହୋଇଥିବାରୁ ଘରଭାଙ୍ଗି ଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛିଦିନ ଧରି ଉକ୍ତ ଅଞ୍ଚଳରେ ହାତୀଙ୍କ ଉପଦ୍ରବ୍ୟ ବଢ଼ିବାରେ ଲାଗିଛି। ରାତି ହେଲେ ଲୋକେ ଆତଙ୍କିତ ହୋଇପଡୁଛନ୍ତି। ତେଣୁ ବନବିଭାଗ ଏହାର ସ୍ଥାୟୀ ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

# ଟ୍ରକ୍ ଚାପାରେ ୨ କଲେଜ ଛାତ୍ରୀ ମୃତ

- ବୁର୍ଲାରେ ଜଣେ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ
- ଉତ୍ତେଜିତ ଲୋକଙ୍କ ରାସ୍ତାରୋକୋ, ଯାତାୟାତ ବନ୍ଦ

ଅତାବିରା,୧୪।୮ (ହୃଷୀକେଶ ଖମାରୀ)

ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ପୋଡ଼ବାଡ଼ି-ଛନ୍ଦପାଲି ଛକ ମଝିରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ପାଉଁରୁଟି ବୋଝେଇ ଟ୍ରକ୍ (ନଂ.ଓଡ଼ି୦୨ଏୟୁ/୭୯୫୩) ମାଡ଼ିଯିବାରୁ କାଦୋବାହାଲ କଲେଜର ଯୁକ୍ତ ୨ ପ୍ରଥମ ବର୍ଷ ଦୁଇଜଣ ଛାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତ ଛାତ୍ରୀ ଦ୍ୱୟ ହେଲେ ଅନୁପମା ମଲ୍ଲିକ(୧୬) ଏବଂ ଜୟଶ୍ରୀ ରଣା(୧୬)। ଏହି ଦୁଘଟଣାରେ ଅନ୍ୟ ଜଣେ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ପୋଲିସ ଟ୍ରକ୍ ଡ୍ରାଇଭର ଜଗତପୁର ନିବାସୀ ଉମେଶ ଚନ୍ଦ୍ର ଜେନାଙ୍କୁ ଗିରଫ କରିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହିତ ଉତ୍ତେଜିତ ଛାତ୍ରମାନେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଗୋଡ଼ଭଗା-ସୋନପୁର ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।



ଦୁର୍ଘଟଣାସ୍ଥଳରେ ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ବରଗଡ଼ ଉପଜିଲାପାଳ ଲଲାଟ କୁମାର ଲୁହା,ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଅତାବରା ଥାନା ଆଇଆଇସି ସୁକୁମାର ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ମୃତକଙ୍କ ପରିବାର ଲୋକଙ୍କ ମଧ୍ୟରୁ ଜଣଙ୍କୁ ଚାକିରି ଏବଂ କ୍ଷତିପୂରଣ ଦେବା ନେଇ ପଦକ୍ଷେପ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ପରେ ରାତି ୮ଟା ୪୦ ମିନିଟ୍‌ରେ ରାସ୍ତାରୋକୋ ହଟିଥିଲା।

ଅତାବିରା ଥାନା ସିଂହପାଲି ଗ୍ରାମର ଅନୁପମା ମଲ୍ଲିକ, ଲରମ୍ବାର ଜୟଶ୍ରୀ ରଣା, ପ୍ରିୟମଞ୍ଜରୀ ପଣ୍ଡା(୧୬) ଏବଂ ଗମ୍ଭାରୀପାଲି ଗ୍ରାମର ଅର୍ଚ୍ଚନା ସେଟ୍ କାଦୋବାହାଲ କଲେଜକୁ ସାଇକେଲ ଯୋଗେ ପଢ଼ିବାକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ପାଠପଢ଼ା ସାରି ସେମାନେ ପୁଣି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଫେରିବା ବାଟରେ ପୋଡ଼ବାଡ଼ି-ଛନ୍ଦପାଲି ଛକ ମଝିରେ ବିପରୀତ ଦିଗ ଅର୍ଥାତ୍ ଗୋଡ଼ଭଗା ପଟୁ ଆସୁଥିବା ଏକ ପାଉଁରୁଟି ବୋଝେଇ ଟ୍ରକ ଛାତ୍ରୀମାନଙ୍କ ଉପରେ ଚଢ଼ିଯିବା ସହିତ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଫଳରେ ଅନୁପମା, ଜୟଶ୍ରୀ, ପ୍ରିୟମଞ୍ଜରୀ ଟ୍ରକ୍ ତଳେ ଚାପି ହୋଇଯାଇଥିବା ବେଳେ ଅର୍ଚ୍ଚନା ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ସମସ୍ତ ଛାତ୍ରୀଙ୍କୁ ଉଦ୍ଧାର କରି କାଦୋବାହାଲ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେମାନଙ୍କ ମଧ୍ୟରୁ ଅନୁପମା, ଜୟଶ୍ରୀ ଏବଂ ପ୍ରିୟମଞ୍ଜରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜୟଶ୍ରୀ ଏବଂ ଅନୁପମାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଛାତ୍ରୀ ପ୍ରିୟମଞ୍ଜରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ଛାତ୍ରୀ ଅର୍ଚ୍ଚନାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ଜଗତପୁରର ଏକ କମ୍ପାନୀରୁ ପାଉଁରୁଟି ବୋଝେଇ କରି ଭେଡ଼େନ ବ୍ଲକ ଖୁଣ୍ଟପାଲିକୁ ଆସୁଥିବାବେଳେ ଉକ୍ତ ଟ୍ରକ୍ ଛାତ୍ରୀମାନଙ୍କୁ ଧକ୍କା ଦେଇଥିବା ଜଣାପଡ଼ିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଚରଣ



@ ଫିରୋଜ



@ ଦୁର୍ଯ୍ୟୋଧନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




**ବାଲୁକା କଳାରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି:** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ବାଲୁକା କଳା ମାଧ୍ୟମରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। (ଫଟୋ: ପ୍ରଦୀପ କୁମାର ସାହୁ)

## ଧାନବିକ୍ରି ପଞ୍ଜୀକରଣ

# ଅବଧି ବୃଦ୍ଧି ନ ହେଲେ ଆନ୍ଦୋଳନ

ସମ୍ବଲପୁର,୧୪।୮ (ଶୁଭାଶିଷ ପାଢ଼ୀ)

**ଡିଆର୍‌ସିଏସ୍ ଅଫିସ ଘେରାଉ କରି ଚାଷୀଙ୍କ ଚେତାବନୀ**

ରାଜ୍ୟରେ ଏବେ ମଧ୍ୟ ୫୦ ପ୍ରତିଶତ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିନାହାନ୍ତି। ରାଜ୍ୟରେ ୧୬ଲକ୍ଷ ଚାଷୀ ଗତବର୍ଷ ପଞ୍ଜୀକୃତ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ୮ ଲକ୍ଷରୁ କମ୍ ଚାଷୀ ପଞ୍ଜୀକରଣ କରିଛନ୍ତି। ବିଳମ୍ବରେ ବର୍ଷା ହେବା ଯୋଗୁ ଚାଷ କାର୍ଯ୍ୟରେ ବ୍ୟସ୍ତ ରହି ଚାଷୀ ପଞ୍ଜୀକରଣ କରିପାରି ନାହାନ୍ତି। ତେଣୁ ସମୟ ଅବଧି ବୃଦ୍ଧି କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ସୋମବାର ସମ୍ବଲପୁର ଡିଆର୍‌ସିଏସ୍ ଅଫିସ ଘେରାଉ କରି ଚାଷୀମାନେ ଚେତାବନୀ ଦେଇଥିଲେ।

ସେମାନେ ଅଭିଯୋଗ କରିଥିଲେ, ବିଳମ୍ବରେ ବର୍ଷା ହେବାରୁ ଚାଷୀମାନେ ଚାଷକାମରେ ଲାଗିଛନ୍ତି। ଏପରି ସମୟରେ ସରକାର ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବାକୁ ବାଧ କରୁଛନ୍ତି। ଅନେକ ଚାଷୀ କେତେ ପରିମାଣ ଓ କେଉଁ ଜମିରେ ଚାଷ କରିବେ ତାହା ଚୁଡାନ୍ତ କରିନାହାନ୍ତି। ତେଣୁ କିଭଳି ଜମିର ପରିମାଣ ଦେଇ ପଞ୍ଜିକରଣ କରିବେ ବା ଧାନ ବିକ୍ରି କରିବା ସମୟ ଦେବେ। ସରକାର ପଞ୍ଜିକରଣ ସମୟ ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଏକମାସ ବୃଦ୍ଧି କରନ୍ତୁ ବୋଲି ଦାବି କରିଥିଲେ। କାର୍ଯ୍ୟକ୍ରମରେ ସଂଯୁକ୍ତ କୃଷକ ମୋର୍ଚ୍ଚା ସଦସ୍ୟ ଆଶୋକ ପ୍ରଧାନ, ଜିଲା କୃଷକ ସଂଗଠନ ସଭାପତି ଉମେଶ ମିଶ୍ର, ଦେବେନ୍ଦ୍ର ପ୍ରଧାନ, ବ୍ୟୋମକେଶ ଠାକୁର, ଏମ୍ ଗୋବିନ୍ଦ, ହରିଶଙ୍କର ପୁରୋହିତ, ମାନେଶ୍ୱର ବ୍ଲକ ଉପାଧ୍ୟକ୍ଷ ନରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଡିଆର୍‌ସିଏସ୍ ଅଫିସ ଆଗରେ ଚାଷୀମାନେ।

# ମୋବାଇଲ ଲୁଟେରା ଗ୍ୟାଙ୍ଗର ୩ ଗିରଫ

ଖପ୍ରାଖୋଲ, ୧୪।୮(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ହରିଶଙ୍କରଠାରେ ଶ୍ରଦ୍ଧାଳୁଙ୍କଠାରୁ ମୋବାଇଲ ଲୁଟେରା ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାଟଣାଗଡ ଥାନା ବାଞ୍ଜିଖାଲ ଗାଁର ଉତ୍ତମ ଓରଫ ଅମନ ବରିହା(୨୫), ରାତୁ ବରିହା (୨୫) ଓ ରଞ୍ଜିତ ବଗର୍ତ୍ତି (୨୨)। ଶ୍ରାବଣ ମାସ ପାଇଁ ହରିଶଙ୍କରଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ର ସୁଯୋଗ ନେଇ ମୋବାଇଲ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଥିଲା। ରବିବାର ଜଣେ ଶ୍ରଦ୍ଧାଳୁଙ୍କୁ ଭୟଭୀତ କରି ଲୁଟେରା ମୋବାଇଲ ଲୁଟ୍ କରିଥିଲେ। ଏନେଇ ଅଭିଯୋଗ ପରେ ଏକ ମାମଲା(୧୪୨/୨୩)ରୁଜୁ କରି ପୋଲିସ ତନାଘନା ଚଳାଇଥିଲା। ଏକ ବାଇକ ସହ ତିନି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

# ଗଞ୍ଜେଇ ବୋଝେଇ କାର୍ ଜବତ

ଅମ୍ବାଭୋନା,୧୪।୮ (ଛନ୍ଦାଚରଣ ପ୍ରଧାନ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ସୋମବାର ସକାଳୁ ଛତିଶଗଡ଼ ସୀମାନ୍ତ ବଡ଼ଧରା ଛକରୁ ଗଞ୍ଜେଇ ବୋଝେଇ ଏକ କାର୍ (ନଂ.ସିଜି୧୦ଏକ୍ସ/୮୪୦୦)କୁ ଜବତ କରିଛି। କାର୍ ଭିତରେ ଥିବା ୧କୁଇଣ୍ଟାଲ ୧୫କି.ଗ୍ରା ଗଞ୍ଜେଇକୁ ମଧ୍ୟ ଜବତ କରାଯାଇଛି। ଅନ୍ୟପଟେ ଅଭିଯୁକ୍ତମାନେ କୌଶଳକ୍ରମେ ଖସିଯିବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ଏ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା (ନଂ.୧୬୬/୨୩) ରୁଜୁ ହୋଇଛି। ପ୍ରକାଶ ଯେ, ଉକ୍ତ କାର୍ ଯୋଗେ ଛତିଶଗଡ଼ରୁ ଅମ୍ବାଭୋନା ପଟକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ପୋଲିସକୁ ସୂଚନା ମିଳିବା ପରେ ପୋଲିସ ନଜର ରଖିଥିଲା। ଏହା ଜାଣିବା ପରେ ଅଭିଯୁକ୍ତମାନେ ବଡ଼ଧରା ଛକରେ ଗଞ୍ଜେଇ ବୋଝେଇ କାର୍ ଛାଡ଼ି ଫେରାର୍ ହୋଇ ଯାଇଥିଲେ। ପୋଲିସ ତହସିଲଦାର ଗଙ୍ଗାରାମ ବୁଡ଼େକଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରିଥିଲା।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶହୀଦଙ୍କ ଶେଷକୃତ୍ୟ ସମ୍ପନ୍ନ

ଭେଡ଼େନ,୧୪।୮ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ସୁନାଲରମ୍ଭା ପଞ୍ଚାୟତ ବାଘପାଲି ଗ୍ରାମର ଶହୀଦ ଯବାନ ନୀଳାଚଳ ପଟେଲଙ୍କ ଶେଷକୃତ୍ୟ ସୋମବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ସେ ଆସାମ ରାଇଫଲ-୭ରେ ହାବିଲଦାର ଭାବେ କାର୍ଯ୍ୟରତ ଥିଲେ। ଶୁକ୍ରବାର ରାତିରେ ପାଟ୍ରୋଲିଂ ବେଳେ ଏକ ଗାଡ଼ି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ତାଙ୍କ ମରଶରୀରକୁ ଆର୍ମି କ୍ୟାମ୍ପରୁ କଲିକତା ଅଣାଯାଇ ସେଠାରୁ ଆମ୍ବୁଲାନ୍ସ ଯୋଗେ ସମ୍ବଲପୁର ଏବଂ ପରେ ବରଗଡକୁ ଅଣାଯାଇଥିଲା। ସୋମବାର ସକାଳେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ୍. ମୀନା, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ପ୍ରଭାସ ସିଂ, ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡା, ବିଡ଼ିଓ ରଘୁନାଥ ପାଣିଗ୍ରାହୀ, ଥାନାଧିକାରୀ ପ୍ରେମଜିତ ଦାଶ, ବରଗଡ଼ ସାମ୍ବାଦିକ ସଂଘ ଉପ ସଭାପତି ବୀରେନ୍ଦ୍ର ପ୍ରଧାନ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବରଗଡ଼ରୁ ଏକ ଶୋଭାଯାତ୍ରାରେ ମରଶରୀରକୁ ଜନ୍ମମାଟି ବାଘପାଲିକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ଝିଅ ରାନୀ ମୁଖାଗ୍ନି ଦେଇଥିଲେ।

ସୂଚନାଯୋଗ୍ୟ, ନୀଳାଚଳ ୨୦୦୦ରେ ସୈନ୍ୟ ବାହିନୀରେ ଯୋଗ ଦେଇଥିଲେ। ୨୦୨୨ରେ ଅବସର ଗ୍ରହଣର ମିଆଦ ପୂରିଥିବା ବେଳେ ପାରିବାରିକ ସମସ୍ୟା ଯୋଗୁ ସେ ଆହୁରି ଦୁଇ ବର୍ଷ ଚାକିରୀ କାଳ ବଢାଇଥିଲେ। ସେ ୨୦୨୪ରେ ଅବସର ଗ୍ରହଣ କରିଥାନ୍ତେ। ଗତ ଜାନୁୟାରୀରେ ନୀଳାଚଳ ଛୁଟିରେ ଆସି ମାର୍ଚ୍ଚ ୨୪ରେ କାର୍ଯ୍ୟରେ ଯୋଗଦାନ କରିଥିଲେ। ଛୁଟିରେ ଥିବାବେଳେ ସେ ବରଗଡ଼ ସିମେଣ୍ଟ ଫ୍ୟାକ୍ଟ୍ରି ନିକଟରେ ଗଢି ଉଠିଥିବା ଉସୋ ଆସୋସିଏଶନର ସଦସ୍ୟମାନଙ୍କୁ ତାଲିମ ପ୍ରଦାନ କରିବା ସହିତ ଗରିବ ଶ୍ରେଣୀର ପିଲାଙ୍କୁ ଆର୍ଥିକ ସହାୟତା କରୁଥିଲେ। ତାଙ୍କ ସ୍ତ୍ରୀ ଗର୍ଭବତୀ ଥିବାବେଳେ ନୀଳାଚଳ ପ୍ରସବ ସମୟରେ ଆସିବେ ବୋଲି କହିଥିବା ବନ୍ଧୁ ମାନସ କୁମାର ପଧାନ କହିଛନ୍ତି।



ଶହୀଦ ଯବାନଙ୍କୁ ତୋପ୍ ସଲାମୀ ଦିଆଯାଉଛି।

# ସମୃଦ୍ଧ ଐତିହ୍ୟ, ଜୀର୍ଣ୍ଣ ଉଆସ

ବଲାଙ୍ଗୀର, ୧୪।୮ (ବୀରେନ୍ଦ୍ର କୁମାର ଝାଙ୍କର)

## ଅବହେଳିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠ

- ଭୁଶୁଡ଼ି ପଡ଼ିବ ଆଟଗାଁ ଜମିଦାରଙ୍କ ଉଆସ
- ମିଳୁନାହିଁ ଆଦ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉପଯୁକ୍ତ ସମ୍ମାନ
- ସ୍ମୃତି ପୀଠ ସୁରକ୍ଷା ଦିଗରେ ନିଆଯାଉନାହିଁ ଆବଶ୍ୟକ ପଦକ୍ଷେପ

ଆଜିକୁ ପ୍ରାୟ ୧୬୭ ବର୍ଷ ପୂର୍ବେ ବଲାଙ୍ଗୀର-ପାଟଣାର ଆଟଗାଁ ଜମିଦାର ଦୁର୍ଦ୍ଧର୍ଷ ଯୋଦ୍ଧା ଧର୍ମ ସିଂହ ବା ଧରମ୍ ସିଂହ ମାଝି ମାନ୍ଧାତା ବ୍ରିଟିଶ ବିରୋଧରେ ଘନଘୋର ଲଢ଼େଇ କରି ମା' ମାଟିର ଟେକ ରଖିଥିଲେ। ଜେଲ ଭିତରେ ଅକଥନୀୟ ଅତ୍ୟାଚାର ସହି ସହୀଦ ହୋଇଗଲେ ପଛେ ବ୍ରିଟିଶ ସରକାର ଆଗରେ ମୁଣ୍ଡ ନୁଆଁଇଲେ ନାହିଁ। ଇତିହାସର ସ୍ୱର୍ଣ୍ଣିମ ଫର୍ଦ୍ଦରେ ଧରମ୍ ସିଂହ ମାନ୍ଧାତାଙ୍କ ବୀରତ୍ୱ ଗାଥା ଆଜିବି ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହେବା ପାଇଁ ଅଫୁରନ୍ତ ପ୍ରେରଣା ଯୋଗାଉଛି। ହେଲେ ଆଜି ତାଙ୍କ ସ୍ମୃତି ପୀଠ ଅବହେଳିତ ଏବଂ ଜୀର୍ଣ୍ଣଶୀର୍ଣ୍ଣ ହୋଇ ପଡିରହିଛି।

ବଲାଙ୍ଗୀର ଜିଲା ସଦର ମହାକୁମାଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ଆଟଗାଁ। ଏହି ଗାଁରେ ଆଜିବି ରହିଛି ସ୍ୱାଧୀନତା ସଂଗ୍ରାମୀ ଧରମ୍ ସିଂହ ମାଝି ମାନ୍ଧାତାଙ୍କ ପୁରୁଣା ଉଆସ, ପୂଜାସ୍ଥଳୀ ଏବଂ ଭଗ୍ନ କୋଠା। ଦୀର୍ଘବର୍ଷ ହେଲା ଆଟଗାଁ ଗ୍ରାମବାସୀଙ୍କ ସହ ବଲାଙ୍ଗୀର ଜିଲାବାସୀ ଏହି ଜୀର୍ଣ୍ଣ ଉଆସର ପୁନରୁଦ୍ଧାର ସହ ଏହି ବିସ୍ମୃତ ବୀରଙ୍କ ସ୍ମୃତି ରକ୍ଷା ପାଇଁ ଦାବି କରିଆସୁଛନ୍ତି। ମାତ୍ର ଏଦିଗରେ କୌଣସି ବିହିତ ପଦକ୍ଷେପ ନିଆଯାଉନାହିଁ। ଏହି ସ୍ମୃତିପୀଠର ଉନ୍ନତି ହୋଇପାରିଲେ ଏହା ଜିଲା, ରାଜ୍ୟ ତଥା ଜାତୀୟସ୍ତରର ଏକ ସ୍ୱାଧୀନତା ସଂଗ୍ରାମୀ ପୀଠ ଭାବେ ପରିଗଣିତ ହୋଇପାରନ୍ତା। ଏଠାକୁ ପରିଦର୍ଶନରେ ଆସି ସହସ୍ରାଧିକ ଛାତ୍ରୀଛାତ୍ର ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇପାରନ୍ତେ। ମହାନ ସ୍ୱାଧୀନତା ସଂଗ୍ରାମୀ ଧରମ୍ ସିଂହ ମାଝି ମାନ୍ଧାତାଙ୍କ ଅଦମ୍ୟ ଦେଶପ୍ରେମ, ଜୀବନ କାହାଣୀ, ତାଙ୍କର ଶୌର୍ଯ୍ୟ, ବୀରତ୍ୱ ଓ ବଳିଦାନ ସମ୍ପର୍କରେ ଅଧିକ ଗବେଷଣା ହୋଇପାରନ୍ତା।

ଉପଲବ୍ଧ ତଥ୍ୟ ମୁତାବକ ୧୮୪୬ରୁ ୧୮୫୬ ପର୍ଯ୍ୟନ୍ତ ମହାନ ବୀର ଚକରା ବିଶୋଇ କନ୍ଧମେଳିର ନେତୃତ୍ୱ ନେଇ ବ୍ରିଟିଶ ବିରୋଧରେ ଘନଘୋର ସଂଗ୍ରାମ ଚଳାଇଥିଲେ। ବିଦ୍ରୋହର ନିଆଁ ଦେଖୁଦେଖୁ ପାଟଣା ଓ କଳାହାଣ୍ଡି ଅଞ୍ଚଳକୁ ମଧ୍ୟ ବ୍ୟାପିଗଲା। ତତ୍କାଳୀନ ପାଟଣା ବୀର ଧରମ୍ ସିଂହ ମାନ୍ଧାତା ଏବଂ କଳାହାଣ୍ଡିର ରେଣ୍ଡୋ ମାଝି ମଧ୍ୟ ନିଜ ନିଜ ଅଞ୍ଚଳରେ କନ୍ଧମେଳିରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। କନ୍ଧମେଳିର ମହାନ ବୀର ଚକରା ବିଶୋଇଙ୍କୁ ବ୍ରିଟିଶ ସେନା ସବୁଦିଗରୁ ଘେରିବାକୁ ଚେଷ୍ଟା କଲାବେଳେ ପାଟଣା ରାଜ୍ୟ ଆଟଗାଁ ଜମିଦାର ଦୁର୍ଦ୍ଧର୍ଷ ବୀର ଆଟଗାଁ ଜମିଦାର ଧରମ୍ ସିଂହ ମାଝି ତାଙ୍କୁ ସମର୍ଥନ ଓ ସୁରକ୍ଷା ଦେଇଥିଲେ। ଚକରାଙ୍କୁ ଆଟଗାଁ ଜମିଦାର ଧରମ୍ ସିଂହ ମାଝି ସହାୟତା ଯୋଗାଇଥିବା ଏବଂ ସୁରକ୍ଷିତ ରଖିଥିବା ଖବର ପାଇବା ପରେ ଇଂରେଜ ସରକାର ୧୮୫୬ ମାର୍ଚ୍ଚ ମାସରେ ହିଲ୍‌ଟ୍ରାକ୍ ମେରିଆ ଏଜେଣ୍ଟ ଲେଫ୍ଟନାଣ୍ଟ ମେକ୍‌ଡୋନାଲ୍ଡଙ୍କୁ ଆଟଗାଁ ପଠାଇଯାଇଥିଲେ। ଧରମ୍ ସିଂ ମାନ୍ଧାତା ଇଂରେଜ ସୈନ୍ୟବଳ ସହ ଜୋରଦାର ଲଢ଼େଇ କରିବା କରି ବିପ୍ଲବୀ ଚକରା ବିଶୋଇଙ୍କୁ ସୁରକ୍ଷିତ ସ୍ଥାନ ପାରଳାଖେମୁଣ୍ଡି ଅଞ୍ଚଳକୁ ସ୍ଥାନାନ୍ତରଣ କରିଦେଲେ। ଇଂରେଜ ସରକାରଙ୍କ ଚକରା ବନ୍ଦୀ ଯୋଜନା ଫେଲ ମାରିଥିଲା। ଚକରା ବିଶୋଇଙ୍କୁ ନ ପାଇ ଇଂରେଜ ସେନା ଧରମ୍ ସିଂହଙ୍କୁ ବନ୍ଦୀ କରିନେଲେ ଓ ଜେଲ ଭିତରେ ଅକଥନୀୟ ନିର୍ଯାତନା ଦେଇଥିଲେ। ଜେଲ ଭିତରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏଭଳି ଜଣେ ମହାନ ବୀରଙ୍କ ଜନ୍ମସ୍ଥଳୀ, ତାଙ୍କ ଉଆସ ଏବଂ ସ୍ମୃତିପୀଠ ଅବହେଳିତ ହୋଇପଡିଥିଲେ ବି ସରକାର ଏଦିଗରେ କୌଣସି ବିହି ପଦକ୍ଷେପ ନନେବା ଜିଲାବାସୀଙ୍କୁ ବ୍ୟଥିତ କରିଛି।





ସ୍ୱାଧୀନତା ସଂଗ୍ରାମୀ ଆଟଗାଁ ଜମିଦାର ଧରମ୍ ସିଂ ମାଝି ମାନ୍ଧାତାଙ୍କ କଳ୍ପିତ ଫଟୋଚିତ୍ର(ବାମ)। ଜମିଦାର ଧରମ୍ ସିଂ ମାଝି ମାନ୍ଧାତାଙ୍କ ଜୀର୍ଣ୍ଣ ଉଆସ।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

# ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି ତ୍ରିଭୁଜର ତିନିବାହୁ ସଦୃଶ






ବାଲେଶ୍ୱର ଜିଲା ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସୋମବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା, ପ୍ରାଧ୍ୟାପକ ଏବଂ ମଞ୍ଚାସୀନ ଅତିଥି ଓ ବିଚାରକ ମଣ୍ଡଳୀ।

## ଗଣମାଧ୍ୟମ ହିଁ ସର୍ବପୁରାତନ ବୃତ୍ତି: ତଥାଗତ

### ନିଜକୁ ପ୍ରତିପାଦନ ଲାଗି ସଂକଳ୍ପ ନେବା ଆବଶ୍ୟକ: କୁଳପତି

ବାଲେଶ୍ୱର (ମାନସ ବିଶ୍ୱାଳ)/ ରେମୁଣା(ରବୀନ୍ଦ୍ର ମହାକୁଡ଼)୧୪।୮

ଗଣମାଧ୍ୟମ ହିଁ ସର୍ବପୁରାତନ ବୃତ୍ତି। ପୁରାତନ କାଳରୁ ଏହାର ଉତ୍ପତ୍ତି। ଗଣମାଧ୍ୟମ ଗଣତନ୍ତ୍ର ରାଷ୍ଟ୍ରର ଶରୀର ହେଲେ ଯୁବପିଢ଼ି ହେଉଛନ୍ତି ଏହାର ଦୁଇଟି ଅଙ୍ଗ। ଯୁବପିଢ଼ି ରାଷ୍ଟ୍ରର ସର୍ବଶ୍ରେଷ୍ଠ ଶକ୍ତି। ତେଣୁ ଯୁବଶକ୍ତି ଓ ଗଣମାଧ୍ୟମ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ଗଣତନ୍ତ୍ର ସୁରକ୍ଷିତ ଓ ଶାସନ ବ୍ୟବସ୍ଥା ସ୍ୱଚ୍ଛ ହୋଇଥାଏ। ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ତ୍ରିଭୁଜର ତିନିବାହୁ ସଦୃଶ ବୋଲି ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ କନଫରେନ୍ସ ହଲ୍‌ରେ ସୋମବାର 'ଧରିତ୍ରୀ'ର ୫୦ବର୍ଷ ଉପଲକ୍ଷେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏବଂ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗଣେଶଙ୍କ ପ୍ରତିମାରେ ପୁଷ୍ପ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ବିଶ୍ୱବିଦ୍ୟାଳୟର ଷ୍ଟୁଡେଣ୍ଟସ ୱେଲଫେୟାର ଡାଇରେକ୍ଟର ଡ. ନିହାର ରଞ୍ଜନ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପିଜି କାଉନସିଲ ଚେୟାରମ୍ୟାନ୍ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ସ୍ୱାଗତ ଅଭିଭାଷଣ ଦେଇ 'ଧରିତ୍ରୀ'ର ଏହି ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ଯୋଗଦେଇ ସମ୍ପାଦକ ସତପଥୀ କହିଥିଲେ, ଯୁବପିଢ଼ି ଯେତେ ସଚେତନ ହେବେ, ତାତ୍ତ୍ୱିକ ଆଲୋଚନାରେ ଲିପ୍ତ ରହିବେ ସମାଜକୁ ଜୀବନ୍ତ କରିବାରେ ସେତିକି ସାହାଯ୍ୟ କରିବ। ସମଗ୍ର ଜନସାଧାରଣଙ୍କୁ ସୂଚନା ଦେବା ଓ ସଚେତନ କରାଇବା ଗଣମାଧ୍ୟମର ମୂଳ କଥା। ରାଜ୍ୟର ୩୦ଟି ଜିଲାରେ 'ଧରିତ୍ରୀ' ପକ୍ଷରୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକରେ ଏହି ପ୍ରତିଯୋଗିତା କରାଯାଉଛି। ସମସ୍ତ ପ୍ରତିଯୋଗୀ ହେଉଛନ୍ତି ବିଜେତା ବୋଲି ସେ ମତବ୍ୟକ୍ତ କରିଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜ୍ଞାପନ ସହ 'ଧରିତ୍ରୀ'ର ନିରପେକ୍ଷତା ଓ ଲୋକପ୍ରିୟତା ପାଇଁ ପ୍ରଶଂସା କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜ ସହ ପ୍ରତିଯୋଗିତା କରିବା ଜରୁରୀ। ନିଜକୁ ପ୍ରତିପାଦିତ କରିବା ଦିଗରେ ସଂକଳ୍ପ ନେବା ଆବଶ୍ୟକ। ଗଣତନ୍ତ୍ର ଓ ଗଣମାଧ୍ୟମର ମୌଳିକତ୍ୱ ବଜାୟ ରଖିବା ଦିଗରେ ଯୁବପିଢ଼ି ଯତ୍ନବାନ୍ ହୁଅନ୍ତୁ ବୋଲି ସେ କହିଥିଲେ। ବିଚାରକ ଭାବେ ଯୋଗଦେଇ କବି ଶ୍ରୀଦେବ ସମଗ୍ର ବିଶ୍ୱରେ ଗଣମାଧ୍ୟମର ଭୂମିକା ସ୍ୱତନ୍ତ୍ର ଓ ଏହା ସର୍ବଶ୍ରେଷ୍ଠ ଶକ୍ତି ଅଟେ। ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମରେ ବେଳେ ବେଳେ ବ୍ୟବହାର ହେଉଥିବା ଅନାବଶ୍ୟକ ଶବ୍ଦ ସମ୍ପର୍କରେ ଉଦାହରଣ ଦେଇ ତାହାକୁ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ। ବକ୍ତୃତାର ବିଷୟ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ବହୁତ ସୁନ୍ଦର ହୋଇଛି। ଏହା ଛାତ୍ରୀଛାତ୍ରଙ୍କ ସମେତ ଯୁବପିଢ଼ି ଓ ଆମ ସମସ୍ତଙ୍କ ନୈତିକ ମୂଲ୍ୟବୋଧକୁ ଦୃଢ଼ କରିବ ବୋଲି କହିଥିଲେ। ବିଚାରକ କବି ପ୍ରଶାନ୍ତ ଦାସ କହିଥିଲେ, ରାଜ୍ୟର ସମସ୍ତ ଛାତ୍ରୀଛାତ୍ର ଏହି ବକ୍ତୃତା ବିଷୟ ସମ୍ବନ୍ଧରେ ସଜାଗ ହେଲେ ନିଜର ଜ୍ଞାନ ଓ ଶିକ୍ଷାର ଅଭିବୃଦ୍ଧି ଘଟିବ। 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଏକ ସମନ୍ୱୟ। ଏହା ଏକ ନାଗରିକତ୍ୱର ପ୍ରଦତ୍ତ ଶ୍ରେଷ୍ଠ ଗୌରବ ଓ ବିଭବ ପ୍ରଦାନ କରିଥାଏ। 'ଧରିତ୍ରୀ' ଯେଉଁ ସୁନ୍ଦର ଚିନ୍ତା ଓ ପ୍ରୟାସ ଆରମ୍ଭ କରିଛି ତାହା ଅତୁଳନୀୟ ବୋଲି ବକ୍ତବ୍ୟରେ କହିଥିଲେ। ବିଚାରକ ଫକୀରମୋହନ ସାହିତ୍ୟ ପରିଷଦ ପୂର୍ବତନ ସଭାପତି ଡ. ଶିରିଶ ଚନ୍ଦ୍ର ଜେନା କହିଥିଲେ, ଗଣତନ୍ତ୍ରର ପ୍ରଧାନ ଅସ୍ତ୍ର ସମ୍ବିଧାନ। ବହୁ ସମୟରେ ଏହା ବିପଦରେ ପଡୁଛି। ଏହି ବିପଦରୁ ଉଦ୍ଧାର କରିବା ପାଇଁ ଗଣମାଧ୍ୟମ ଓ ଯୁବଶକ୍ତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିବା ସହ ବକ୍ତୃତାର ଏହି ବିଷୟ ଚୟନକର୍ତ୍ତାଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ପରେ ସ୍କଲାରଶିପ୍ ନୋଡାଲ ଅଫିସର ଡ. ସ୍ମୃତିଶିଖା ଥାପ୍ପାଙ୍କ ମଞ୍ଚ ସଂଯୋଜନାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମିନା ଦାସ ଓ 'ଧରିତ୍ରୀ'ର ଫିଚର ସମ୍ପାଦକ ବୀରଭଦ୍ର ବିଶ୍ୱାଳ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଜିଲା ପ୍ରତିନିଧି ମାନସ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ୧୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଣିଜ୍ୟ ବିଭାଗ ପିଜି ଛାତ୍ର ଭରତ ଯାଜୋଡ଼ିଆ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଛାତ୍ରୀ ତପସ୍ୱିନୀ ନିଶଙ୍କ ଦ୍ୱିତୀୟ, ଭାଷା ସାହିତ୍ୟ ପିଜି ଛାତ୍ରୀ ଶୁଭଶ୍ରୀ ଦାସ ଓ ମାଇକ୍ରୋବାୟୋଲୋଜି ପିଜି ଛାତ୍ରୀ ସ୍ମୃତିସମ୍ପନ୍ନା ପଲାଉର ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରଜତ ଦଳେଇ, ପୁରୁଷୋତ୍ତମ ବିଶି, ପ୍ରିୟଦର୍ଶିନୀ ସାହୁ, ବିଶ୍ୱମ୍ଭର ମହାନ୍ତି, ସସ୍ମିତା ସାହୁ, ସ୍ମିତାଞ୍ଜଳି ବିଶ୍ୱାଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପିକା ପ୍ରାଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ 'ଧରିତ୍ରୀ' ପ୍ରସାର ପରିଚାଳକ ଆଲୋକ କାନୁନ୍‌ଗୋ, ରୂପ୍‌ସା ପ୍ରତିନିଧି ବାଞ୍ଛାନିଧି ଦେ, ରେମୁଣା ବ୍ଲକ ପ୍ରତିନିଧି ରବୀନ୍ଦ୍ର ମହାକୁଡ଼, ଖଇରା ବ୍ଲକ ପ୍ରତିନିଧି ଉତ୍କଳବନ୍ଧୁ ପଣ୍ଡା, ସିମୁଳିଆ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ନାୟକ, ନୀଳଗିରି ବ୍ଲକ ପ୍ରତିନିଧି ପ୍ରଶାନ୍ତ ବିଶ୍ୱାଳ ଓ ଇନ୍ଦ୍ରଜିତ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେତାଙ୍କ ମୁଖରୁ...



"ଗଣତନ୍ତ୍ର ହେଉଛି ଏକ ସାମାଜିକ ସଂସ୍ଥା। ଗଣମାଧ୍ୟମ ବିନା ଗଣତନ୍ତ୍ରର ସ୍ଥିତି ଅସମ୍ଭବ। ଯୁବପିଢ଼ିଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ। ଗଣମାଧ୍ୟମ ରାଷ୍ଟ୍ର ବିକାଶର ମୂଳ ଉତ୍ସ ହୋଇଥିବାରୁ ଯୁବପିଢ଼ି ଏ ଦିଗରେ ଆଗଭର ହେବା ଜରୁରୀ।

- ଭରତ ଯାଜୋଡ଼ିଆ, ପ୍ରଥମ



"ଯୁବପିଢ଼ି, ଯୁବଶକ୍ତିଙ୍କ କାନ୍ଧ ଉପରେ ଗଣତନ୍ତ୍ର ଦଣ୍ଡାୟମାନ। ରାଜନେତା ଓ ପୁଞ୍ଜିପତିଙ୍କ କବ୍‌ଜାରେ ଗଣମାଧ୍ୟମ ନ ରହି ସର୍ବଦା ନିର୍ଭୀକ ଓ ନିରପେକ୍ଷ ହେଲେ ରାଷ୍ଟ୍ର ଅଗ୍ରସର ହେବ।

- ଶୁଭଶ୍ରୀ ଦାସ, ଯୁଗ୍ମ ତୃତୀୟ



"ଗଣମାଧ୍ୟମ ଜନତାଙ୍କ ଜାଗ୍ରତ ପ୍ରହରୀ। ପ୍ରତ୍ୟେକ ଘଟଣାକୁ ଲୋକଲୋଚନକୁ ଆଣିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜନତାଙ୍କ ମନର ଅକୁହା କଥା ଗଣମାଧ୍ୟମ ଦ୍ୱାରା କୁହାଯାଇଥାଏ। ଗଣତନ୍ତ୍ର ମର୍ଯ୍ୟାଦା ରକ୍ଷା ଦିଗରେ ଯୁବଶକ୍ତି ପଥଭ୍ରଷ୍ଟ ହେବା ଅନୁଚିତ।

- ତପସ୍ୱିନୀ ନିଶଙ୍କ, ଦ୍ୱିତୀୟ



"ଯୁବପିଢ଼ି ଓ ଗଣମାଧ୍ୟମର ପ୍ରତିଫଳନ ଗଣତନ୍ତ୍ରରେ ହୋଇଥାଏ। ଗଣମାଧ୍ୟମ ଏବେ ମନୋରଞ୍ଜନର ମାଧ୍ୟମ ପାଲଟିଛି। ଗଣମାଧ୍ୟମର ଦୁରୁପଯୋଗ ଦ୍ୱାରା ଯୁବପିଢ଼ି ଲକ୍ଷ୍ୟଚ୍ୟୁତ ହେଉଛନ୍ତି। ଗଣତନ୍ତ୍ର ଏବେ ରାଜନେତାଙ୍କ କବଳରେ। ଗଣମାଧ୍ୟମ ଓ ଯୁବପିଢ଼ି ନିଜର କାର୍ଯ୍ୟ ଓ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବା ଦରକାର।

- ସ୍ମୃତିସମ୍ପନ୍ନା ପଲାଉର, ଯୁଗ୍ମ ତୃତୀୟ

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ବିଶ୍ୱମ୍ଭର ମହାନ୍ତି


ପୁରୁଷୋତ୍ତମ ବିଶି


ରଞ୍ଜିତ ଦଳାଇ


ସସ୍ମିତା ସାହୁ


ସ୍ମିତାଞ୍ଜଳି ବିଶ୍ୱାଳ

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତ୍‌ସିଂହପୁର

# ଯୁବପିଢ଼ି ମୁକ୍ତ, ଜାଗ୍ରତ ହେବାକୁ ଆହ୍ୱାନ






ଜଗତ୍‌ସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମରେ ସୋମବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ପାତ୍ର ଉଦ୍‌ବୋଧନ ଦେଉଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ଜଗତ୍‌ସିଂହପୁର, ୧୪।୮ (ପ୍ରମୋଦ କୁମାର ନାୟକ)

ପିଲାମାନେ ସବୁବେଳେ ସବୁ କ୍ଷେତ୍ରରେ ସଚେତନ ରହିବା ଉଚିତ। ତାହା ହେଲେ ସେମାନେ ଭଲ ମଣିଷ ହେବା ସହ ସଫଳତା ପାଇପାରିବେ। ଧରିତ୍ରୀ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ଚୟନ ପାଇଁ ସୁଯୋଗ ସୃଷ୍ଟି କରାଯାଉଛି। ଯୁବପିଢ଼ିଙ୍କୁ ସେମାନଙ୍କ ଦାୟିତ୍ୱବୋଧତା କଥା ମନେ ପକାଇ ଗଣତନ୍ତ୍ରକୁ ସୁଦୃଢ଼ ପାଇଁ ଉଦ୍ୟମ ହେଉଛି। ସକାରାତ୍ମକ ଚିନ୍ତାଧାରା ରଖି କାମ କଲେ ଉନ୍ନତି ସମ୍ଭବ। ସୋମବାର ଜଗତ୍‌ସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ପାତ୍ର ଏହା କହିଥିଲେ। ବିଚାରକ ଭାବେ ଯୋଗଦେଇ ଶିକ୍ଷାବିତ୍ ତଥା ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ କହିଥିଲେ, ମଣିଷର ପୂର୍ବ ଅବସ୍ଥା ବଣ ମଣିଷ। କିନ୍ତୁ ମଣିଷ ଯେତେବେଳେ ପ୍ରଥମେ ବସତି ସ୍ଥାପନ କଲା, ସେତେବେଳେ ଅନେକ ଅସୁବିଧାର ସମ୍ମୁଖୀନ ହେଲା। ବିଶେଷକରି ସୁରକ୍ଷାକୁ ନେଇ ଚିନ୍ତାପ୍ରକଟ କଲା। ବନ୍ୟ ପ୍ରାଣୀ ଓ ଅନ୍ୟମାନଙ୍କ ଭୟ ରହିଲା। ଏହାପରେ ନେତୃତ୍ୱ କଥା ଉଠିଲା। ଯିଏ ସୁରକ୍ଷା ଦେଲା ସେ ରାଜା ହେଲା। ପରବର୍ତ୍ତୀ ସମୟରେ ରାଜତନ୍ତ୍ର ବିରୋଧରେ ବିଦ୍ରୋହ ମୁଣ୍ଡ ଟେକିଲା। ଏହାପରେ ସୃଷ୍ଟି ହେଲା ଗଣତନ୍ତ୍ର, ଯେଉଁଥିରେ କେହି ପ୍ରମୁଖ ନୁହନ୍ତି। ଅର୍ଥାତ୍ ବ୍ୟକ୍ତିକୁ ସ୍ୱାଧୀନତା ମିଳିଲା। କିନ୍ତୁ ସମୟ ଚକ୍ରରେ ଗଣତନ୍ତ୍ର ପଥଚ୍ୟୁତ ହେଉଛି। ତେଣୁ ପ୍ରତ୍ୟେକ ବିଶେଷକରି ଯୁବପିଢ଼ି ସଚେତନ ଓ ଦାୟିତ୍ୱବାନ୍ ହେଲେ ପରିସ୍ଥିତିରେ ସୁଧାର ଆସିପାରିବ ବୋଲି ଆଚାର୍ଯ୍ୟ କହିଥିଲେ। ଅନ୍ୟତମ ବିଚାରକ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଗଣତନ୍ତ୍ରର ମୌଳିକତା କିପରି କ୍ଷୁଣ୍ଣ ହୋଇ ଚାଲିଛି, ତା ଉପରେ ବକ୍ତବ୍ୟ ରଖିଥିଲେ। ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ ଯେ ମୁକ୍ତ, ଆଉ ଜାଗ୍ରତ ହୁଅ। ଆଗରେ ତୁମର ବହୁଦୂର ରହିଛି। ଏତିକିରେ ଥକି ପଡ଼ିଲେ ହେବ ନାହିଁ। ଗଣତନ୍ତ୍ରର ସୁରକ୍ଷା ଓ ସମୃଦ୍ଧି ପାଇଁ ଧରିତ୍ରୀର ପ୍ରୟାସରେ ସାଥି ହେବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଯୁକ୍ତ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ବିଶ୍ୱାଳ ସଂସ୍କୃତରେ ତାଙ୍କର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ୨୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ଯୁକ୍ତ୨ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ରୀ ସ୍ୱପ୍ନା ଦାସ ପ୍ରଥମ, ଯୁକ୍ତ୨ କଳା ପ୍ରଥମ ବର୍ଷ ଛାତ୍ରୀ ସ୍ଥିତିପ୍ରଜ୍ଞା ଲେଙ୍କା ଓ ଯୁକ୍ତ୩ ପ୍ରଥମ ବର୍ଷ କଳା ଛାତ୍ର ସୂର୍ଯ୍ୟକାନ୍ତ ନନ୍ଦ ଯୁଗ୍ମ ଦ୍ୱିତୀୟ ଓ ଯୁକ୍ତ୩ ବାଣିଜ୍ୟ ଦ୍ୱିତୀୟ ବର୍ଷ ଛାତ୍ରୀ ଅର୍ପିତା ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରାରମ୍ଭରେ ଧରିତ୍ରୀ ଜଗତ୍‌ସିଂହପୁର ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇଥିଲେ। ଶେଷରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଜିତୁ ପ୍ରସାଦ ମଲ୍ଲିକ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧରିତ୍ରୀର ବରିଷ୍ଠ ସହ ସମ୍ପାଦକ ଅରୁଣ ପ୍ରସାଦ କାନୁନ୍‌ଗୋ, ସହ ସମ୍ପାଦକ ମନୋରଞ୍ଜନ ଦାଶ, ପ୍ରସାରଣ ବିଭାଗର ବିଜୟ କୁମାର ମହାପାତ୍ର, ରାହାମା ପ୍ରତିନିଧି ଶ୍ରୀକାନ୍ତ ଦାସ, ସମାଜସେବୀ ବିଜୟ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଅଭୀପ୍‌ସା ମହାନ୍ତି


ଅଜିମା ପରବିନ୍


ଅଜିତ ବେହେରା


ଆଲିଶା ପ୍ରିୟଦର୍ଶନୀ


ଅନିଶା ପ୍ରିୟଦର୍ଶନୀ ସାହୁ


ଦେବସ୍ମିତା ଦାସ


ଦିବ୍ୟଜ୍ୟୋତି ମିଶ୍ର


ଦୀପକ କୁମାର ସାହୁ


ଜ୍ୟୋତିପ୍ରକାଶ ଶତପଥୀ


ରୀମା ରତ୍ନପର୍ଣ୍ଣା


ସଙ୍ଗୀତା ରାୟ


ସ୍ମୃତିରେଖା ପ୍ରିୟଦର୍ଶନୀ


ସ୍ଥିତପ୍ରଜ୍ଞା ମିଶ୍ର


ସ୍ତୁତିପ୍ରଜ୍ଞା ପ୍ରିୟଦର୍ଶନୀ


ଶୁଭଶ୍ରୀ ପ୍ରଧାନ


ସୁଧାସ୍ମିତା ବେହେରା


ମଧୁସ୍ମିତା ବେହେରା

## କ'ଣ କୁହନ୍ତି ବିଜେତା



"ଧରିତ୍ରୀ ପକ୍ଷରୁ କରାଯାଇଥିବା ବକ୍ତୃତା ପ୍ରତିଯୋଗିତାର ବିଷୟବସ୍ତୁ ବହୁତ ଶିକ୍ଷଣୀୟ ଥିଲା। ଏହା ଆମ୍ଭମାନଙ୍କୁ ଏକ ନୂଆ ପ୍ଲାଟଫର୍ମ ଦେଲା। ପ୍ରତିଯୋଗିତାରେ ମୁଁ ଅନେକ କିଛି ଜାଣିଲି ଓ କହିଲି। ଏଭଳି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ଦେଉଛି। ଗଣତନ୍ତ୍ର ଓ ଗଣମାଧ୍ୟମ ପାଇଁ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଧରିତ୍ରୀକୁ ଅଶେଷ ଅଶେଷ ଧନ୍ୟବାଦ।

-ସ୍ୱପ୍ନା ଦାସ, ପ୍ରଥମ ବିଜେତା ତଥା ଯୁକ୍ତ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ



"ଧନ୍ୟବାଦ ଧରିତ୍ରୀ କର୍ମକର୍ତ୍ତାଙ୍କୁ ଆମକୁ ଏତେବଡ଼ ସୁଯୋଗ ଦେଇଥିବାରୁ। ଭାରତ ମାତା ସବୁ ଦୁଃଖ ସହିଯାଏ। ଧରିତ୍ରୀ ଆମ ଦୁଃଖ, କଷ୍ଟ, ଦୁଃଖୀ, ଦରିଦ୍ରଙ୍କ ଖବରକୁ ସମସ୍ତଙ୍କ ପାଖରେ ପହଞ୍ଚାଇପାରିଛି। ପ୍ରତିଯୋଗିତାରେ ୨ୟ ସ୍ଥାନ ଅଧିକାର କରି ଖୁସି ଅଛି।

-ସ୍ଥିତିପ୍ରଜ୍ଞା ଲେଙ୍କା, ଦ୍ୱିତୀୟ ବିଜେତା ତଥା ଯୁକ୍ତ୨ ପ୍ରଥମ ବର୍ଷ କଳା ଛାତ୍ରୀ



"ଧରିତ୍ରୀର ଏଭଳି ଅଭିନବ ପ୍ରୟାସକୁ ସାଧୁବାଦ। ବାସ୍ତବିକ ଗଣତନ୍ତ୍ରର ସୁରକ୍ଷା ପାଇଁ ଗଣମାଧ୍ୟମ ଓ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଯୁବସମାଜ ସେମାନଙ୍କ ଦାୟିତ୍ୱ କ'ଣ ବୁଝି କାମ କଲେ ପରିବର୍ତ୍ତନ ଆସିପାରିବ।

-ସୂର୍ଯ୍ୟକାନ୍ତ ନନ୍ଦ, ଦ୍ୱିତୀୟ ବିଜେତା ତଥା ଯୁକ୍ତ୩ ପ୍ରଥମ ବର୍ଷ କଳା ଛାତ୍ର



"ଗଣତନ୍ତ୍ର ପାଇଁ ଛିଡ଼ା ହୋଇଥିବା ପ୍ରତିବନ୍ଧକ ଦୂର ପାଇଁ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ର ସତ୍ୟ ଓ ନିର୍ଭୀକ ଖବର ପରିବେଷଣ କରିବା ଉଚିତ। ତେବେ ଯାଇ ଗଣତନ୍ତ୍ର ସୁରକ୍ଷିତ ଓ ସୁଦୃଢ଼ ହୋଇପାରିବ।

-ଅର୍ପିତା ତ୍ରିପାଠୀ, ତୃତୀୟ ବିଜେତା ତଥା ଯୁକ୍ତ୩ ଦ୍ୱିତୀୟ ବର୍ଷ ବାଣିଜ୍ୟ ଛାତ୍ରୀ

# ହିମାଚଳରେ ବର୍ଷା ବିପ୍ୱାତ: ୪୮ ମୃତ


ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ ବ୍ୟାସ ନଦୀରେ ବନ୍ୟା ଆସିଛି।


ଉତ୍ତରାଖଣ୍ଡର ଡେରାଡୁନ୍ ଉପକଣ୍ଠ ଘରୋଇ ପ୍ରତିରକ୍ଷା ଟ୍ରେନିଂ ଏକାଡେମୀ ଭୁଶୁଡି ପଡ଼ିଛି।

ସିମ୍ଲା,୧୪।୮

ହିମାଚଳପ୍ରଦେଶରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁ ୪୮ ଜଣଙ୍କ ମୃତ୍ୟୁ ଘଟିଛି। ଲଗାଣ ବର୍ଷା ଜାରି ରହିଥିବାରୁ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଭୂସ୍ଖଳନ ଯୋଗୁ ୭୫୨ଟି ରାସ୍ତା ଅବରୋଧ ହେବା ସହ ବହୁ ଘରଦ୍ୱାର ଭାଙ୍ଗିଯାଇଛି। ସିମ୍ଲାରେ ଦୁଇଟି ଭୂସ୍ଖଳନରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ସୁମେରହିଲ୍ ଅଞ୍ଚଳରେ ଭୂସ୍ଖଳନ ଯୋଗୁ ଏକ ଶିବ ମନ୍ଦିର ଭୁଶୁଡ଼ିବାରୁ ୯ ଜଣ ପ୍ରାଣ ହରାଇଛନ୍ତି। ଶ୍ରାବଣ ମାସ ପାଇଁ ମନ୍ଦିରକୁ ବହୁସଂଖ୍ୟାରେ ଭକ୍ତ ଆସିଥିଲେ। ମନ୍ଦିର ଭଗ୍ନାବଶେଷ ତଳେ ୧୫ ଜଣ ରହିଯାଇଥିବା ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ସିମ୍ଲାର ଫାଗଲି ଅଞ୍ଚଳରେ ହୋଇଥିବା ଭୂସ୍ଖଳନରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ମଣ୍ଡି ଜିଲାରେ ବିଭିନ୍ନ ବର୍ଷାଜନିତ ଦୁର୍ଘଟଣାରେ ୧୯ ଜଣଙ୍କ ଜୀବନ ଯାଇଛି। କୁଲ୍ଲୁ, କିନ୍ନଉର ଏବଂ ଲହାଉଲ ଓ ସ୍ପିଟିକୁ ଛାଡ଼ିଦେଲେ ଅନ୍ୟ ୯ଟି ଜିଲାରେ ଭୀଷଣ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି।

ବାଦଲଫଟା ବର୍ଷା ଯୋଗୁ ରବିବାର ରାତିରେ ସୋଲାନ ଜିଲାର ଜାଡୋନ ଗ୍ରାମରେ ଗୋଟିଏ ପରିବାରର ୭ ଜଣ ପ୍ରାଣ ହରାଇଛନ୍ତି। ଦୁଇଟି ଘର ଭାସିଯାଇଥିବାବେଳେ ୬ ଜଣଙ୍କୁ ଉଦ୍ଧାର କରାଯାଇଥିବା ପୋଲିସ କହିଛି। ସେହିପରି ଜିଲାର ବରେଲା ପଞ୍ଚାୟତରେ ଭୂସ୍ଖଳନରେ ଏକ ଅସ୍ଥାୟୀ ଘର ଭୁଶୁଡ଼ି ପଡ଼ିବାରୁ ୨ ପିଲାଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରୁ ଜଣକ ମୃତଦେହ ମିଳିଛି। ବନଲରେ ଜଣେ ମହିଳା ଭୂସ୍ଖଳନରେ ପ୍ରାଣ ହରାଇଛନ୍ତି। ହିମାଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର କେତେକ ଟିମ୍ ନିୟୋଜିତ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ବର୍ଷା ବିଭୀଷିକାରେ ବହୁସଂଖ୍ୟାରେ ଲୋକଙ୍କ ଜୀବନ ଯାଇଥିବାରୁ ଶାହା ମର୍ମାହତ ହୋଇଛନ୍ତି।

### ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ମୁତୟନ

## ଚାର୍‌ଧାମ ଯାତ୍ରା ସ୍ଥଗିତ

ଡେରାଡୁନ୍,୧୪।୮

ଉତ୍ତରାଖଣ୍ଡରେ ସୋମବାର ଲଗାଣ ବର୍ଷା ଯୋଗୁ ବହୁ ବିଲ୍ଡିଂ ଧ୍ୱଂସ ହେବା ସହ ଭୂସ୍ଖଳନ ଯୋଗୁ ବଦ୍ରିନାଥ, କେଦାରନାଥ ଏବଂ ଗଙ୍ଗୋତ୍ରୀକୁ ଯାଇଥିବା ଜାତୀୟ ରାଜପଥଗୁଡ଼ିକ ଅବରୋଧ ହୋଇଛି। ଫଳରେ ଚାର୍‌ଧାମ ଯାତ୍ରାକୁ ୨ ଦିନ ପାଇଁ ସ୍ଥଗିତ ରଖାଯାଇଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ବରିଷ୍ଠ ଅଧିକାରୀଙ୍କ ସହ ବୈଠକରେ ବର୍ଷା ସ୍ଥିତିର ସମୀକ୍ଷା କରିଛନ୍ତି। ବର୍ଷା ବିପ୍ୱାତରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫ ଜଣ ନିଖୋଜ ଅଛନ୍ତି। ଲଗାଣ ବର୍ଷାରେ ଡେରାଡୁନ୍ ଉପକଣ୍ଠରେ ଥିବା ଏକ ଘରୋଇ ପ୍ରତିରକ୍ଷା ଟ୍ରେନିଂ ଏକାଡେମୀ ଭୁଶୁଡ଼ି ପଡ଼ିଛି। କେଦାରନାଥ ନିକଟରେ ଥିବା ଲିନଚୋଲିରେ ଭୂସ୍ଖଳନ ଯୋଗୁ ନେପାଳର ଜଣେ ବ୍ୟକ୍ତି ପ୍ରାଣ ହରାଇଥିବା ରୁଦ୍ରପ୍ରୟାଗ ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ କହିଛନ୍ତି। ଋଷିକେଶର ଶିବମନ୍ଦିର ଏବଂ ମୀରାନଗର ନିକଟରେ ପାଣିସୁଅରେ ଭାସିଯାଉଥିବା ୨ ମୃତଦେହ ମିଳିଛି। ସେହିପରି ପୌରି ଜିଲାର ଲକ୍ଷ୍ମଣଝୁଲା ଅଞ୍ଚଳରେ ଭୂସ୍ଖଳନ ଯୋଗୁ ୫ ଜଣଙ୍କ ପତ୍ତା ମିଳୁନାହିଁ। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ପୌରି ଏସ୍‌ଏସ୍‌ପି ଶ୍ୱେତା ଚୌବେ କହିଛନ୍ତି।

## ସିଜେଆଇଙ୍କ ଉପରେ ସୋସିଆଲ ମିଡିଆରେ ମିଥ୍ୟା ପୋଷ୍ଟ

### ପ୍ରେସ୍ ନୋଟ୍ ଜାରି କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୪।୮

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଫାଇଲ ଫଟୋ ଏବଂ ତାଙ୍କର ନାଁରେ ଏକ ମିଛ ବିବୃତିକୁ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଏଥିରେ ଲେଖାଅଛି, 'ଭାରତର ସମ୍ବିଧାନ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ ଆମେ ସବୁପ୍ରକାର ଉଦ୍ୟମ ଚଳାଇଛୁ। ତଥାପି ଆପଣମାନଙ୍କ ସହଯୋଗ ମଧ୍ୟ ଏଥିପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଜନସାଧାରଣ ଏକାଠି ହୋଇ ରାସ୍ତାକୁ ଓହ୍ଲାନ୍ତୁ ଏବଂ ସେମାନଙ୍କ ଅଧିକାର ପାଇଁ ସରକାରଙ୍କୁ ପ୍ରଶ୍ନ କରନ୍ତୁ। ଏକଛତ୍ରବାଦୀ ସରକାର ଲୋକଙ୍କୁ ଭୟଭୀତ କରାଇବେ, ଧମକ ଦେବେ; କିନ୍ତୁ ଏଥିରେ ଆପଣମାନେ ଭୟଭୀତ ହୁଅନ୍ତୁ ନାହିଁ। ସାହସ ରଖି ସରକାରଙ୍କୁ ଉତ୍ତର ମାଗନ୍ତୁ, ମୁଁ ଆପଣମାନଙ୍କ ସହ ରହିଛି।' ସର୍ବୋଚ୍ଚ ଅଦାଲତ ସୋମବାର ଏକ ପ୍ରେସ୍ ନୋଟ୍ ଜାରି କରି କହିଛନ୍ତି, ସିଜେଆଇଙ୍କ ଦ୍ୱାରା ଏଭଳି ପୋଷ୍ଟ ଜାରି ହୋଇନାହିଁ କିମ୍ବା ଏଭଳି କୌଣସି ପୋଷ୍ଟ କରିବା ପାଇଁ ସେ କାହାକୁ ଅଧିକାର ଦେଇନାହାନ୍ତି। ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ପାଇଁ ଏକ ସୋସିଆଲ ମିଡିଆ ପୋଷ୍ଟରେ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିବା ସୁପ୍ରିମକୋର୍ଟଙ୍କ ନଜରକୁ ଆସିଛି, ଯେଉଁଥିରେ ସିଜେଆଇଙ୍କ ଫଟୋ ଓ ମିଛ ମନ୍ତବ୍ୟକୁ ବ୍ୟବହାର କରାଯାଇଛି। ଏହି ପୋଷ୍ଟ ମିଥ୍ୟା, ମନ୍ଦ ଉଦ୍ଦେଶ୍ୟଯୁକ୍ତ ଏବଂ କୌତୂହଳପ୍ରଦ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ସଂକ୍ଷେପରେ

### ଡିପି ପରିବର୍ତ୍ତନ ପରେ ଭାଜପା ନେତାଙ୍କ ଟୁଇଟରରୁ ଗୋଲଡେନ୍ ଟିକ୍ ଉଭାନ

**ନୂଆଦିଲ୍ଲୀ,୧୪।୮:** ସ୍ୱାଧୀନତା ଦିବସ ଅବସରରେ ଲୋକଙ୍କୁ ସେମାନଙ୍କ ସୋସିଆଲ ମିଡ଼ିଆ ଆକାଉଣ୍ଟର ଡିସପ୍ଲେ ପିକ୍ଚର(ଡିପି) ପରିବର୍ତ୍ତନ କରି ତ୍ରିରଙ୍ଗା ରଖିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହା ପରେ ଲୋକଙ୍କ ସମେତ ନେତାମାନେ ନିଜ ନିଜ ସୋସିଆଲ ମିଡିଆ ଆକାଉଣ୍ଟର ଡିପି ପରିବର୍ତ୍ତନ କରିଥିଲେ। ତେବେ ଡିପି ପରିବର୍ତ୍ତନ ପରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର, ଗୋଆ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଭାଜପା ମୁଖପାତ୍ର ସମ୍ବିତ ପାତ୍ରଙ୍କ ଭଳି ବରିଷ୍ଠ ଭାଜପା ନେତାଙ୍କ ଟୁଇଟରରୁ ଗୋଲେଡେନ୍ ବ୍ଲୁ ଟିକ୍ ଉଭାନ ହୋଇଥିବା ଜଣାପଡିଛି।

### ଲକ୍ଷ୍ମୀପୁର ଖେରୀ ଗଣବଳାତ୍କାର ମାମଲା

### ଦୁଇ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

**ଲକ୍ଷ୍ମୀପୁର ଖେରୀ,୧୪।୮:** ଦୀର୍ଘ ଏକ ବର୍ଷ ପରେ ବହୁ ଚର୍ଚ୍ଚିତ ଲକ୍ଷ୍ମୀପୁର ଖେରୀ ଗଣବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ପୋକ୍ସୋ କୋର୍ଟ ଏହି ଘଟଣାରେ ଚାରି ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣକୁ ସୁନୀଲ ଓ ଜୁନାଇଦଙ୍କୁ ଆଜୀବନ କାରାଦଣ୍ଡ ସହ ୪୬ ହଜାର ଲେଖାଏଁ ଅର୍ଥଦଣ୍ଡ ଦେଇଛନ୍ତି। ସେହିପରି ଅନ୍ୟ ଦୁଇ ଜଣଙ୍କୁ ୬ ବର୍ଷ ଜେଲ୍ ସହ ୫ ହଜାର ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ୨୦୨୨ ସେପ୍ଟେମ୍ବର ୨୪ ତାରିଖରେ ଲକ୍ଷ୍ମୀପୁର ଖେରୀ ଅଞ୍ଚଳର ଦୁଇ ଦଳିତ ନାବାଳିକା ଭଉଣୀଙ୍କୁ ଗଣବଳାତ୍କାର ପରେ ଅତି ଅମାନୁଷିକ ଭାବେ ହତ୍ୟା କରାଯାଇ ଗଛରେ ଝୁଲାଇ ଦିଆଯାଇଥିଲା। ଏହି ଘଟଣାକୁ ନେଇ ରାଜ୍ୟ ସରକାର ଏସ୍‌ଆଇଟି ତଦନ୍ତ କରିବା ସହ ୬ ଜଣଙ୍କ ସମ୍ପୃକ୍ତି ନେଇ ଚାର୍ଜଶିଟ୍ ଦାଖଲ କରିଥିଲେ।

### ପାକ୍ କାମଚଳା ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ କକର



ଇସ୍‌ଲାମାବାଦ,୧୪।୮(ପି.ଟି.): ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ ଭାବେ ଅନୱାରୁଲ ହକ୍ କକର ସୋମବାର ଶପଥ ଗ୍ରହଣ କରିଛନ୍ତି। ସେ ଆର୍ଥିକ ସଙ୍କଟରେ ଥିବା ପାକିସ୍ତାନର ନେତୃତ୍ୱ ନେବା ସହ ପରବର୍ତ୍ତୀ ସାଧାରଣ ନିର୍ବାଚନ ପରିଚାଳନା କରିବେ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ନିରାଡ଼ମ୍ବର ଉତ୍ସବରେ ରାଷ୍ଟ୍ରପତି ଅରିଫ୍ ଆଲ୍‌ଭି ୫୨ ବର୍ଷୀୟ କକରଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦାୟୀ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଓ ଅନେକ ଶୀର୍ଷନେତା ଉପସ୍ଥିତ ଥିଲେ। କକର ଦେଶର ଅଷ୍ଟମ ଅନ୍ତରୀଣ ପ୍ରଧାନମନ୍ତ୍ରୀ ହୋଇଛନ୍ତି।

## ସଦ୍‌ଭାବନା ବଜାୟ ରଖିବାକୁ ଗୁରୁତ୍ୱ

ନୂଆଦିଲ୍ଲୀ,୧୪।୮(ପି.ଟି.)


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

### ସ୍ୱାଧୀନତା ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ସମ୍ବୋଧନ

### ଦେଶର ବିକାଶରେ ମହିଳାଙ୍କ ଅବଦାନ ଉଲ୍ଲେଖନୀୟ

ଜାତି, ବର୍ଣ୍ଣ, ଭାଷା, ଅଞ୍ଚଳ, ପରିବାର ଏବଂ ବୃତ୍ତିଗତ ଭିନ୍ନତା ସତ୍ତ୍ୱେ ସମସ୍ତଙ୍କର ପରିଚୟ ଗୋଟିଏ। ତାହା ହେଲା ସେମାନେ ଭାରତର ନାଗରିକ। ପ୍ରତ୍ୟେକ ସମାନ ନାଗରିକ ଓ ସେମାନଙ୍କୁ ଏହି ଦେଶରେ ସମାନ ସୁଯୋଗ, ଅଧିକାର ଓ କର୍ତ୍ତବ୍ୟ ମିଳିଛି। ତେଣୁ ସଦ୍‌ଭାବନା ଓ ଭ୍ରାତୃଭାବ ସହ ରାଷ୍ଟ୍ର ନିର୍ମାଣ ସ୍ୱପ୍ନକୁ ସାକାର କରିବା ଲାଗି ଆଗେଇ ଆସିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି। ୭୭ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରକୁ ସମ୍ବୋଧିତ କରି ରାଷ୍ଟ୍ରପତି ମହିଳା ସ୍ୱାଧୀନତା ସଂଗ୍ରାମୀ ମାତଙ୍ଗିନୀ ହାଜରା, କନକଲତା ବରୁହା, କସ୍ତୁରବା ଗାନ୍ଧୀ, ସରୋଜିନୀ ନାଇଡୁ, ଅମ୍ମୁ ସ୍ୱାମୀନାଥନ, ରମାଦେବୀ, ଅରୁଣା ଅସରଫ ଅଲି ଏବଂ ସୁଚେତା କୃପାଳିନୀଙ୍କୁ ମନେ ପକାଇଥିଲେ। ଦେଶର ବିକାଶ ଓ ସେବାର ପ୍ରତ୍ୟେକ କ୍ଷେତ୍ରକୁ ମହିଳାମାନଙ୍କ ଉଲ୍ଲେଖନୀୟ ଅବଦାନ ରାଷ୍ଟ୍ରର ଗୌରବ ବଢ଼ାଇଛି। ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ଦେଶକୁ ସ୍ୱତନ୍ତ୍ର ଫୋକସ୍ ଦେବା ସହ ପରିବାର ଓ ସମାଜରେ ସେମାନଙ୍କ ସ୍ଥିତିକୁ ସୁଦୃଢ଼ କରିଛି ବୋଲି ରାଷ୍ଟ୍ରପତି କହିଥିଲେ।

ଚଳିତ ବର୍ଷ ଭାରତ ଜି-୨୦ ସମିଟ୍‌ର ଅଧ୍ୟକ୍ଷତା କରୁଛି। ଏହି ୨୦ ସଦସ୍ୟ ରାଷ୍ଟ୍ର ବିଶ୍ୱର ଦୁଇ-ତୃତୀୟାଂଶକୁ ପ୍ରତିନିଧିତ୍ୱ କରୁଛି। ବାଣିଜ୍ୟ ଓ ଅର୍ଥନୀତିରେ ନ୍ୟାୟସଙ୍ଗତ ବିକାଶ ଦିଗରେ ଭାରତ ନିଷ୍ପତ୍ତି ଗ୍ରହଣ କରିପାରୁଛି। ଏହା ବାଦ୍ ଏଜେଣ୍ଡାରେ ମାନବ ବିକାଶ ମଧ୍ୟ ରହିଛି। ବୈଶ୍ୱିକ ପ୍ରସଙ୍ଗର ସମାଧାନରେ ଭାରତର ନେତୃତ୍ୱ ପ୍ରଭାବୀ ହୋଇପାରିବା ନେଇ ସେ ନିଶ୍ଚିତ ବୋଲି ମୁର୍ମୁ କହିଥିଲେ। ଦେଶର ଅଭିବୃଦ୍ଧିରେ ଆମ ଅନ୍ନଦାତା କୃଷକମାନଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ବିଶ୍ୱ ମୁଦ୍ରାସ୍ଫୀତି ଉଦ୍‌ବେଗଜନକ ଥିବାବେଳେ ଭାରତ ସରକାର ଓ ରିଜର୍ଭ ବ୍ୟାଙ୍କ ଏହାକୁ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇଛନ୍ତି। ଜାତୀୟ ଶିକ୍ଷାନୀତି ଶିକ୍ଷା ବ୍ୟବସ୍ଥାକୁ ଅଧିକ ନମନୀୟ କରିଛି। ଇସ୍ରୋର ଚନ୍ଦ୍ରୟାନ-୩ର ଉଚ୍ଚ ପ୍ରଶଂସା କରିଥିଲେ ରାଷ୍ଟ୍ରପତି। ଆଉ କିଛିଦିନ ମଧ୍ୟରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ବୋଲି ସେ କହିଥିଲେ।

### ଏନ୍‌ଇଇଟିରେ ବିଫଳତା

### ପୁଅର ଆତ୍ମହତ୍ୟା ପରେ ବାପାଙ୍କ ମୃତ୍ୟୁ

ଚେନ୍ନାଇ,୧୪।୮

ମେଡିକାଲ ପଢ଼ିବା ପାଇଁ ଏନ୍‌ଇଇଟି ପରୀକ୍ଷାରେ ୨ଥର ବିଫଳ ହେବା ପରେ ଜଣେ ଛାତ୍ର ରବିବାର ଆତ୍ମହତ୍ୟା କରିଥିଲେ। ପୁଅ ମୃତ୍ୟୁରେ ଭାଙ୍ଗିପଡ଼ି ସୋମବାର ବାପା ମଧ୍ୟ ଆଖି ବୁଜିଛନ୍ତି। ତାମିଲନାଡୁର କ୍ରୋମପେଟ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ପି. ସେଭାଲେସେକର ଏବଂ ତାଙ୍କ ପୁଅ ଜଗଦେଶ୍ୱରନ୍। ଜଗଦେଶ୍ୱରନ୍ ୨୦୨୨ରେ ଦ୍ୱାଦଶ ଶ୍ରେଣୀ ଶିକ୍ଷା ଶେଷ ପରେ ଦୁଇ ଥର ଏନ୍‌ଇଇଟି ପରୀକ୍ଷା ଦେଇ ବିଫଳ ହୋଇଥିଲେ। ଏଥିରେ ମ୍ରିୟମାଣ ହୋଇ ସେ ଆତ୍ମହତ୍ୟା କରିଥିଲେ। ଘଟଣାକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଦୁଃଖ ପ୍ରକାଶ କରିବା ସହ ଏନ୍‌ଇଇଟି ପରୀକ୍ଷା ରଦ୍ଦ ହେବା ଉଚିତ ବୋଲି କହିଛନ୍ତି। ଏନ୍‌ଇଇଟି ଯାହା ଆପଣମାନଙ୍କ ପ୍ରଗତିରେ ବାଧା ସୃଷ୍ଟି କରୁଛି ତାହା ବନ୍ଦ ହେବ। ରାଜ୍ୟ ସରକାର ଏ ଦିଗରେ ଆଇନଗତ ପଦକ୍ଷେପ ନେବା ପାଇଁ କାମ କରୁଥିବା ଷ୍ଟାଲିନ୍ କହିଛନ୍ତି।

## ୧୦୦ କି.ମି. କକ୍ଷ ନିକଟତର ହେଲା ଚନ୍ଦ୍ରୟାନ-୩




ବେଙ୍ଗାଲୁରୁ,୧୪।୮

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ସୋମବାର ଚନ୍ଦ୍ରୟାନ-୩ ମହାକାଶ ଯାନର ଘୂର୍ଣ୍ଣନ ପଥ ହ୍ରାସ କରିଛି। ଏହି ମାନୋଭର ପୂର୍ବରୁ ଚନ୍ଦ୍ର ଚତୁର୍ପାର୍ଶ୍ୱରେ ଅଣ୍ଡାକୃତି କକ୍ଷପଥରେ ଗତି କରୁଥିବା ଚନ୍ଦ୍ରୟାନର ସର୍ବାଧିକ ଦୂରତା ୧,୪୩୭ କିଲୋମିଟର ଥିଲା। ଏବେ ଅଣ୍ଡାକୃତି ପଥକୁ ବର୍ତ୍ତୁଳାକାର କରିବା ପର୍ଯ୍ୟାୟ ଆରମ୍ଭ ହୋଇଛି। ସୋମବାରର କକ୍ଷପଥ ହ୍ରାସ ଫଳରେ ଚନ୍ଦ୍ରଠାରୁ ଚନ୍ଦ୍ରୟାନର ସର୍ବନିମ୍ନ ଦୂରତା ୧୫୦ କିଲୋମିଟର ଏବଂ ସର୍ବାଧିକ ଦୂରତା ୧୭୭ କିଲୋମିଟର ହୋଇଛି। ୧୬ ତାରିଖ ସକାଳ ୮ଟା ୩୦ରେ ହେବାକୁ ଥିବା ପରବର୍ତ୍ତୀ କକ୍ଷ ହ୍ରାସରେ ଏହା ଚନ୍ଦ୍ରଠାରୁ ୧୦୦ କିଲୋମିଟର ଦୂରତାରେ ପହଞ୍ଚିବ ବୋଲି ଇସ୍ରୋ କହିଛି। ଜୁଲାଇ ୧୪ରେ ଚନ୍ଦ୍ରୟାନ-୩ ଚନ୍ଦ୍ର ଅଭିମୁଖେ ଉତ୍‌କ୍ଷେପଣ ହେବା ପରେ ୧୫ରୁ ୨୫ ତାରିଖ ମଧ୍ୟରେ ୫ ଥର ପୃଥିବୀ କୈନ୍ଦ୍ରିକ ମାନୋଭର କରାଯାଇ ଏହାକୁ ୧.୨ ଲକ୍ଷ କିଲୋମିଟର ଦୂରତାରେ ପହଞ୍ଚାଯାଇଥିଲା। ଅଗଷ୍ଟ ୧ରେ ଚନ୍ଦ୍ରୟାନକୁ ଚନ୍ଦ୍ର ଅଭିମୁଖେ ଟ୍ରାନ୍ସ-ଲୁନାର ଇଞ୍ଜେକ୍ସନ କରାଯାଇଥିଲା। ପ୍ରାୟ ୩.୬ ଲକ୍ଷ କିଲୋମିଟର ଅତିକ୍ରମ କରିବା ପରେ ଅଗଷ୍ଟ ୫ରେ ମହାକାଶ ଯାନ ଚନ୍ଦ୍ର କକ୍ଷପଥରେ ପହଞ୍ଚିଥିଲା। ଏହା ପରେ ୬ ଏବଂ ୯ ତାରିଖରେ ଦୁଇଟି ଚନ୍ଦ୍ରକୈନ୍ଦ୍ରିକ ମାନୋଭର କରାଯାଇ ଉପଗ୍ରହଠାରୁ ଏହାର ସର୍ବନିମ୍ନ ଦୂରତା ୧୭୪ କିଲେମିଟର ଏବଂ ସର୍ବାଧିକ ଦୂରତା ୧,୪୩୭ କିଲୋମିଟରକୁ ହ୍ରାସ କରାଯାଇଥିଲା। ଅଗଷ୍ଟ ୨୩ରେ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡରକୁ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଂ କରିବାକୁ ଇସ୍ରୋ ଯୋଜନା ରଖିଛି।

## ଫୁରସତ

## ୩ ବେଡ୍‌ରୁମରେ ୨୦୦ କଣ୍ଢେଇ




ନୂଆଦିଲ୍ଲୀ

ବାର୍ବି ଡଲ୍ ଭଳି ଖେଳନା ସାଧାରଣତଃ ଝିଅମାନେ ଅଧିକ ପସନ୍ଦ କରିଥାନ୍ତି। ହେଲେ ନିକଟରେ ଜଣେ ୩୫ ବର୍ଷୀୟଙ୍କ ପାଖରେ କଣ୍ଢେଇର ବହୁତ କଲେକ୍ସନ ଥିବା ଦେଖିବାକୁ ମିଳିଛି। ସେ ତାଙ୍କ ୩ଟି ବେଡ୍‌ରୁମକୁ ୨୦୦ରୁ ଊର୍ଦ୍ଧ୍ୱ କଣ୍ଢେଇରେ ଭରି ଦେଇଛନ୍ତି। ସାଧାରଣତଃ କଣ୍ଢେଇ ଝିଅଙ୍କ ପସନ୍ଦ ଥିବାବେଳେ ତାଙ୍କର ଏପରି ସଉକ ପାଇଁ ସ୍କୁଲରେ ତାଙ୍କୁ ଅଧିକାଂଶ ଥଟ୍ଟା କରୁଥିଲେ। ହେଲେ ତାଙ୍କର ଏପରି ସଉକକୁ ସେ ବଜାୟ ରଖିଛନ୍ତି। ଏକ୍ସ ଫ୍ୟାକ୍ଟରର ପ୍ରତିଯୋଗୀ ଡୁଆନି ଏଜେଙ୍କୁ ୫ ବର୍ଷ ବୟସ ଉପହାରରେ ଏକ କଣ୍ଢେଇ ମିଳିଥିଲା। ତାହା ତାଙ୍କୁ ବହୁତ ପସନ୍ଦ ଆସିଥିଲା। ତା' ପରଠାରୁ ଘରେ ହେଉଥିବା ସମସ୍ତ ଉତ୍ସବରୁ ତାଙ୍କୁ ଅନେକ କଣ୍ଢେଇ ଉପହାର ସ୍ୱରୂପ ମିଳୁଥିଲା। ସେ କଣ୍ଢେଇ ଏକାଠି କରିବା ଆରମ୍ଭ କରିଥିଲେ। ଏବେ ଏହା ତାଙ୍କର ସଉକରେ ପରିଣତ ହୋଇଯାଇଛି। ରିପୋର୍ଟ ମୁତାବକ, ସେ ବିଭିନ୍ନ ସାଇଟ୍‌ରୁ କଣ୍ଢେଇ କିଣିଥାନ୍ତି ଏବଂ ତାହାକୁ ତାଙ୍କ ସୋସିଆଲ ମିଡିଆର ୟୁଜର୍ସଙ୍କ ସହ ଶେୟାର କରିଥାନ୍ତି। ତାଙ୍କ ପାଖରେ ଥିବା କଣ୍ଢେଇର ମୂଲ୍ୟ ୨୦ ଡଲାରରୁ ଆରମ୍ଭ କରି ୬୦୦ ଡଲାର ପର୍ଯ୍ୟନ୍ତ ରହିଛି। ସେ ଏହା ମଧ୍ୟରେ ବିବାହ କରିସାରିଛନ୍ତି। ହେଲେ ମଧ୍ୟ ତାଙ୍କର ଏପରି କଣ୍ଢେଇ ଏକାଠି କରିବା ସଉକ ସେ ଚାଲୁ ରଖିଛନ୍ତି। ଏଥିରେ ତାଙ୍କ ସ୍ତ୍ରୀଙ୍କୁ କୌଣସି ଅସୁବିଧା ମଧ୍ୟ ହୁଏନି। ସେ ତାଙ୍କର ଏହି ସଉକକୁ ନେଇ ଗର୍ବ ମଧ୍ୟ କରନ୍ତି।

### ମାଷ୍ଟର୍ସ ବିଶ୍ୱକପ୍ ପ୍ରତିଦ୍ୱନ୍ଦ୍ୱିତାରେ ୮୮ ବର୍ଷୀୟାଙ୍କ ଯାଦୁକରି

ଟୋକିଓ

ଗତବର୍ଷ ମାଷ୍ଟର୍ସ ଚାମ୍ପିୟନଶିପ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବା ପରେ ଜାପାନର କାଟସୁମି ସାଇକି ବିଶ୍ୱର ସର୍ବ ପୁରାତନ ମହିଳା ପ୍ରତିଯୋଗୀ କ୍ରସ ସ୍କାଏର ହୋଇଥିଲେ। ବର୍ତ୍ତମାନ ୮୮ ବର୍ଷ ବୟସରେ ସେ ନିଜ ପ୍ରତିଭାକୁ ବିଶ୍ୱ ମଞ୍ଚକୁ ନେଇ ଅଷ୍ଟ୍ରେଲିଆରେ ୨୦୨୩ ମାଷ୍ଟର୍ସ ବିଶ୍ୱକପ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରି ରେକର୍ଡ କରିଛନ୍ତି। ୮୫ରୁ ଅଧିକ ବର୍ଗରେ ପ୍ରବେଶ କରିଥିବା କାଟସୁମି ଏକମାତ୍ର ସ୍କାଏର୍ସ ଥିଲେ। ସେ ନିମ୍ନବର୍ଗର କିଛି ପ୍ରତିଯୋଗୀଙ୍କ ଅପେକ୍ଷା ତାଙ୍କର ଦୁଇଟି ଇଭେଣ୍ଟରେ କମ୍ ସମୟ ନେଇଥିଲେ। ୫ କି.ମି. କ୍ଲାସିକ୍ ଷ୍ଟାଇସ ଇଭେଣ୍ଟକୁ ସେ ୨୬ ମିନିଟ୍ ୨୮ ସେକେଣ୍ଡରେ ଶେଷ କରିଥିଲେ। ୨୦୨୩ ମାଷ୍ଟର୍ସ ବିଶ୍ୱକପ୍‌ରେ ୨ ଜଣ ମହିଳା ଜାପାନୀ ସ୍କାଏରଙ୍କ ମଧ୍ୟରୁ କାଟସୁମି ତାଙ୍କ ଦେଶକୁ ପ୍ରତିନିଧିତ୍ୱ କରୁଥିଲେ।

## କିଆରାଙ୍କୁ ଅଧିକ ପସନ୍ଦ ସମୁଦ୍ର

ମୁମ୍ବାଇ



କିଛିବର୍ଷ ହେବ ବଲିଉଡ୍ ଅଭିନେତ୍ରୀ କିଆରା ଆଡ୍‌ଭାନୀ ଦର୍ଶକଙ୍କୁ ଅନେକ ହିଟ୍ ମୁଭି ଭେଟି ଦେଇଛନ୍ତି। ସେ ବର୍ତ୍ତମାନ ତାଙ୍କ ବ୍ୟକ୍ତିଗତ ଜୀବନ ଏବଂ କର୍ମଜୀବୀ ଜୀବନକୁ ଭଲରେ ସମ୍ଭାଳୁଛନ୍ତି। ଏହାକୁ ନେଇ ସେ ନିକଟରେ ଏକ ସାକ୍ଷାତ୍‌କାରରେ ତାଙ୍କ ମନ କଥା କହିଛନ୍ତି। କିଆରା ତାଙ୍କ ୩୧ତମ ଜନ୍ମଦିନ ସ୍ୱାମୀ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ପାଳନ କରିଥିଲେ। ଦୁହିଁଙ୍କୁ ଇଟାଲୀର ଅମାଲ୍ଫି ସମୁଦ୍ର କୂଳରେ ଛୁଟି କାଟୁଥିବା ଦେଖିବାକୁ ମିଳିଛି। କିଆରା କହିଛନ୍ତି, ତାଙ୍କୁ ଏବଂ ତାଙ୍କ ସ୍ୱାମୀ ସିଦ୍ଧାର୍ଥଙ୍କୁ ବୁଲିବାକୁ ବହୁତ ପସନ୍ଦ। ତେଣୁ ସେମାନଙ୍କୁ ସ୍ଥାନ ବାଛିବାକୁ କୌଣସି ଅସୁବିଧା ମଧ୍ୟ ହୁଏନି। କିଆରାଙ୍କୁ ସମୁଦ୍ର ଅଧିକ ପସନ୍ଦ ଥିବାରୁ ସେ ଏଥର ସମୁଦ୍ରକୁ ବୁଲିବାକୁ ଯାଇଥିଲେ। ଦୁହେଁ ପହଁରିବାରେ ମଧ୍ୟ ପ୍ରବୀଣ। ପାଣି ପ୍ରତି ତାଙ୍କର ଅଧିକ ଦୁର୍ବଳତା ଥିବା ମଧ୍ୟ କହିଛନ୍ତି। ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ 'ସତ୍ୟ ପ୍ରେମ କି କଥା' ବକ୍ସ ଅଫିସରେ ଭଲ ଆୟ କରିଛି। ସେ ୨୦୧୪ରେ ତାଙ୍କର ଅଭିନୟ ଆରମ୍ଭ କରିଥିଲେ। ଅନେକ ଫିଲ୍ମରେ ସେ ଲୋକଙ୍କ ଚର୍ଚ୍ଚାକୁ ଆସିଛନ୍ତି। ଆଗକୁ ତାଙ୍କ ହାତରେ ଆଉ ଏକ ଚଳଚ୍ଚିତ୍ର ମଧ୍ୟ ରହିଛି। ଏଥିସହ ସେ ଟେଲିଭିଜନ୍ ଏବଂ କିଛି ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................


ସାଇ ସ୍ମରଣିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାଜପା, ଏହାର ସମର୍ଥକଙ୍କୁ ରାକ୍ଷସ କହିଲେ ସୁର୍ଜେୱାଲା

**କୈଥଲ,୧୪।୮:** କଂଗ୍ରେସ ନେତା ତଥା ରାଜ୍ୟ ସଭା ସଦସ୍ୟ ରଣଦୀପ୍ ସୁର୍ଜେୱାଲା ଭାଜପା ଏବଂ ଏହାର ସମର୍ଥକମାନଙ୍କୁ 'ରାକ୍ଷସ' କହିଛନ୍ତି। ହରିୟାଣାର କୈଥଲରେ ରବିବାର କଂଗ୍ରେସର 'ଜନ ଆକ୍ରୋଶ ରାଲି'କୁ ସମ୍ବୋଧିତ କରି ସୁର୍ଜେୱାଲା ଭାଜପା ବିରୋଧରେ ଏଭଳି ଅପମାନଜନକ ଶବ୍ଦ ବ୍ୟବହାର କରିଛନ୍ତି। ନିଯୁକ୍ତି ନ ଦିଅ ପଛକେ ନିଯୁକ୍ତି ପାଇଁ ପରୀକ୍ଷାରେ ଅନ୍ତତଃ ବସିବାକୁ ସୁଯୋଗ ଦିଅ ବୋଲି ସେ କହିଛନ୍ତି। ଭାଜପା ଏବଂ ଜେଜେପିର ଲୋକମାନେ ରାକ୍ଷସ। ଏହି ଦଳକୁ ଯେଉଁମାନେ ଭୋଟ ଦେଇଛନ୍ତି ଓ ସମର୍ଥନ କରୁଛନ୍ତି, ସେମାନେ ମଧ୍ୟ ରାକ୍ଷସ ବୋଲି କଂଗ୍ରେସ ନେତା କହିଥିଲେ। ତାଙ୍କର ଏଭି ଭାଷାକୁ ନେଇ ଭାଜପାର ଜାତୀୟ ମୁଖପାତ୍ର ସମ୍ବିତ୍ ପାତ୍ର କଡ଼ା ସମାଲୋଚନା କରିଛନ୍ତି। ଯେଉଁ ଦଳ ଯୁବରାଜଙ୍କୁ ଉପସ୍ଥାପନ କରିବାରେ ବାରମ୍ବାର ବିଫଳ ହୋଇଛି, ତାହା ଜନତା ଜନାର୍ଦ୍ଦନଙ୍କୁ ଗାଳି କରିବା ଆରମ୍ଭ କରିଛି ବୋଲି ସମ୍ବିତ୍ କହିଛନ୍ତି। ଦେଶବାସୀ ଠିକ୍ ବୁଝିପାରୁଛନ୍ତି। ସେମାନେ କଂଗ୍ରେସର ଘୃଣାର ମେଗା ଶପିଂ ମଲ୍‌କୁ ବନ୍ଦ କରିଦେବା ଲାଗି କାମ କରିବେ ବୋଲି ଭାଜପା ମୁଖପାତ୍ର କହିଛନ୍ତି।







# ଆଗୁଆ ନିର୍ବାଚନ ନେଇ ବଢୁଛି ଚର୍ଚ୍ଚା

ଭୁବନେଶ୍ୱର, ୧୪।୮(ବ୍ୟୁରୋ)

- ହୁଏତ ଏହା କଳ୍ପନାଜଳ୍ପନା ହୋଇପାରେ: ଅପରାଜିତା
- କେନ୍ଦ୍ର ଯେତେବେଳେ ଯିବ ସେତେବେଳେ ରାଜ୍ୟ ନିର୍ବାଚନ କରିବ: ମୋହନ
- ବିଜେଡି କେଉଁଠି ମଧ୍ୟ ଆଗୁଆ ନିର୍ବାଚନ ହେବ ବୋଲି କହିନାହିଁ: ପର୍ଶୁରାମ

ରାଜ୍ୟ ରାଜନୀତିରେ କିଛିଦିନ ହେବ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ହୋଇପାରେ ବୋଲି ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ନିକଟରେ ଓଡିଶା ଗସ୍ତରେ ଆସିଥିବା ଏକାଧିକ କେନ୍ଦ୍ରମନ୍ତ୍ରୀ ଏହି ମେଣ୍ଟ ହେବା ନେଇ ଚାଲିଥିବା ଚର୍ଚ୍ଚାକୁ ବାରମ୍ବାର ଖଣ୍ଡନ କରୁଥିଲେ ସୁଦ୍ଧା ଏଭଳି ଆଲୋଚନା ବନ୍ଦ ହେଉନାହିଁ। ଏପରିକି ଆଗୁଆ ନିର୍ବାଚନ ହେବ ବୋଲି ମଧ୍ୟ ବାରମ୍ବାର ଆଲୋଚନା ଚାଲିଛି। ତେବେ ଏହି ଦୁଇଟି ଯାକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଭାଜପା ଏବଂ ବିଜେଡି ମଧ୍ୟରେ ଜୋର୍ ଧରିଛି ରାଜନୀତି।

ଭାଜପା ଏମ୍‌ପି ଅପରାଜିତା ଷଡଙ୍ଗୀ କହିଛନ୍ତି ଯେ, ଭାଜପା ଓ ବିଜେଡି ମଧ୍ୟରେ ମେଣ୍ଟ ହେବାର କୌଣସ ପ୍ରଶ୍ନ ଉଠୁନାହିଁ। କେନ୍ଦ୍ରମନ୍ତ୍ରୀମାନେ ପୂର୍ବରୁ ଏହା କହିସାରିଛନ୍ତି। ଆଗୁଆ ନିବାଚନ ସମ୍ଭାବନା ନେଇ ଅପରାଜିତା କହିଛନ୍ତି, ଆଗୁଆ ନିବାଚନ ନେଇ ଯେଉଁ ପର୍ଯ୍ୟନ୍ତ ରାଜ୍ୟ ପ୍ରସ୍ତାବକୁ କେନ୍ଦ୍ର ଅନୁମୋଦନ କରିନି, ଏହା କିଭଳି ସମ୍ଭବ। ଆଗୁଆ ନିବାଚନ ନେଇ ରାଜ୍ୟ ପ୍ରସ୍ତାବ ଦେଇଛି କି ନାହିଁ ଜଣାନାହିଁ, ହୁଏତ ଏହା କଳ୍ପନାଜଳ୍ପନା ହୋଇପାରେ ବୋଲି ଅପରାଜିତା କହିଛନ୍ତି। ଭାଜପା ନେତା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି, ତେଣୁ ବର୍ଷା ଏବଂ ଶୀତ ଅଧିବେଶନ ମଝିରେ ଯଦି ସ୍ୱତନ୍ତ୍ର ଅଧିବେଶନ ଭଳି ହୁଏ ତେବେ ହୁଏତ ଆଗୁଆ ନିର୍ବାଚନ ହେବ ବୋଲି କୁହାଯାଇପାରେ। କେନ୍ଦ୍ର ଯେବେ କରିବ ରାଜ୍ୟ ସେବେ ନିର୍ବାଚନ କରିବ ବୋଲି ମୋହନ କହିଛନ୍ତି। ବିଜେଡି ନେତା ପର୍ଶୁରାମ ଧଡା କହିଛନ୍ତି, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ହେଉ ବା ରାଜ୍ୟ ସରକାର ଯେତେବେଳେ ଚାହିଁବେ ସରକାର ଭାଙ୍ଗିପାରିବେ। ବିଜେଡି କେଉଁଠି ମଧ୍ୟ କହି ନାହିଁ ଆଗୁଆ ନିର୍ବାଚନ ହେବ। ଯଦି ବି ଆଗୁଆ ନିର୍ବାଚନ ହେବ ତେବେ ଏହା କିଛି ନୂଆ କଥା ନୁହେଁ। ବିଗତ ଦିନରେ ବହୁଥର ଆଗୁଆ ନିର୍ବାଚନ ହେବା କଥା ସମସ୍ତେ ଦେଖିଛନ୍ତି ବୋଲି ଧଡା କହିଛନ୍ତି।













CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE * SAME PRICE
For Booking Contact: 0674-2580385, 8637280816, 7894447167, 9338226625

SOCIAL SERVICE for JOB ASPIRANTS
Through Pre-Recruitment Training
GOVT., PUBLIC & PRIVATE SECTORS
OUR ASSISTENCE, TILL APPOINTMENT,
NO TRAINING FEE
For Details, Contact
MAJOR DEFENCE ACADEMY
Dhauli Chhak, Bhubaneswar
Id : majorcdr@rediffmail.com
rautcdr@gmail.com
9938238840, 9938650175

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଖରିଫ ଧାନ ବିକ୍ରୟର ପଞ୍ଜୀକରଣ ସମୟ ବୃଦ୍ଧି କରାଯାଉ: କଂଗ୍ରେସ

ଭୁବନେଶ୍ୱର, ୧୪।୮(ବ୍ୟୁରୋ)

**ସରକାର ୩୧ ଅଗଷ୍ଟ ଯାଏ ସମୟ ବୃଦ୍ଧି ନ କଲେ ପ୍ରତି ଜିଲାରେ ଆନ୍ଦୋଳନ**

ଚଳିତବର୍ଷ ବିଳମ୍ବରେ ମୌସୁମୀ ଆସିବା ଓ ପରବର୍ତ୍ତୀ ସମୟରେ ରାଜ୍ୟର ଅନେକ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାନ ରୁଆ ଏବଂ ବେଉଷଣ କାର୍ଯ୍ୟର ୫୦ ପ୍ରତିଶତ ମଧ୍ୟ ଅଗ୍ରଗତି ହୋଇପାରିନାହିଁ। ଫଳରେ ଅନିୟମିତ ଜଳବାୟୁ ପରିସ୍ଥିତିକୁ ଦେଖି ରାଜ୍ୟର ୮ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଖରିଫ୍ ଧାନ ବିକ୍ରି ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିପାରି ନାହାନ୍ତି। ଏ ଦିଗରେ ସରକାରଙ୍କ ପକ୍ଷରୁ ସେପରି ସଚେତନତା କରାଯାଇ ନାହିଁ। ଖରିଫ ଧାନ ବିକ୍ରୟ ଲାଗି ଚାଷୀ ପଞ୍ଜୀକରଣ ସମୟ ବୃଦ୍ଧି କରାଯାଉ ବୋଲି ପ୍ରଦେଶ କଂଗ୍ରେସ କିଷାନ ସେଲ୍ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଦାବି କରିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅମୀୟ କହିଛନ୍ତି ଯେ, ଆଉ ଦିନକ ପରେ ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ ତାରିଖ ଶେଷ ହେବ। ବର୍ତ୍ତମାନ ସୁଦ୍ଧା ୧୦ ଲକ୍ଷ ୧୫ ହଜାର ଚାଷୀ କେବଳ ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। ଆସନ୍ତା ୧୬ ତାରିଖରେ ନାମ ପଞ୍ଜୀକରଣ ପାଇଁ ସରକାର ସମୟ କଣ୍ଟ ରଖିଥିବାରୁ ଚାଷୀ ଚିନ୍ତାରେ ରହିଛନ୍ତି। ତେଣୁ ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଆଉ କାଳ ବିଳମ୍ବ ନ କରି ଖରିଫ୍ ଧାନ ବିକ୍ରୟ ପାଇଁ ଚାଷୀ ନାମ ପଞ୍ଜୀକରଣ ସମୟ ଆସନ୍ତା ୧୬ ପରିବର୍ତ୍ତେ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧିକରିବାକୁ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପରାମର୍ଶକ୍ରମେ ଅମିୟ ପଟ୍ଟନାୟକ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

## Classified Everyday 0674-2580101, 2549949




**SALE**

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

New cancer hospital ନାଇଜର, ଜଟଣୀରେ ବର୍ଗଫୁଟ ୩୫୦/- ଜାଗା ବିକ୍ରି ହେଉଛି। 9938086025. D-75142

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

BDA Approved 3BHK Duplex/ Villa At Patia-Raghunathpur, Land Area-1172 Sft.Built-up 1700 Sft @99 lakhs. Contact Direct Owner -9438419823, 9337086655 D-73396

**Residential cum commercial plot 6KM. from Phulnakhara, from Bhubaneswar 11KM. 3500sqft. 7809525452.** D-75022

Chakeisihani Yellow Zone 1500sqft @1700 (Road 20ft and 100ft). 7008711445, 6372801963. D-1052




Wanted one BHK flat on Rent in Apartment only nearby NH from Palasuni to Nakhara. Please Contact: 7978310053. D-0992

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।




All types of professional body massage by professional therapy, contact 7077933109/ 9556924059/ 8658803018. D-1000

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75023

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74562

Newly opened (one 8 SPA) / (Salon Service) with expert therapist. 9938843929. D-75143

Newly healthcare benefited SPA experience therapist Bhubaneswar. Please visit this SPA. 7749034655. D-75139

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Spa Kerala body Massage only best Therapist @699/- Bhubaneswar. 9337672475. D-1033

Newly open SPA positively health benefits with expert therapist. 7849011931. D-75141

**AFFIDAVIT**

I, Lala Sameres Ray son of Lala Prasanna Ray Resident of Shaikh Bazar, P.S.- Lalbag, P.O.- Tulasipur, Dist.- Cuttack, PIN-753008 declare by this Affidavit P-No-61AA696946, Dated 10.08.2023. That I shall be known as Lala Samres Ray for all future purposes. D-1056

I, Sabeha Sahin, W/o Syed Safat Hossain residing plot- 71Jadupur, Bhubaneswar-751019. I hereby declared that by an affidavit dated 8 August 23 that my Son's Passport No. R4823511 has wrongly mentioned my name as Sabeha Saheen instead of Sabeha Sahin and I hereby confirm both are same person. D-1054

By virtue of an affidavit sworn before Executive Magistrate, Bhubaneswar dt. 11.08.2023 I, Minakhi Tripathy, Plot No. 254, Sastri Nagar, Unit-4, Bhubaneswar-751001, Dist.- Khurda have changed my name/ surname from Minakhi Tripathy to Nalini Nanda. Nalini Nanda & Minakhi Tripathy are one and the same person. Henceforth, I shall be known as Nalini Nanda for all purposes. D-1053

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମନୋରଞ୍ଜନ ମଲ୍ଲିକ (ବିକି)
ଦାମୋଦରପୁର, ମଣପଡ଼ା, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୧୧।୧୨।୧୯୯୪
ତିରୋଧାନ: ୧୫।୦୮।୨୦୧୩
ଆଜିର ତିଥିରେ ଆମକୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ ବି ଆମ୍ଭମାନଙ୍କ ହୃଦୟରେ ସ୍ମରଣୀୟ ହୋଇ ରହିବୁ। ତୋର ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ମାତା, ପିତା, ରାକି, ହାପି, ବାପି, ଠୁକିଆଣ୍ଟି, ଅଙ୍କଲ, ପାପାଲି, ବୁବୁନ୍, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୦୫୫

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ: ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୯ (୭୯.୨୭) ପଏଣ୍ଟ ବଢ଼ି ୬୫,୪୦୨(୬୫,୪୦୧.୯୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୬(୬.୨୫) ପଏଣ୍ଟ ବୃଦ୍ଧି ଘଟି ୧୯,୪୩୫ (୧୯,୪୩୪.୫୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ବେଦାନ୍ତର ସ୍ୱତନ୍ତ୍ର ଅଭିଯାନ 'ଆଜାଦୀ କା ଅସଲି ମତଲବ'

ଭୁବନେଶ୍ୱର,୧୪।୮ (ଅଭୟ ଦାଶ)

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ 'ଆଜାଦୀ କା ଅସଲି ମତଲବ'ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ୭୭ତମ ସ୍ୱାଧୀନତା ଦିବସ ଅବସରରେ 'ଆଜାଦୀ କା ଅସଲି ମତଲବ' ଅଭିଯାନ (ସ୍ୱାଧୀନତାର ପ୍ରକୃତ ଅର୍ଥ) ଶୀର୍ଷକ ଏକ ମଲ୍ଟି-ଚ୍ୟାନେଲ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଦେଶର ବିଭିନ୍ନ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହିତ ସଚେତନତା ସୃଷ୍ଟି କରିବ। ଏହି ଅଭିଯାନକୁ ସୋମବାର ୟୁଟ୍ୟୁବ ପ୍ଲାଟଫର୍ମ ମାଧ୍ୟମରେ ଶୁଭାରମ୍ଭ କରାଯାଇଥିବବେଳେ ୨୦୨୩ ଅଗଷ୍ଟ୧୫ରେ ଦେଶର ସମସ୍ତ ଅଗ୍ରଣୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଆଦିରେ ଶେୟାର କରାଯିବ। ବିଶେଷ କରି ଏହି ଅଭିଯାନ ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପାଇଁ ଆଲୁମିନିୟମ କିପରି ମେରୁଦଣ୍ଡର ଭୂମିକା ଭାବେ କାର୍ଯ୍ୟ ସମ୍ପାଦନ କରି ଭାରତକୁ ଏକ ବିଶ୍ୱସ୍ତରୀୟ ନିର୍ମାଣ ହବ୍‌ରେ ପରିଣତ କରାଇଛି ସେ ସମ୍ପର୍କରେ ବିସ୍ତୃତ ଅବଗତ କରାଇବ। ଆଲୁମିନିୟମ ଫ୍ରମ ଦ ଆର୍ଥ ଟେକ୍ସ ଇଣ୍ଡିଆ ଟୁ ଦ ସ୍କାଏ ବିଷୟବସ୍ତୁ ଉପରେ ଆଧାର କରି ଅଗଷ୍ଟ୧୫ରେ ଏହି ଅଭିଯାନ ଆରମ୍ଭ କରାଯିବ। ଉକ୍ତ ଅଭିଯାନ ସ୍ୱାଧୀନତାକୁ ଏକ ବିସ୍ତାରିତ ଧାରଣା ଭାବେ ଗ୍ରହଣ କରିଥାଏ, ଯାହା ଶବ୍ଦ ମଧ୍ୟରେ ବିଦ୍ୟମାନ ପ୍ରଭାବକୁ ବିକଶିତ କରି ଏକ ସ୍ୱତନ୍ତ୍ର ଅଭିଜ୍ଞତା ସୃଷ୍ଟି କରିଥାଏ। ସ୍ୱାଧୀନତା ଆଜି ବିଭିନ୍ନ ରୂପରେ ନିଜକୁ ଭିନ୍ନ ଭିନ୍ନ ଲୋକଙ୍କ ପାଇଁ ରୂପାୟନ କରିଥିବାର ଉପଲବ୍ଧି ପ୍ରଦାନ କରିଥାଏ।

# ଜିଓ ୫ଜି ଏମ୍‌ଏମ୍-ୱେଭ ସ୍ପେକ୍ଟ୍ରମ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୮




ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ (ଆରଜେଆଇଏଲ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ବିକଶିତ '୫ଜି ଏମ୍‌ଏମ୍-ୱେଭ ସ୍ପେକ୍ଟ୍ରମ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଜିଓର ସମସ୍ତ ସ୍ପେକ୍ଟ୍ରମ୍ ବ୍ୟାଣ୍ଡର ସବୁ ଲାଇସେନ୍ସ ଅଞ୍ଚଳରେ ସେବା ଶୁଭାରମ୍ଭର ସର୍ବନିମ୍ନ ଆବଶ୍ୟକତା ସର୍ତ୍ତକୁ ପୂରଣ କରିଛି। ବିଶେଷ କରି ୨୦୨୩ ଅଗଷ୍ଟ ୧୭ ସୁଦ୍ଧା ଏହି ଲକ୍ଷ୍ୟ ହାସଲ କରିବାକୁ ସ୍ପେକ୍ଟ୍ରମ୍ ନେବା ବେଳେ ଜିଓ ପ୍ରତିଶ୍ରୁତି ଦେଇଥିଲା। ଆରଜେଆଇଏଲର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ଦ୍ରୁତ ଗତିରେ ୫ଜି ସେବାର ଶୁଭାରମ୍ଭ କରିବା ଲାଗି ଆମେ ଭାରତ ସରକାର, ଟେଲିକମ୍ ବିଭାଗ ଓ ଦେଶର ୧୪୦କୋଟିରୁ ଅଧିକ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ। ଏପରିକି ଦୁନିଆର ସବୁଠୁ ଦ୍ରୁତ ଗତିରେ ୫ଜି ସେବାର ଶୁଭାରମ୍ଭ କରି ଆମେ ଭାରତକୁ ଅଗ୍ରଣୀ ସ୍ଥାନରେ ପହଞ୍ଚାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛୁ। ଏଥି ସହିତ ଆମେ ୫ଜିର ସମ୍ପ୍ରସାରଣ ସର୍ତ୍ତକୁ ପୂରଣ କରିବାର ଲକ୍ଷ୍ୟକୁ ମଧ୍ୟ ହାସଲ କରିପାରିଛୁ। ୨୦୨୨ ଅଗଷ୍ଟ ୫ରେ ଆମକୁ ୫ଜି ସ୍ପେକ୍ଟ୍ରମ୍ ମିଳିଥିଲା। ସେହି ଦିନଠାରୁ ଆମ ଟିମ୍ ଦିନରାତି କାମ କରି ଚଳିତ ବର୍ଷ ଶେଷ ସୁଦ୍ଧା ଦେଶର କୋଣ ଅନୁକୋଣରେ ଥିବା ସବୁ ନାଗରିକଙ୍କ ପାଖରେ ୫ଜି ସେବା ପହଞ୍ଚାଇବା ଉଦ୍ୟମ କରୁଛି।






# କ୍ୟାରେଟ୍‌ଲେନର ରକ୍ଷାବନ୍ଧନ କଲେକ୍ସନ



କ୍ୟାରେଟ୍‌ଲେନ୍‌ର 'ରକ୍ଷା ବନ୍ଧନ କଲେକ୍ସନ'କୁ ସୋମବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଉଛି। ଏହି ପରିପ୍ରେକ୍ଷୀରେ କ୍ୟାରେଟ୍‌ଲେନ୍‌ର ଚନ୍ଦ୍ରଶେଖରପୁର ଷ୍ଟୋର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କ୍ୟାରେଟ୍‌ଲେନ୍‌ର ଏଆର୍‌ଏମ୍ ଶ୍ରୀଜୟୀ ଦତ୍ତ, ଆର୍‌ଏମ୍ ସୋହମ ଭୌମିକ ଏବଂ ବିଏ ମାଣିକ ହଂସ 'ରକ୍ଷା ବନ୍ଧନ କଲେକ୍ସନ'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୪।୮

କ୍ୟାରେଟ୍‌ଲେନ୍‌ର ବହୁ ପ୍ରତୀକ୍ଷିତ ତଥା ଆକର୍ଷଣୀୟ ଡିଜାଇନର ବ୍ୟାପକ ସମ୍ଭାର 'ରକ୍ଷା ବନ୍ଧନ କଲେକ୍ସନ'କୁ ସୋମବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ବିଶେଷକରି କ୍ୟାରେଟ୍‌ଲେନ୍‌ର ଭୁବନେଶ୍ୱର ଷ୍ଟୋରଗୁଡ଼ିକରେ ନୂତନ କଲେକ୍ସନ ସହ ଆକର୍ଷଣୀୟ ଗୋଲ୍‌ଡ ଏକ୍ସଚେଞ୍ଜ ଅଫର ପ୍ରଦାନ କରାଯାଉଛି। କ୍ୟାରେଟ୍‌ଲେନ୍‌ର ଭୁବନେଶ୍ୱର ଷ୍ଟୋରଗୁଡ଼ିକରେ ଗ୍ରାହକ ବ୍ୟାପକ ଗିଫ୍ଟିଂ ସଲ୍ୟୁଶନ୍ କ୍ୟାରେଟ୍‌ଲେନ୍‌ର ନୂତନ କଲେକ୍ସନ 'ସ୍ୱିଟ୍'ରେ ଉପହାର ଦେବା ପାଇଁ ଏକାଧିକ ରେଞ୍ଜ୍‌ର ସମସାମୟିକ ଗହଣା ରହିଛି। ୧୪କ୍ୟାରେଟ୍ ସୁନାରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ବ୍ୟାପକ ଗହଣା ରହିଛି। ଉକ୍ତ କଲେକ୍ସନରେ ଇୟରିଂ ଏବଂ ନେକ୍‌ଲେସ୍ କ୍ଷେତ୍ରରେ ୧୫ଟି ଆକର୍ଷଣୀୟ ଡିଜାଇନ୍ ରହିଛି। ସେହିପରି ଉପଯୁକ୍ତ ରାଖୀ ଉପହାର ଖୋଜୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ କ୍ୟାରେଟ୍‌ଲେନ୍‌ର 'ଗୋଲ୍‌ଡ ଏକ୍ସଚେଞ୍ଜ ଅଫର' ରକ୍ଷା ବନ୍ଧନ ପର୍ବକୁ ଏକ ସ୍ମରଣୀୟ ଆକାରରେ ପାଳନ କରିବା ଲାଗି ଉପଯୁକ୍ତ ସୁଯୋଗ। କ୍ୟାରେଟ୍‌ଲେନ୍ ଡାଇମଣ୍ଡ ଡିଜାଇନ୍ ପାଇଁ ନିଜର ପୁରୁଣା ସୁନା ବଦଳାଉଥିବା ଗ୍ରାହକ ୧୧୦% ଏକ୍ସଚେଞ୍ଜ ଭାଲ୍ୟୁ ପାଇପାରିବେ। ଏହି ଅଫରକୁ ଆହୁରି ଆକର୍ଷଣୀୟ କରିବା ପାଇଁ କ୍ୟାରେଟ୍‌ଲେନ୍ ୧୪କ୍ୟାରେଟ୍ ଏବଂ ତଦୂର୍ଦ୍ଧ୍ୱ କ୍ୟାରେଟ୍ ସୁନା ଉପରେ '୦%' ଡିଡକ୍ସନ ଅଫର ପ୍ରଦାନ କରୁଛି।









# ଶାହରୁଖ 'ଡାର୍କ ଫାଣ୍ଟାସି'ର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୧୪।୮

ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ତଥା ଆଇଟିସି ବ୍ରାଣ୍ଡ୍ ସନ୍‌ଫିଷ୍ଟ ବଲିଉଡ ଅଭିନେତା ଶାହରୁଖ ଖାନ୍‌ଙ୍କୁ 'ଡାର୍କ ଫାଣ୍ଟାସି'ର ନ୍ୟୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି ଦେଇଥିବା ଘୋଷଣା କରିଛି। ବିଶେଷ କରି କିଙ୍ଗ ଅଫ ଫାଣ୍ଟାସି ଶାହରୁଖ ଖାନ୍‌ଙ୍କୁ ନେଇ ବ୍ରାଣ୍ଡ୍ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ଯାଉଛି। ଏପରିକି ସନଫିଷ୍ଟ ତା'ର ଗ୍ରାହକମାନଙ୍କ ସହିତ ନିବିଡ ସମ୍ପର୍କ ସ୍ଥାପନ କରିବା ଲକ୍ଷ୍ୟରେ 'ସନଫିଷ୍ଟ ଡାର୍କ ଫାଣ୍ଟାସି 'ପ୍ରତ୍ୟେକ ହୃଦୟର କଳ୍ପନା' ନାମରେ ନିଜର ନବୀକୃତ ବ୍ରାଣ୍ଡ୍ ପରିଚିତି ପ୍ରଚଳନ କରିଛି। ସେହିଭଳି 'କିଙ୍ଗ ଅଫ ବିସ୍କୁଟ୍‌ସ' ଶକ୍ତି ସହିତ 'କିଙ୍ଗ ଅଫ ବଲିଉଡ' ଯୋଗ ଦେଉ ଥିବାରୁ ବିଜ୍ଞାପନ ଏବଂ ବ୍ରାଣ୍ଡିଂ କ୍ଷେତ୍ରରେ ସେମାନଙ୍କର ଏହି ସହଯୋଗିତା ଏକ ନୂତନ ଯୁଗ ଆରମ୍ଭ ନିମନ୍ତେ ମଞ୍ଚ ପ୍ରସ୍ତୁତ କରିଛି। ସନଫିଷ୍ଟର ଡାର୍କ ଫାଣ୍ଟାସି- 'ପ୍ରତ୍ୟେକ ହୃଦୟର କଳ୍ପନା' ଯାତ୍ରାରେ ଅଗ୍ରସର ହେଉଥିବା ବେଳେ ଏହା ଉପଭୋକ୍ତାମାନଙ୍କୁ ଶାହରୁଖ ଖାନଙ୍କ ଆକର୍ଷଣ ଏବଂ ବ୍ରାଣ୍ଡ୍ ବିସ୍କୁଟର ମନମୁଗ୍ଧକର ସ୍ୱାଦର ମାର୍ଗଦର୍ଶନରେ ଏକ ଅନନ୍ୟ ଦୁଃସାହସିକ ଯାତ୍ରାରେ ଭାଗ ନେବାକୁ ଆମନ୍ତ୍ରଣ କରୁଛି।

ଏ ସମ୍ପର୍କରେ ଆଇଟିସି ଫୁଡସର ଚିଫ ଅପରେଟିଂ ଅଫିସର (ବିସ୍କୁଟସ ଆଣ୍ଡ କେକସ କ୍ଲଷ୍ଟର) ଅଲି ହ୍ୟାରିସ ଶେରେ କହିଛନ୍ତି, ସନଫିଷ୍ଟ ଫାଣ୍ଟାସିର ଚେହେରା ଭାବେ ବଲିଉଡ କିଙ୍ଗ ଶାହରୁଖ ଖାନ୍‌ଙ୍କୁ ପାଇ ଆମେ ବେଶ ଉତ୍ସାହିତ ଅଛୁ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

DADLS-29



ଓଡ଼ିଶା ସରକାର

ମୋ ସରକାର ☎ 14545

5

# ରୂପାନ୍ତର ପଥେ ଓଡ଼ିଶା



- ରାଜ୍ୟରେ କୃଷକମାନଙ୍କୁ ବିନାସୁଧରେ ଫସଲ ଋଣ ପ୍ରଦାନ ବ୍ୟବସ୍ଥା ।
- ରାଜ୍ୟର ୩୦ଟି ଜିଲ୍ଲାର **୧୭୭ଟି** ବ୍ଲକକୁ ମିଲେଟ ମିଶନ ସମ୍ପ୍ରସାରିତ । ୨୦୨୩-୨୪ ଆର୍ଥିକ ବର୍ଷରେ ଏଥିପାଇଁ ଖର୍ଚ୍ଚ ହେବ **୨୬୮୭.୪୫** କୋଟି ଟଙ୍କା ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ମାସିକ ଖର୍ଚ୍ଚ ହେଉଛି ପ୍ରାୟ **୨୧୫ କୋଟି** ଟଙ୍କା । ରାଜ୍ୟର ଆର୍ଥିକ ଦୁର୍ବଳ ପରିବାରକୁ ବାର୍ଷିକ **୫ ଲକ୍ଷ** ଟଙ୍କା ଓ ପରିବାରର ମହିଳା ସଦସ୍ୟାଙ୍କ ପାଇଁ **୧୦ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ଉପଲବ୍ଧ । ରାଜ୍ୟ ତଥା ରାଜ୍ୟ ବାହାରର **୮୦୧ଟି** ପ୍ରମୁଖ ଘରୋଇ ଚିକିତ୍ସାଳୟରେ ମିଳିପାରୁଛି ଅତ୍ୟାଧୁନିକ ଚିକିତ୍ସା ସୁବିଧା ।
- ଆମ ହସ୍ପିଟାଲ ଯୋଜନା ଅଧୀନରେ '୫-ଟି' ଉପକ୍ରମରେ ରୂପାନ୍ତରିତ ହେବ ରାଜ୍ୟର **୧୪୯ଟି** ହସ୍ପିଟାଲ । ସମ୍ପୃକ୍ତ ଅଞ୍ଚଳବାସୀ ପାଇବେ ଅପେକ୍ଷାକୃତ ଉନ୍ନତ ସ୍ୱାସ୍ଥ୍ୟ ସେବା ।
- ସାମାଜିକ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ସ୍ୱରୂପ ଅଗଷ୍ଟ **୧୫** ତାରିଖରୁ **୪.୧୩ ଲକ୍ଷ** ନୂତନ ହିତାଧିକାରୀ ପାଇବେ ମଧୁବାବୁ ପେନସନ । ଉପକୃତ ହେବେ ରାଜ୍ୟର ସମୁଦାୟ **୩୨.୭୫ ଲକ୍ଷ** ବୟସ୍କ, ବିଧବା, ଭିନ୍ନକ୍ଷମ ଓ ଅସହାୟ ।
- '୫-ଟି' ଉପକ୍ରମରେ ୩ଟି ପର୍ଯ୍ୟାୟରେ ରାଜ୍ୟର **୬୮୭୨ଟି** ହାଇସ୍କୁଲ ହୋଇଛି ରୂପାନ୍ତରିତ । ୪ର୍ଥ ପର୍ଯ୍ୟାୟରେ ଆଉ **୧୭୭୧ଟି** ବିଦ୍ୟାଳୟର ହେବ ରୂପାନ୍ତରଣ ।
- ଘରୋଇ ଏବଂ ଅଣ-ଅନୁଦାନ ପ୍ରାପ୍ତ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର **୫ ଲକ୍ଷ**ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ବିନାମୂଲ୍ୟରେ ଯୋଗାଇ ଦିଆଯିବ ପାଠ୍ୟ ପୁସ୍ତକ ।
- ଶିକ୍ଷା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ '୫-ଟି' ଉପକ୍ରମରେ ରାଜ୍ୟର ମହାବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ।
- ମିଶନ ଶକ୍ତି ଜରିଆରେ ଆଜି ରାଜ୍ୟର **୭୦ ଲକ୍ଷ**ରୁ ଊର୍ଦ୍ଧ୍ୱ ମହିଳା ସଶକ୍ତ । ସେମାନଙ୍କୁ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିବା ପାଇଁ **୫ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ସହାୟତା । ସ୍କୁଟି ଯୋଜନାରେ **୧ ଲକ୍ଷ ଟଙ୍କା** ପର୍ଯ୍ୟନ୍ତ ବିନା ସୁଧରେ ଋଣ ।
- ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ, ଏକାମ୍ର ପ୍ରକଳ୍ପ, ମା' ସମଲେଇ ପ୍ରକଳ୍ପ ସମେତ ରାଜ୍ୟର ପ୍ରମୁଖ ଧାର୍ମିକ ପୀଠର ୫-ଟି ଉପକ୍ରମରେ ରୂପାନ୍ତର ।
- ପୁରୀରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା କାର୍ଯ୍ୟକାରୀ ହେବା ଦେଶରେ ପ୍ରଥମ । ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ ଜରିଆରେ ରାଜ୍ୟର **୫ଟି** ମହାନଗର ନିଗମ ଓ **୮୫ଟି** ସହରାଞ୍ଚଳରେ ଶତପ୍ରତିଶତ ବିଶୁଦ୍ଧ ଜଳଯୋଗାଣ ହୋଇଛି ସୁନିଶ୍ଚିତ ।
- ବିଜୁ ସେତୁ ଯୋଜନାରେ ଲକ୍ଷ୍ୟଧାର୍ଯ୍ୟ ୭୫୦ଟି ସେତୁ ମଧ୍ୟରୁ **୬୭୯ଟି** ସେତୁ ସଂପୂର୍ଣ୍ଣ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ **୬୨୪୭ କି.ମି.** ରାସ୍ତା ନିର୍ମିତ । ସବୁଜ ପ୍ରଯୁକ୍ତି ବିଦ୍ୟା ଉପଯୋଗରେ ସର୍ବାଧିକ ଦୈର୍ଘ୍ୟର ସଡ଼କ ନିର୍ମାଣ କରି ଜାତୀୟ ସ୍ତରରେ ଓଡ଼ିଶା ପୁରସ୍କୃତ ।
- **୫ ଲକ୍ଷ**ରୁ ଅଧିକ ଦକ୍ଷ ଯୁବବର୍ଗ ସୃଷ୍ଟି କରି ଓଡ଼ିଶା ଆଜି ଦେଶର 'ସ୍କିଲ କ୍ୟାପିଟାଲ' ଭାବରେ ପରିଚିତ ।
- ଜନଜାତିଙ୍କ ସାଂସ୍କୃତିକ ବିବିଧତାର ସୁରକ୍ଷା, ସେମାନଙ୍କୁ ସବୁ ବିକାଶମୂଳକ ଯୋଜନାରେ ସାମିଲ ତଥା ଜଙ୍ଗଲ ଜମି ଉପରେ ସେମାନଙ୍କ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ମୋ ଜଙ୍ଗଲ ଜମି ଯୋଜନାର ଶୁଭାରମ୍ଭ ।
- ଅଣସଙ୍ଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ଗୁରୁତ୍ୱ ଦେଇ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା କଲ୍ୟାଣ ଯୋଜନାରେ ଆଉ ୫୦ଟି ଅଣସଙ୍ଗଠିତ ଶ୍ରମିକ ବର୍ଗଙ୍କୁ ସାମିଲ କଲେ ରାଜ୍ୟ ସରକାର । ବୃଦ୍ଧି ହେଲା ମୃତ୍ୟୁକାଳୀନ ସହାୟତା ରାଶି ।
- ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରୟାସ ଅଧୀନରେ ରାଜ୍ୟର ପ୍ରତ୍ୟେକ ଗ୍ରାମପଞ୍ଚାୟତ ପାଇବେ **୫୦ ଲକ୍ଷ** ଟଙ୍କା । ସୁଦୃଢ଼ ହେବ ଗ୍ରାମାଞ୍ଚଳର ଐତିହ୍ୟ ଓ ସାଂସ୍କୃତିକ ଭିତ୍ତିଭୂମି, ଉନ୍ନତିକରଣ ହେବ ଡିଜିଟାଲ ସେବା, ବିକଶିତ ହେବ ମହିଳା ଓ ଯୁବ ସଶକ୍ତିକରଣ ଭିତ୍ତିଭୂମି ।
- ରାଜ୍ୟର **୪୩୭୩** ଅଣ-ବ୍ୟାଙ୍କ ଗ୍ରାମପଞ୍ଚାୟତବାସୀଙ୍କୁ ମିଳିବ ବ୍ୟାଙ୍କ ସୁବିଧା । ଉପକୃତ ହେବେ ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ବର୍ଗର ଜନସାଧାରଣ ।
- ନୂତନ ଉନ୍ନତ ଅଭିଳାଷ (NUA) ଓଡ଼ିଶା ଯୋଜନାରେ ପ୍ରତିବର୍ଷ **୧ ଲକ୍ଷ** ଯୁବକଯୁବତୀଙ୍କୁ ମିଳିବ ଯୁଗୋପଯୋଗୀ ଅତ୍ୟାଧୁନିକ ଦକ୍ଷତା ତାଲିମ । ଖର୍ଚ୍ଚ ହେବ **୩୮୫ କୋଟି** ଟଙ୍କା ।
- ଟେକ୍ନୋଲୋଜି କ୍ଷେତ୍ରରେ ଓଡ଼ିଶାକୁ ଅଗ୍ରଣୀ କରିବା ପାଇଁ ଭବିଷ୍ୟମୁଖୀ ସେମିକଣ୍ଡକ୍ଟର ନୀତି ପ୍ରସ୍ତୁତ । ସେମିକଣ୍ଡକଟର ଉତ୍ପାଦନ ଓ ଡିଜାଇନ୍‌ରେ ବୈଦେଶିକ ପୁଞ୍ଜିନିବେଶ ପାଇଁ ଉଦ୍ୟମ ।
- କଟକ-ଭୁବନେଶ୍ୱର-ପୁରୀରେ ଅତ୍ୟାଧୁନିକ ପରିବହନ ବ୍ୟବସ୍ଥା ପାଇଁ ମେଟ୍ରୋରେଲ ଯୋଜନା ।
















ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0111/2324


ମୁକ୍ତ ଆକାଶରେ ଉଡ଼ିଲେ ତ୍ରିରଙ୍ଗା
ଶାନ୍ତିର ବାରତା ଦେଇ
ପ୍ରକୃତି କୋଳରେ ତ୍ରିରଙ୍ଗାର ରଙ୍ଗ
ଆପେ ଯାଏ ଆଙ୍କି ହୋଇ ।
DN HOMES
leotronix LIFETIME PARTNER
YUVODAYA NON-NEGOTIABLE ACADEMICS
STALWART
HOME MAKERS
RAGHUNATHPUR KALINGA NAGAR
TALCHER BANARAPAL
MOTHER PUBLIC SCHOOL Unit - 1, BBSR KHANDAGIRI, PAHALA, PURI
JAGANNATH HOSPITAL
IBS INSTITUTE OF BASIC SCIENCES
UTKAL BUILDERS BUILDING TRUST
Virat MEDICAL . IIT-JEE . FOUNDATIONS
Viratian Educational Services (P) Ltd
NIIS GROUP OF INSTITUTIONS ESTD:2000
Alishan men's exclusive since 1996
Manyavar 621, Sahid Nagar, BBSR
UTSAV EXPLORE FASHION WITH US
VAJIRAO IAS ACADEMY
PANDA TRAVEL MART
RAJ ELECTRONICS
SAI International
Apollo HOSPITALS
BHARAT MASALA The Taste of New India
NARAYANI MOTORS PVT. LTD. 56 & 57, Rasulgarh, Bhubaneswar - 751010 Ph.: 0674-2588473/74/75
ODM GLOBAL SCHOOL Unlock your potential
KALINGA HOSPITAL LIMITED ODISHA
SKY AUTOMOBILES Central India's Oldest Maruti Dealership CHHATTISGARH ODISHA
GUPTA DISTRIBUTORS "FREEDOM SALE IS LIVE" HURRY!
NEWTON COLLEGE OF +2 SCIENCE
SMILE GOLD JEWELLERS
SPRINGVILLE GREENS SUREKA MERLIN GROUP
RCM Regional College of Management
TVS UNIQUE TVS
PRIYADARSHINI No. 1 Orissa weaver's Organisation Market Building: BHUBANESWAR VIP Road: PURI
FALCON GROUP
BIITM
TORQUE MOTORS The call of the BLUE
SARASWATI Group of Institutions +2 Science +3 Science

# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ, ୧୪।୮(ଅଜିତ କୁମାର ବାରିକ):** ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ସରୋଜିନୀ ପତି ସୋମବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୩୦।୩।୨୦୧୯ରେ ବୌଦ୍ଧ ଜିଲାର ପୁରୁଣାକଟକ ଥାନା ବାରିଙ୍ଗ ଗ୍ରାମର ମରଦବିଡା ନାଳରେ ଜଣେ ବିଧବା ମହିଳାଙ୍କ ମୃତଦେହ ପଡିଥିବା ଜଣାପଡ଼ିଥିଲା। ମୃତଦେହ ଅଧାପୋଡ଼ା ହୋଇଥିବାବେଳେ ମୁଣ୍ଡ ଗଣ୍ଡି ଅଲଗା ହୋଇଥିଲା। କେବଳ ମୁଣ୍ଡ ଅଂଶଟି ଜଣାପଡୁଥିଲା। ମୃତଦେହ ବାରିଙ୍ଗ ଗ୍ରାମର ବିଧବା ଅମ୍ବିକା ନାଏକଙ୍କର ଥିଲା। ଶବକୁ ମୃତ ମହିଳାଙ୍କ ଭାଇ ନୟାଗଡ ଜିଲା ବାଣିଗୋଛା ଥାନାର କାଉଟିପଙ୍ଗା ଗ୍ରାମର ଗୁରୁଦେବ କହଁର ଚିହ୍ନିପାରି ତାଙ୍କ ଭଉଣୀ ଅମ୍ବିକା ବୋଲି ଜାଣିପାରିଥିଲେ। ଏନେଇ ଗୁରୁଦେବ ତାଙ୍କ ବିଧବା ଭଉଣୀକୁ କେହି ମାରି ନାଳରେ ପୋଡ଼ି ପୋତି ଦେଇଥିବା ପୁରୁଣାକଟକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁରୁଣାକଟକ ଥାନାରେ ଏକ ହତ୍ୟା ମାମଲା (ନଂ. ୫୩/୨୦୧୯) ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ଏହି ହତ୍ୟା ଘଟଣାରେ ବାରିଙ୍ଗ ଗ୍ରାମର ରଞ୍ଜନ କୁମାର ଓରଫ ବିଦେଶୀ ଦୀପକୁ ଗତ ୨।୪।୨୦୧୯ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍ଙ୍କ ଅଦାଲତରେ ଏସ୍‌ଟି ନଂ.୨୭/୧୯ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅତିରିକ୍ତ ଜିଲା ଦୌରାଜଜ୍ ପ୍ରମାଣ ଅଭାବରୁ ବିଦେଶୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାକୁ ଅଭିଯୁକ୍ତଙ୍କ ପକ୍ଷରୁ ଯୁବ ଆଇନଜୀବୀ ପ୍ରଦୀପ କୁମାର ମହାରଣା ପରିଚାଳନା କରୁଥିଲେ।

**ବାରିଙ୍ଗ ଗ୍ରାମର ଅମ୍ବିକା ନାଏକ ହତ୍ୟା ମାମଲା**

# ରାଷ୍ଟ୍ରୀୟ ସଂରକ୍ଷକ ମଣ୍ଡଳକୁ ସମ୍ବଲପୁରର ଦୁଇଜଣ ମନୋନୀତ

**ସମ୍ବଲପୁର,୧୪।୮(ଶୁଭାଶିଷ ପାଢୀ)**

ଅଖିଳ ଭାରତୀୟ କାୟସ୍ଥ ମହାସଭାର ରାଷ୍ଟ୍ରୀୟ ସଂରକ୍ଷକ ମଣ୍ଡଳକୁ ସଦସ୍ୟ ଭାବେ ସମ୍ବଲପୁରର ଦୁଇଜଣ ମନୋନୀତ ହୋଇଛନ୍ତି। ସେମାନେ ହେଲେ ସୁଶ୍ରୀ ପ୍ରମିଳା ବହିଦାର ଓ ରତ୍ନ ଭୁଷଣ ପୃଷ୍ଠି। ସମଗ୍ର ଦେଶରୁ ୧୦ଜଣ ମନୋନୀତ ସଦସ୍ୟଙ୍କ ମଧ୍ୟରେ ସମ୍ବଲପୁର ଦୁଇଜଣ ରହିଛନ୍ତି। ୨୦୨୮ ମସିହା ପର୍ଯ୍ୟନ୍ତ ସେମାନଙ୍କ କାର୍ଯ୍ୟକାଳ ବଳବତ୍ତର ରହିବ। ଏହି ଖବର ପ୍ରକାଶ ପାଇବା ପରେ ଜିଲାର ବିଭିନ୍ନ ମହଲରୁ ସେମାନଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି।





























ପବିତ୍ର ସ୍ୱାଧୀନତା ଦିବସ – ୨୦୨୩ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

DADLS-27

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0107/2324

DADLS-27

ଓଡ଼ିଶା ସରକାର



ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆସନ୍ତୁ ଏକ ନୂଆ ଓଡ଼ିଶା, ରୂପାନ୍ତରିତ ଓଡ଼ିଶା ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କରିବା।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0107/2324



ପବିତ୍ର ସ୍ୱାଧୀନତା ଦିବସ ଅବସରରେ
ବାର୍ତ୍ତା

DADLS-27

ପବିତ୍ର ୭୭ତମ ସ୍ୱାଧୀନତା ଦିବସ ଅବସରରେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଦେଶପ୍ରେମୀ ସଂଗ୍ରାମୀମାନଙ୍କର ଆତ୍ମୋତ୍ସର୍ଗ, ଜାତୀୟ ପ୍ରୀତି, ଅହିଂସା–ଅସହଯୋଗ ମନ୍ତ୍ର ବଳରେ ଭାରତର ସ୍ୱାଧୀନତା ପ୍ରାପ୍ତି ଆମର ମହାନ୍ ଉପଲବ୍ଧି।

ଆସନ୍ତୁ, ସ୍ୱାଧୀନତାର ମୂଲ୍ୟବୋଧକୁ ସ୍ମରଣ କରି ସେହି ସଂଗ୍ରାମୀମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟ କରିବା ଏବଂ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ନିର୍ମାଣ କରିବାକୁ ସଂକଳ୍ପବଦ୍ଧ ହେବା।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0107/2324

ଅପମିଶ୍ରଣରୁ ସ୍ୱାଧୀନତା, କେମିକାଲ୍ସରୁ ସ୍ୱାଧୀନତା, ରୋଗରୁ ସ୍ୱାଧୀନତା,
ସାଂସ୍କୃତିକ ଉତ୍ପୀଡ଼ନରୁ ସ୍ୱାଧୀନତା, ବୌଦ୍ଧିକ ଦାସତ୍ୱରୁ ସ୍ୱାଧୀନତା ଏବଂ
ଅର୍ଥନୈତିକ ଦାସତ୍ୱରୁ ସ୍ୱାଧୀନତା ପାଇଁ

ସ୍ୱାଧୀନତାର 77ତମ ପର୍ବର ହାର୍ଦ୍ଦିକ ଶୁଭକାମନା

ଆପଣାନ୍ତୁ




ଇଷ୍ଟ୍ ଇଣ୍ଡିଆ କମ୍ପାନୀରୁ ଆରମ୍ଭ କରି ସମସ୍ତ ବିଦେଶୀ କମ୍ପାନୀ ଆମ ଦେଶରୁ ହଜାର ହଜାର କୋଟି ଟଙ୍କାର ଆର୍ଥିକ ଲୁଟ୍ କରୁଥିବା ଓ ଦେଶକୁ ବୌଦ୍ଧିକ ତଥା ସାଂସ୍କୃତିକ ଦାସତ୍ୱର ଜାଲରେ ଫସାଉଥିବାବେଳେ, ପତଞ୍ଜଳି ରାଷ୍ଟ୍ରର ସେବା କରିବା ସହିତ ସନାତନ ସଂସ୍କୃତିର ମର୍ଯ୍ୟାଦା ଓ ରାଷ୍ଟ୍ରୀୟ ଆତ୍ମସମ୍ମାନକୁ ବୃଦ୍ଧି କରିଛି । ତଥାପି, ଦେଶର ଅଧିକାଂଶ ଅର୍ଥନୀତିକୁ ବିଦେଶୀ କମ୍ପାନୀମାନେ ନିୟନ୍ତ୍ରଣ କରୁଛନ୍ତି । ବିଶେଷକରି ଏଫ୍ଏମ୍ସିଜି କ୍ଷେତ୍ରରେ ସେମାନଙ୍କର ଏକାଧିପତ୍ୟ ରହିଛି । 100% ଲାଭରାଶିକୁ ଦାନ କରିବାର ଲକ୍ଷ୍ୟ ସହିତ ପତଞ୍ଜଳି ଏକମାତ୍ର ବ୍ରାଣ୍ଡ ଭାବେ ଏଭଳି କମ୍ପାନୀଗୁଡ଼ିକୁ ଚ୍ୟାଲେଞ୍ଜ କରୁଛି । ନିଜର ନିତିଦିନିଆ ଜୀବନରେ ପତଞ୍ଜଳିକୁ ଆପଣାନ୍ତୁ ଓ ସ୍ୱଦେଶୀର ବ୍ରତ ନିଅନ୍ତୁ ଏବଂ ରାଷ୍ଟ୍ରକୁ ଏକ ଅର୍ଥନୈତିକ ମହାଶକ୍ତିରେ ପରିଣତ କରନ୍ତୁ ।

ହେୟାର୍ କେୟାର୍ - କେଶ କାନ୍ତି
କେଶ ହାନି ଏବଂ ରୁପି ଭଳି ସମସ୍ୟାର ପ୍ରାକୃତିକ ସମାଧାନ ।



ଡେଣ୍ଟାଲ କେୟାର୍
ଦାନ୍ତ ଏବଂ ମାଢ଼ି ସମସ୍ୟା ପାଇଁ ପ୍ରାକୃତିକ ସମାଧାନ ।



ସ୍କିନ୍ କେୟାର୍
ପ୍ରାକୃତିକ କୋମଳତା ଏବଂ ସୌନ୍ଦର୍ଯ୍ୟ ପାଇଁ ପତଞ୍ଜଳି ସ୍କିନ୍ କେୟାର୍



ହେଲ୍ଥ ପ୍ରଡକ୍ଟସ୍
ପ୍ରାକୃତିକ ଭାବେ ଇମ୍ୟୁନିଟି ବଢ଼ାଏ, ରୋଗଗୁଡ଼ିକୁ ହରାଏ ।



ପତଞ୍ଜଳି ଫୁଡସର ସ୍ୱାସ୍ଥ୍ୟକର ପ୍ରଡକ୍ଟସ୍




ଫୁଡ୍ ପ୍ରଡକ୍ଟସ୍
ନିଜର ନିରୀହ ପିଲା ଓ ପରିବାରକୁ ଅପମିଶ୍ରଣର ବିଷରୁ ରକ୍ଷା କରିବା ପାଇଁ 100% ଶୁଦ୍ଧ ଏବଂ ସାତ୍ତ୍ୱିକ ଉତ୍ପାଦ ବାଛନ୍ତୁ ।

ବେସନ ଏବଂ ସିଂଘାଡ଼ା, ଜଆର, ବାଜରା, ମିସ୍ସି ଅଟା ମଧ୍ୟ ଉପଲବ୍ଧ ।



# ସ୍ୱାଧୀନତା ଆନ୍ଦୋଳନରେ ବିଦେଶିନୀ

ଡ. ଅରୁନ୍ଧତୀ ଦେବୀ

ସ୍ୱାଧୀନ ତା ଓ ପରାଧୀନତାର ଲାଭ ଓ କ୍ଷତି ବିଷୟରେ ଆଜିର ଭାରତବର୍ଷର ଶିକ୍ଷିତ ନାଗରିକମାନଙ୍କୁ କିଛି ବୁଝାଇ କହିବାର ପ୍ରୟୋଜନ ନାହିଁ। ସମଗ୍ର ବିଶ୍ୱର ପ୍ରେକ୍ଷାପଟକୁ ତଥା ବିଭିନ୍ନ ଦେଶର ଶାସନ ବ୍ୟବସ୍ଥାକୁ ଅନୁଶୀଳନ କରି ଗଣତାନ୍ତ୍ରିକ ବ୍ୟବସ୍ଥା ଯେ ସର୍ବୋତ୍କୃଷ୍ଟ ପନ୍ଥା, ଏକଥା ମଧ୍ୟ ଜୋର ଦେଇ କହିବାର ଆବଶ୍ୟକତା ନାହିଁ। ଚଳିତ ବର୍ଷ ଭାରତ ସ୍ୱାଧୀନତା ଦିବସର ୭୭ବର୍ଷର ପୂର୍ତ୍ତି ଅନୁଷ୍ଠିତ ହେବାକୁ ଯାଉଛି। ଭାରତର ଭୂଇଁ ବିଦେଶୀ ବିଦେଶିନୀମାନଙ୍କୁ ସର୍ବଦା ଆକର୍ଷିତ କରିଆସିଛି। ସେଭଳି ଚିରନ୍ତନ ଆକର୍ଷଣ ଏଡ଼ାଇ ନ ପାରି ଅନେକେ ରହିଯାଇଛନ୍ତି ଭାରତରେ। ମିଶିଯାଇଛନ୍ତି ଭାରତୀୟ ସମାଜ-ସଂସ୍କୃତି



ଆନି ବେସାନ୍ତ



ଭଉଣୀ ନିବେଦିତା

ଭିତରେ। ଭାରତୀୟ ସ୍ୱାଧୀନତା ସଂଗ୍ରାମ ବେଳେ ଏକାଧିକ ବିଦେଶୀ ମହିଳା 'ଭାରତ' ନାମକ ମାୟାରେ ପଡ଼ି ସେଥିରେ ସାମିଲ ହୋଇଥିବାର ଜ୍ୱଳନ୍ତ ଦୃଷ୍ଟାନ୍ତମାନ ରହିଛି। ଆସ, ସେଭଳି କେତେଜଣ ବିପ୍ଳବିନୀଙ୍କୁ ଜାଣିବା।

**ଭଉଣୀ ନିବେଦିତା :** ତାଙ୍କର ମୂଳ ନାମ ମାର୍ଗାରେଟ୍ ଏଲିଜାବେଥ୍ ନୋବେଲ ଏବଂ ଜାତୀୟତା ଆଇରିସ୍। ଆୟାର୍ଲାଣ୍ଡର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ନିବେଦିତା ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ଭାବେ ସର୍ବତ୍ର ଜଣାଶୁଣା। ସ୍ୱାମିଜୀ ହିଁ ତାଙ୍କୁ ଦେଇଥିଲେ 'ନିବେଦିତା' ନାମ। ରାମକୃଷ୍ଣ ମିଶନ ମଧ୍ୟରେ ରହି ସେ ଭାରତରେ ବ୍ରିଟିଶ୍ ବିରୋଧୀ କାର୍ଯ୍ୟକଳାପରେ ସାମିଲ କରିଥିଲେ ନିଜକୁ। ଫିରିଙ୍ଗି ପୋଲିସ କବଳରୁ ବର୍ତ୍ତିବା ପାଇଁ ଦେଶ ତ୍ୟାଗ କରିବା ନିମନ୍ତେ ସେ ଶ୍ରୀଅରବିନ୍ଦଙ୍କୁ ପ୍ରଭାବିତ କରିଥିଲେ। ପୁଣି ତାଙ୍କ ଦ୍ୱାରା ପ୍ରକାଶିତ 'କର୍ମଯୋଗିନୀ' ପତ୍ରିକାର ସମ୍ପାଦନା ଦାୟିତ୍ୱ ନେଇଥିଲେ।

**ଆଗ୍ନେସ୍ ସ୍ମେଡ୍‌ଲେ :** କୁହାଯାଏ ଆଗ୍ନେସ୍ ହେଉଛନ୍ତି ପ୍ରଥମ ବିଦେଶିନୀ ଯିଏ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ପରୋକ୍ଷ ଭାବେ ଜଡ଼ିତ ହୋଇ କାରାଦଣ୍ଡ ଭୋଗିଥିଲେ ଆମେରିକାରେ। ଏହି ନାମଟି ସହ ଭାରତୀୟମାନେ ବିଶେଷ ଭାବେ ପରିଚିତ ନ ଥିଲେ ହେଁ ଏକଦା ସେ ଭାରତୀୟ ବିପ୍ଳବୀ ଲାଲା ଲଜପତ୍ ରାଏ, ଶୈଳେନ୍ଦ୍ରନାଥ ଘୋଷ, ଭାଇ ଭଗବାନ ସିଂ, ତାରକନାଥ ଦାସ, ବୀରେନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟ ପ୍ରମୁଖଙ୍କ ସହ ସମ୍ପର୍କିତ ଥିଲେ, ସେମାନଙ୍କ ସହ ଆଲୋଚନାରେ ଭାଗନେବାଠାରୁ ଆରମ୍ଭକରି ନିଜର ଜନ୍ମଭୂମି ଆମେରିକାରେ ବ୍ରିଟିଶ୍ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ବୀରେନ୍ଦ୍ରନାଥଙ୍କ ସହ ଜର୍ମାନୀ, ରୁଷିଆ ଆଦି ଘୂରି ବୁଲି ସେ ଭାରତର ସ୍ୱାଧୀନତା ସପକ୍ଷରେ ସେଠାକାର ଶାସକମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ କରିଥିଲେ।

**ଆନି ବେସାନ୍ତ :** ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତି ଥିବା ଆଉ ଜଣେ ବିଦେଶିନୀ ହେଲେ ଆନି ଉଡ୍ ଓରଫ ଆନି ବେସାନ୍ତ। ଲଣ୍ଡନ ଜନ୍ମିତ ଆନି ୪୭ ବର୍ଷ ବୟସରେ ଭାରତରେ ପଦାର୍ପଣ କରିଥିଲେ। ପ୍ରାରମ୍ଭିକ ସ୍ତରରେ ଭାରତରେ ସାମାଜିକ ସଂସ୍କାର ଏବଂ ଶିକ୍ଷାର ପ୍ରସାର ଆଦି କ୍ଷେତ୍ରରେ ସେ କାର୍ଯ୍ୟ କରିଥିଲେ। ପରେ ଭାରତୀୟଙ୍କ ପାଇଁ ସ୍ୱାଧୀନତା ଦାବିକରି ଏକ ରାଜନୈତିକ ଆନ୍ଦୋଳନ ଆରମ୍ଭ କରିଥିଲେ। ତାହା ଥିଲା 'ହୋମ୍-ରୁଲ୍ ମୁଭମେଣ୍ଟ'। 'ନ୍ୟୁ ଇଣ୍ଡିଆ' ପତ୍ରିକାରେ ସେ ନିୟମିତ ଭାବେ ବ୍ରିଟିଶ୍ ସରକାର ବିରୋଧରେ ଲେଖୁଥିଲେ। ତାଙ୍କୁ ଗିରଫକରି କିଛି ଦିନ କାରାଗାରରେ ଅଟକ ମଧ୍ୟ ରଖାଯାଇଥିଲା। ୧୯୧୭ କଲିକତା ଜାତୀୟ କଂଗ୍ରେସରେ ତାଙ୍କୁ ଅଧ୍ୟକ୍ଷା ଭାବେ ମନୋନୀତ କରାଯାଇଥିଲା।

**ମୀରାବେନ୍ :** ମୀରାବେନ୍‌ଙ୍କ ମୂଳ ନାଁ ମ୍ୟାଡେଲିନ୍ ସ୍ଲାଡ୍। ମ୍ୟାଡେଲିନ୍ ଜନ୍ମ ହୋଇଥିଲେ ଲଣ୍ଡନରେ



ଜଣେ ବ୍ରିଟିଶ୍ ନୌ-ସେନାଧ୍ୟକ୍ଷ ସାର୍ ଏଡ୍‌ମଣ୍ଡ ସ୍ଲାଡ୍‌ଙ୍କ କନ୍ୟା ଭାବେ। ଉଚ୍ଚ ପଦସ୍ଥ ଇଂଲିଶ୍ କର୍ମଚାରୀଙ୍କର ଏହି ଗେହ୍ଲୀ ଝିଅ ଶୈଶବରେ ମହାତ୍ମାଙ୍କ ଏକ ଲେଖା ପଢ଼ି ତାଙ୍କ ଆଦର୍ଶରେ ପରିଚାଳିତ ହୋଇଥିଲେ। ପରେ ସେ ଭାରତକୁ ନିଜର କର୍ମକ୍ଷେତ୍ର ଭାବେ ଗ୍ରହଣ କରି ମହାତ୍ମାଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ମ୍ୟାଡେଲିନ୍ ଏକାଧିକ ଥର ଜେଲ ଯାଇଥିଲେ। ମହାତ୍ମା ତାଙ୍କୁ 'ମୀରା' ନାମ ଦେଇଥିଲେ। ସାବରମତୀ ଆଶ୍ରମରେ ତାଙ୍କର ସମୟ କଟୁଥିଲା। ଭାରତ ଆସିବା ପରେ ଶାଢ଼ିକୁ ସେ ନିଜର ପରିଧେୟ ଭାବେ ଗ୍ରହଣ କରିଥିଲେ। ମହାତ୍ମାଙ୍କ ମୃତ୍ୟୁ ପରେ ସେ କିଛି ବର୍ଷ ଋଷିକେଶରେ ରହିବା ପରେ ଅଷ୍ଟ୍ରିଆ ଚାଲିଯାଇଥିଲେ।

**–ନିର୍ଦ୍ଦେଶିକା–ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ ମୋ – ୯୯୩୭୧୭୨୮୧୦**

# ମୁକ୍ତିର ମାଧୁର୍ଯ୍ୟ

ପ୍ର. ଡା. ଉମେଶ ଚନ୍ଦ୍ର ପାତ୍ର

ଆଜିର ଦିନଟି ଦୁଇଟି ଦୃଷ୍ଟିରୁ ଆମ ପାଇଁ ଅତ୍ୟନ୍ତ ଆନନ୍ଦର ଦିନ। ପ୍ରଥମତଃ ଆଜି ସାରା ଦେଶରେ ପାଳିତ ହେଉଛି ୭୭ତମ ସ୍ୱାଧୀନତା ଦିବସ। ପ୍ରଥମେ ସ୍ୱାଧୀନତା ଦିବସ ସମ୍ବନ୍ଧରେ। ସାରା ବିଶ୍ୱରେ ଆମ ଦେଶ ଭାରତର ମୁଖ୍ୟତଃ ଦୁଇଗୋଟି ସ୍ୱତନ୍ତ୍ର ପରିଚିତି ରହିଛି। ତାହା ହେଉଛି ଶକ୍ତିଶାଳୀ ବ୍ରିଟିଶ ସରକାର ବିରୋଧରେ ଅହିଂସାର ମାର୍ଗ ଅନୁସରଣ କରି ସ୍ୱାଧୀନତା ହାସଲ କରିବା ଏବଂ ବିବିଧତା ଭିତରେ ଏକତା। ଜାତିର ପିତା ମହାତ୍ମା ଗାନ୍ଧୀ ତଥା ଦେଶର କିଛି ଜନନାୟକଙ୍କ ନେତୃତ୍ୱରେ ଅହିଂସା ମାର୍ଗରେ ପରିଚାଳିତ ହୋଇ ଦେଶର ଜନସାଧାରଣ ଆଜିକୁ ୭୬ବର୍ଷ ତଳେ ହାସଲ କରିଥିଲେ ସ୍ୱାଧୀନତା। ଆଉ ସ୍ୱାଧୀନ ହେବା ପରେ ଖୁବ୍ ଆନନ୍ଦରେ ଗାଇ ଉଠିଥିଲେ – ଆମରି ନାଆର ଆମେ ନାଉରି, ଆମେ ଚଳାଉଛୁ ଦେଶ ଆମରି। ଦେଶ ଚଳାଇଲେ ଆମରି ଭାରତୀୟ ନେତାମାନେ। ବିଗତ ୭୬ ବର୍ଷ ଭିତରେ ଦେଶରେ ଘଟିଯାଇଛି ଅନେକ ଘଟଣା ଦୁର୍ଘଟଣା, ଉଲ୍ଲେଖନୀୟ ଭାବରେ ବଦଳି ଯାଇଛି ସବୁ କ୍ଷେତ୍ରର ପରିସଂଖ୍ୟାନ ତାହା ପୁଣି ଦ୍ରୁତ ବେଗରେ। ଆଜିର ଏଇ ସ୍ୱାଧୀନତା ଦିବସ ଅବସରରେ ସେ ସବୁ ଉପରେ ପୁଣିଥରେ ଆଖି ପହଁରାଇ ଆଣିବାର ପ୍ରାସଙ୍ଗିକତା ରହିଛି ବୋଲି ଆମେ ମନେକରୁ। ପ୍ରଥମେ ଦେଶ ବିଭକ୍ତ ହୋଇଯାଇଛି ଦୁଇ ଭାଗରେ – ଭାରତ ଓ ପାକିସ୍ତାନ ନାମକ ଦୁଇଟି ରାଷ୍ଟ୍ରରେ। ତା'ପରେ ଗଣତାନ୍ତ୍ରିକ ପଦ୍ଧତିକୁ ଆପଣାଇଥିବା ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ଗଢ଼ିବାକୁ ଆରମ୍ଭ କରିଥିବା ପ୍ରଗତିର ରଥ ଏବେ ପ୍ରଗତି ପଥରେ ମାଡ଼ି ଚାଲିଛି। ବିକାଶ ନାଁରେ ଶିଳ୍ପ ପ୍ରତିଷ୍ଠାଠାରୁ ଆରମ୍ଭ କରି ବିଜ୍ଞାନ ଓ କାରିଗରି ବିଦ୍ୟାର ପ୍ରସାର, ନଦୀବନ୍ଧ ଯୋଜନା ଇତ୍ୟାଦିର କାର୍ଯ୍ୟାରମ୍ଭ ହୋଇଛି। ଫଳସ୍ୱରୂପ ଆଜି ଆମ ଦେଶ ବିଶ୍ୱର ଅନ୍ୟତମ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ବିବେଚିତ ହେବା ସହିତ ବିଜ୍ଞାନ ଓ କାରିଗରି କ୍ଷେତ୍ରରେ ଅର୍ଜନ କରିପାରିଛି ଯଥେଷ୍ଟ ସୁନାମ। ଅର୍ଥନୀତି ଦୃଷ୍ଟିରୁ ଯଦିଓ ଦେଶ ଏବେ ବି କେତେକାଂଶରେ ବିଶ୍ୱର ବିକଶିତ ରାଷ୍ଟ୍ରମାନଙ୍କଠାରୁ ପଛରେ ରହିଛି, ତଥାପି ଏକ ଦ୍ରୁତ ବିକାଶଶୀଳ ଅର୍ଥନୀତି ଭାବରେ ଏହା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇପାରିଛି।

ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱାଧୀନତା ପ୍ରସଙ୍ଗରେ ଅତ୍ୟନ୍ତ ଲଳିତ ମଧୁର କଣ୍ଠରେ କହିଲେ – ସ୍ୱାଧୀନତାର ମର୍ମ କେତେ ଲୋକ ବୁଝନ୍ତି? ତାହା ଯିଏ ବୁଝେ ଓ କରେ ସେ ସପରିବେଶ ଜୀବନର ମାଧୁର୍ଯ୍ୟ ଉପଲବ୍ଧି କରିପାରେ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ – ମାଆ-ବାପା, ଭାଇ-ଭଉଣୀ, ସ୍ତ୍ରୀ-ପୁତ୍ର, ଆତ୍ମୀୟ-ସ୍ୱଜନ, କୁଟୁମ୍ବ-ବନ୍ଧୁବାନ୍ଧବ, ପାରିପାର୍ଶ୍ୱିକ-ପରିସ୍ଥିତି, ଦେଶ-ବିଦେଶ ଇତ୍ୟାଦି ଭିତରେ ଯେତେବେଳେ ବାସ୍ତବ ଭାବରେ ଦେବା-ନେବା ଭିତର ଦେଇ ସକ୍ରିୟ ସହାନୁଭୂତି ଓ ସହଯୋଗିତାରେ ପାରସ୍ପରିକ ସଙ୍ଗଠନ ସୃଷ୍ଟି ହୁଏ, ମନୁଷ୍ୟ ଆଦର୍ଶ ପରିପୂରଣୀ, କର୍ମଠ ଓ ଅର୍ଜୀ ହୋଇଉଠେ, ପ୍ରତ୍ୟେକଙ୍କର ପୂରଣ, ପୋଷଣ, ରକ୍ଷଣ ଓ ଅଶିଷ୍ଟ ଦମନରେ – ସ୍ୱାଧୀନତା ସେତେବେଳେ ହିଁ ସତ୍ୟକାର ରୂପ ନିଏ – ଆଉ ତାହା ଉଚ୍ଛଳ ଉନ୍ନତିରେ ଆଗେଇ ଚାଲେ – ଏହାର ତାତ୍ପର୍ଯ୍ୟ ହିଁ ଏହିଠାରେ, ଆଉ ଭାରତରେ ଚନ୍ଦ୍ରଗୁପ୍ତ, ଧର୍ମାଶୋକ, ସମୁଦ୍ରଗୁପ୍ତ ଓ ବିକ୍ରମାଦିତ୍ୟ ଥିଲେ ଏହି ସ୍ୱାଧୀନତାର ବାସ୍ତବ ପରିଣୟନୀ ସିଦ୍ଧପୁରୁଷ। ସେ ପୁନର୍ବାର ପ୍ରକାଶ କଲେ– ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଆଦର୍ଶକୁ କେନ୍ଦ୍ର କରି ଦେଶର ଜନସାଧାରଣ ଯେତେବେଳେ ପରସ୍ପରର ସା-ସ୍ୱାର୍ଥେ ସ୍ୱାର୍ଥନ୍ୱିତ ହୋଇ ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ ପରସ୍ପରକୁ ପରିପୂରଣ, ସେବା ଓ ସଂରକ୍ଷଣ କରିଚାଲନ୍ତି, ସେତେବେଳେ ହିଁ ଦେଶରେ ଆସେ ପ୍ରକୃତ ସ୍ୱାଧୀନତା। ନୋବେଲ ବିଜେତା ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଗାଇ ଉଠିଲେ – କେବେ ପ୍ରାଣ ଖୋଲି କହି ମୁଁ ପାରିବି, ପାଇଛି ମୋର ଶେଷ। ତୁମ୍ଭେ ସଭିଏଁ ଆସ ମୋ ପଛେ, ଗୁରୁ ତୁମ ସଭିଙ୍କୁ ଡାକିଛେ, ମୋର ଜୀବନେ ଲଭଇ ଜୀବନ, ଜାଗରେ ସକଳ ଦେଶ।

**–ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ : ୯୪୩୭୦୫୧୯୫୭**

# ମେରି ମିଟି ମେରା ଦେଶର ଶୁଭାରମ୍ଭ



ହେମଗିର, ୧୪।୮ (ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିରସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ରବିନ୍ଦ୍ର କୁମାର ହୋତା ଯୋଗଦେଇ ଦେଶ ସେବାରେ ଅନୁପ୍ରାଣିତ ହେବା ପାଇ କହିଥିଲେ। ଅଧ୍ୟକ୍ଷ ଯଦୁମଣି ଦାସ ଛାତ୍ରୀଛାତ୍ରଙ୍କୁ ମେରୀ ମାଟି ମେରା ଦେଶ ଶୀର୍ଷକ ଉପରେ ଅବଗତ କରାଇଥିଲେ। ବୃକ୍ଷରୋପଣ କାର୍ଯ୍ୟକ୍ରମ ସହିତ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ହୋଇଥିଲା। ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ନନ୍ଦିତା ନନ୍ଦି ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଅତିଥି ଧନ୍ୟବାଦ ଦେଇଥିଲେ। ସେହିପରି ଡୁଡୁକାସ୍ଥିତ ଭେଷଜ ପଟେଲ କଲେଜରେ ମେରୀ ମିଟି ମେରା ଦେଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଦ୍ୱିତୀୟ ସେବା ଯୋଜନା ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅବସରପ୍ରାପ୍ତ ବାୟୁସେନାର ଏଜେଣ୍ଟ ବିହାରିଲାଲ ପଟେଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଡ. ଅଶୋକ କୁମାର ନାଏକ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନ ପରିଚାଳନା କମିଟି ସଭାପତି ସୁଶୀଲ କୁମାର ଚୌଧୁରୀ ଛାତ୍ରୀଛାତ୍ରଙ୍କୁ ଦେଶ ପ୍ରେମରେ ବ୍ରତୀ ହେବାପାଇଁ ପ୍ରେରଣା ଦେଇଥିଲେ। ବରିଷ୍ଠ ଅଧ୍ୟାପିକା ମିନତୀ ମିଶ୍ର ଅତିଥି ପରିଚୟ ପ୍ରଦାନ, ଅଧ୍ୟାପକ ସୁଶାନ୍ତ କୁମାର ପଟେଲ ମେରୀ ମିଟି ମେରା ଦେଶ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପିକା ନମିତା ମାଝି ଧନ୍ୟବାଦ ଦେଇଥିଲେ।

# ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ

ବଡ଼ଗାଁ, ୧୪।୮ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସିଙ୍ଗାରମୁଣ୍ଡା ଗ୍ରାମର ଫାଦର ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ଖମନ ଗାଁର ସାଗର କାମର(୩୫)। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ସାଗର ମାଛ ଧରିବାକୁ ଯାଇଥିବାବେଳେ ପାଣିରେ ବୁଡ଼ିଯାଇଥିଲେ।


**ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5163


# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର

ସୁନ୍ଦରଗଡ, ୧୪।୮ (ଜୟ ନାରାୟଣ ମେଣ୍ଟୁଲି)

ମିଳିତ ପ୍ରାଥମିକ ମୂଳ ନିଯୁକ୍ତ ବିଏଡ ଶିକ୍ଷକ ମହାସଂଘର ଆହ୍ୱାନ କ୍ରମେ ସୋମବାର ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ୬ଦଫା ଦାବି ନେଇ ଜିଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟ ମୁଖ୍ୟ ସେକ୍ସନ ଅଫିସରଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଏହି ଦାବି ଗୁଡିକ ପୂରଣ ଦିଗରେ ପଦକ୍ଷେପ ନିଆ ନ ଗଲେ ଏହି ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସଂଘର ଏହି ପ୍ରତିନିଧି ମଣ୍ଡଳୀରେ ସୁନ୍ଦରଗଡ ସଦର ବ୍ଲକର ବିକାଶ ନାଏକ, ଚନ୍ଦ୍ର ଶେଖର ଶର୍ମା, ଆନନ୍ଦ ରାମ ପଟେଲ, ଶ୍ରୀକାନ୍ତ ପଟେଲ, ବିତା ମିଶ୍ର, ରାଜେଶ ପଟେଲ, ଟାଙ୍ଗରପାଲି ବ୍ଲକର ମନ୍ଦାକିନୀ ପଟେଲ, ସୁନୀଲ ନାଏକ, ହେମଗିର ବ୍ଲକର ରାମଲାଲ ପଟେଲ, ରଥୁ ବାଗ, ଛବିଳ ଗୌଡ, ଉମେଶ ରାୟ, ଶରତ ହୋତା, ବଡଗାଁ ବ୍ଲକର ହରିଶଙ୍କର ପାଣିଗ୍ରାହୀ, କୁତ୍ରା ବ୍ଲକରୁ ଶଙ୍କର ନିଖଣ୍ଡିଆ, ସଚିଦାନନ୍ଦ କାକ୍, ସବ୍‌ଡେଗା ବ୍ଲକର ଗୋପବନ୍ଧୁ ସେଠ, ଗୁରୁଣ୍ଡିଆ ବ୍ଲକର କିଶୋର ଚନ୍ଦ୍ର ବେହେରା, ଲହୁଣୀପଡା ବ୍ଲକର ଅକ୍ଷୟ କୁମାର ପ୍ରଧାନ, ବଣାଇ ବ୍ଲକର ରମେଶ ପ୍ରଧାନ, ପ୍ରଦୀପ୍ତ କୁମାର ମିଶ୍ର, ବାଲିଶଙ୍କରା ବ୍ଲକର ହରେରାମ ପଟେଲ, ସୁବାସ ଚନ୍ଦ୍ର ପଟେଲ, ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିନିଧି ଦଳଙ୍କ ବ୍ଲକ ପରିଦର୍ଶନ



ବଡ଼ଗାଁ, ୧୪।୮ (ଅଶୋକ ଷଡ଼ଙ୍ଗୀ)

ସ୍ୱଚ୍ଛ ଭାରତ ମିଶନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି, ଗୁଣାତ୍ମକ ମାନ ଓ ଏହାର ପରିଚାଳନା ବ୍ୟବସ୍ଥାର ମୂଲ୍ୟାୟନ କରିବା ପାଇଁ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ନିର୍ମାଣ ଉଦ୍ଦେଶ୍ୟରେ ସ୍ୱଚ୍ଛ ସର୍ବେକ୍ଷଣ (ଗ୍ରାମୀଣ) ବଡ଼ଗାଁ ବ୍ଲକର ୨ଟି ପଞ୍ଚାୟତରେ କରାଯାଇଛି। ସୋମବାର ବଡ଼ଗାଁ ବ୍ଲକର ଭୋଇଆଲି ଓ ପାମରା ପଞ୍ଚାୟତର କେତେକ ଗ୍ରାମରେ ଏହି ସର୍ବେକ୍ଷଣ ପ୍ରତିନିଧି ଦଳ ବିଭିନ୍ନ ଗ୍ରାମରେ ନିର୍ମିତ ଶୌଚାଳୟ, ମନ୍ଦିର, ବର୍ଜ୍ୟବସ୍ତୁ ହୋଇ ପରିଚାଳନା କେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର, ବିଭିନ୍ନ କାର୍ଯ୍ୟାଳୟ, ସାପ୍ତାହିକ ହାଟ, ପରିଦର୍ଶନ କରିଥିଲେ। ଏହା ବ୍ୟତୀତ ହିତାଧିକାରୀ ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ସର୍ବେକ୍ଷିକା ଲତିକା ରାଉତଙ୍କ ସହିତ ଜିଲା ପରାମର୍ଶ ଦାତା ରଞ୍ଜନ ରାଉତ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ପଟେଲ, ଜଗନ୍ନାଥ ମୁଣ୍ଡା, ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ କୁସୁମ ପଣ୍ଡା, ଲିଲି ଠାକୁର, ଓଡ଼ିଆରି ସଂସ୍ଥା ନାଏକ ସାମିଲ ହୋଇ ସର୍ବେକ୍ଷଣ କରିଥିଲେ।


**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୩-୨୪-୩୦, ତାରିଖ: ୧୪।୦୮।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ନିମପୁରା – ଟାଟାନଗର ଜଂ. (ଅପ୍) – ପିକ୍ୟୁଆର୍‌ଏସ୍ ପଦ୍ଧତି ଦ୍ୱାରା କିମି ୨୩୪.୦୨୦ରୁ ୨୫୧.୦୩୫ (ଅପ୍)ଠାରେ ଥ୍ରୁ ସ୍ଲିପର୍ ନବୀକରଣ (ପି) ୧୭.୦୧୫ ଟିକେଏମ୍ । **ଟେଣ୍ଡର ମୂଲ୍ୟ:** ₹୨,୩୫,୧୩,୬୭୬.୮୦ । **ଇଏମ୍‌ଡି:** ₹୨,୬୭,୬୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ୦.୦୦। **ଖୋଲାଯିବା ତାରିଖ:** ୦୭।୦୯।୨୦୨୩ । ଟେଣ୍ଡର http://www.ireps.gov.in ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (ପ୍ରାଧିକରଣ- ରେଳପଥ ପରିଷଦର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦)

(PR-511)



**GOVERNMENT OF ODISHA** No.A-424:
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**SUBARNAREKHA & BUDHABALANGA BASIN**
**AT/PO-LAXMIPOSI, DIST-MAYURBHANJ**
**Mail Id: cebmsbb2019@gmail.com**
**Government of Odisha "e" Procurement Notice**
**Bid Identification No.17/23-24 of CEBM, SBB, Laxmiposi**

| | | |
|---|---|---|
| 1 | Name of Work | Raising & Strengthening of Parikhi T.R.E. Saline Embankment |
| 2 | Estimated Cost | Rs.1470.37 Lakh |
| 3 | Bid Security/ E.M.D. | Rs.14,70,400/- |
| 4 | Period of Completion | 18 (Eighteen) Calendar Months |
| 5 | Class of Contractor | "A" Class and "Special" Class |
| 6 | Date & Time of availability of bid document in the Portal | 28.08.2023 at 10.00 AM |
| 7 | Last date/time for receipt of bid in the Portal | 18.09.2023 upto 5.00 PM |
| 8 | Date of Opening of bid | 19.09.23 at 11.00 A.M. |
| 9 | Name & Address of the O.I.T. | Chief Engineer & Basin Manager, O/o the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in".

**Sd./- Chief Engineer & Basin Manager**
OIPR-32074/11/0030/2324



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, देवघर**

ई–प्रोक्योरमेंट सूचना (1st Call)
e- Tender Reference No. - RCD/DEOGHAR/1700/2023-24
(1st Call) दिनांक – 14.08.2023

| | | |
|---|---|---|
| 1. | कार्य का नाम | पथ प्रमण्डल देवघर अन्तर्गत "देवघर–सातर पथ (कुल लंबाई–4.80 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य। |
| 2.. | प्राक्कलित राशि (रुपये में) | रुपये 2,96,96,028/– (दो करोड़ छियानबे लाख छियानबे हजार अठाईस रुपये मात्र)। |
| 3. | कार्य समाप्ति की अवधि | 02 (दो) माह। |
| 4. | निविदा प्राप्ति की अंतिम तिथि एवं समय | 11.09.2023 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 21.08.2023 (10:30 बजे पूर्वाह्न) |
| 6 | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | 06432-299919 |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

नोट –निविदा की राशि घट–बढ़ सकती है।
अतिरिक्त जानकारी के लिए वेबसाईट http://jharkhand tenders.gov.in पर देखें।

कार्यपालक अभियंता,
पथ निर्माण विभाग, पथ प्रमण्डल, देवघर

PR 304637 Road(23-24).D



**DIRECTORATE OF PRINTING, STATIONERY & PUBLICATION, ODISHA, MADHUPATNA, CUTTACK-10**
No.4387/PSP, Dated 28.07.2023
Estt-I-71/2022

**NOTICE**

**No.J-12:**The advertisement published by the Directorate of Printing, Stationery & Publication, Cuttack vide No. 19-J dated 22.10.2012 for filling up of Group-C Technical posts, is modified in respect of category-wise reservation of vacancies and nomenclature of the following posts, as per instruction contained in Commerce & Transport (Commerce) Department vide letter No. 2479/Com dated 26.05.2023 and Order dated 18.07.2023 of Hon'ble High Court of Orissa passed in W.P.C. (OAC) No. 1322 of 2016. The reservation of posts of other categories of posts as well as nomenclature of the posts and all other terms and conditions laid down in the advertisement shall remain unchanged. The recruitment to the posts will be made as per advertisement vide 19J dated 22.10.2012 and modified advertisement issued now.

| Category of Posts | Number of Vacancy/Category |
|---|---|
| Grade-III Binder | 29 (ST-08,SC-06 & UR-15) |
| Juinor Impostior | 02 (UR-02) |
| Offset Machine Assistant | 07 (ST-03, SC-02 & UR-02) |

This notice is also published in the official website of the Directorate for information of the applicants concerned.

OIPR-02002/11/0009/2324 **Sd./- DIRECTOR**



**PANCHAYAT SAMITI, CHHENDIPADA**
**INVITATION FOR BDIS (IFB)**
**IDENTIFICATION No. CHHB-01/2023-24**
**E-mail address: ori-chendipada@nic.in**

The **Block Development Officer, Chhendipada** on behalf of the Governor of Orissa invites Percentage rate bid in single cover system for the 3 Nos. of CC Road, 2 Nos. of CC Drain & 2 Nos. of School from the Class "B", "C" & "D" Contractors accordingly, registered with the State Government and contractors of equivalent grade/class registered with Central Government/MES/Railway, to be eventually drawn up in PWD P-I form, for execution of Building. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the buildings. The details of the eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the Office of the undersigned during office hours & downloaded from the district website i.e. **www.angul.nic.in**.

**Sd./- Block Development Officer Chhendipada**





# ସ୍ୱାଧୀନତା ଆନ୍ଦୋଳନରେ ବିଦେଶିନୀ

ଡ. ଅରୁନ୍ଧତୀ ଦେବୀ

ସ୍ୱାଧୀନ ତା ଓ ପରାଧୀନତାର ଲାଭ ଓ କ୍ଷତି ବିଷୟରେ ଆଜିର ଭାରତବର୍ଷର ଶିକ୍ଷିତ ନାଗରିକମାନଙ୍କୁ କିଛି ବୁଝାଇ କହିବାର ପ୍ରୟୋଜନ ନାହିଁ। ସମଗ୍ର ବିଶ୍ୱର ପ୍ରେକ୍ଷାପଟକୁ ତଥା ବିଭିନ୍ନ ଦେଶର ଶାସନ ବ୍ୟବସ୍ଥାକୁ ଅନୁଶୀଳନ କରି ଗଣତାନ୍ତ୍ରିକ ବ୍ୟବସ୍ଥା ଯେ ସର୍ବୋତ୍କୃଷ୍ଟ ପନ୍ଥା, ଏକଥା ମଧ୍ୟ ଜୋର ଦେଇ କହିବାର ଆବଶ୍ୟକତା ନାହିଁ। ଚଳିତ ବର୍ଷ ଭାରତ ସ୍ୱାଧୀନତା ଦିବସର ୭୭ବର୍ଷର ପୂର୍ତ୍ତି ଅନୁଷ୍ଠିତ ହେବାକୁ ଯାଉଛି। ଭାରତର ଭୂଇଁ ବିଦେଶୀ ବିଦେଶିନୀମାନଙ୍କୁ ସର୍ବଦା ଆକର୍ଷିତ କରିଆସିଛି। ସେଭଳି ଚିରନ୍ତନ ଆକର୍ଷଣ ଏଡ଼ାଇ ନ ପାରି ଅନେକେ ରହିଯାଇଛନ୍ତି ଭାରତରେ। ମିଶିଯାଇଛନ୍ତି ଭାରତୀୟ ସମାଜ-ସଂସ୍କୃତି ଭିତରେ। ଭାରତୀୟ ସ୍ୱାଧୀନତା ସଂଗ୍ରାମ ବେଳେ ଏକାଧିକ ବିଦେଶୀ ମହିଳା 'ଭାରତ' ନାମକ ମାୟାରେ ପଡ଼ି ସେଥିରେ ସାମିଲ ହୋଇଥିବାର ଜ୍ୱଳନ୍ତ ଦୃଷ୍ଟାନ୍ତମାନ ରହିଛି। ଆସ, ସେଭଳି କେତେଜଣ ବିପ୍ଳବିନୀଙ୍କୁ ଜାଣିବା।



ଆନି ବେସାନ୍ତ



ଭଉଣୀ ନିବେଦିତା

**ଭଉଣୀ ନିବେଦିତା :** ତାଙ୍କର ମୂଳ ନାମ ମାର୍ଗାରେଟ୍ ଏଲିଜାବେଥ୍ ନୋବେଲ ଏବଂ ଜାତୀୟତା ଆଇରିସ୍। ଆୟାର୍ଲାଣ୍ଡର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ନିବେଦିତା ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ଭାବେ ସର୍ବତ୍ର ଜଣାଶୁଣା। ସ୍ୱାମିଜୀ ହିଁ ତାଙ୍କୁ ଦେଇଥିଲେ 'ନିବେଦିତା' ନାମ। ରାମକୃଷ୍ଣ ମିଶନ ମଧ୍ୟରେ ରହି ସେ ଭାରତରେ ବ୍ରିଟିଶ୍ ବିରୋଧୀ କାର୍ଯ୍ୟକଳାପରେ ସାମିଲ କରିଥିଲେ ନିଜକୁ। ଫିରିଙ୍ଗି ପୋଲିସ କବଳରୁ ବର୍ତ୍ତିବା ପାଇଁ ଦେଶ ତ୍ୟାଗ କରିବା ନିମନ୍ତେ ସେ ଶ୍ରୀଅରବିନ୍ଦଙ୍କୁ ପ୍ରଭାବିତ କରିଥିଲେ। ପୁଣି ତାଙ୍କ ଦ୍ୱାରା ପ୍ରକାଶିତ 'କର୍ମଯୋଗିନୀ' ପତ୍ରିକାର ସମ୍ପାଦନା ଦାୟିତ୍ୱ ନେଇଥିଲେ।

**ଆଗ୍ନେସ୍ ସ୍ମେଡ୍‌ଲେ :** କୁହାଯାଏ ଆଗ୍ନେସ୍ ହେଉଛନ୍ତି ପ୍ରଥମ ବିଦେଶିନୀ ଯିଏ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ପରୋକ୍ଷ ଭାବେ ଜଡ଼ିତ ହୋଇ କାରାଦଣ୍ଡ ଭୋଗିଥିଲେ ଆମେରିକାରେ। ଏହି ନାମଟି ସହ ଭାରତୀୟମାନେ ବିଶେଷ ଭାବେ ପରିଚିତ ନ ଥିଲେ ହେଁ ଏକଦା ସେ ଭାରତୀୟ ବିପ୍ଳବୀ ଲାଲା ଲଜପତ୍ ରାଏ, ଶୈଳେନ୍ଦ୍ରନାଥ ଘୋଷ, ଭାଇ ଭଗବାନ ସିଂ, ତାରକନାଥ ଦାସ, ବୀରେନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟ ପ୍ରମୁଖଙ୍କ ସହ ସମ୍ପର୍କିତ ଥିଲେ, ସେମାନଙ୍କ ସହ ଆଲୋଚନାରେ ଭାଗନେବାଠାରୁ ଆରମ୍ଭକରି ନିଜର ଜନ୍ମଭୂମି ଆମେରିକାରେ ବ୍ରିଟିଶ୍ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ବୀରେନ୍ଦ୍ରନାଥଙ୍କ ସହ ଜର୍ମାନୀ, ରୁଷିଆ ଆଦି ଘୂରି ବୁଲି ସେ ଭାରତର ସ୍ୱାଧୀନତା ସପକ୍ଷରେ ସେଠାକାର ଶାସକମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ କରିଥିଲେ।

**ଆନି ବେସାନ୍ତ :** ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତି ଥିବା ଆଉ ଜଣେ ବିଦେଶିନୀ ହେଲେ ଆନି ଉଡ୍ ଓରଫ ଆନି ବେସାନ୍ତ। ଲଣ୍ଡନ ଜନ୍ମିତ ଆନି ୪୭ ବର୍ଷ ବୟସରେ ଭାରତରେ ପଦାର୍ପଣ କରିଥିଲେ। ପ୍ରାରମ୍ଭିକ ସ୍ତରରେ ଭାରତରେ ସାମାଜିକ ସଂସ୍କାର ଏବଂ ଶିକ୍ଷାର ପ୍ରସାର ଆଦି କ୍ଷେତ୍ରରେ ସେ କାର୍ଯ୍ୟ କରିଥିଲେ। ପରେ ଭାରତୀୟଙ୍କ ପାଇଁ ସ୍ୱାଧୀନତା ଦାବିକରି ଏକ ରାଜନୈତିକ ଆନ୍ଦୋଳନ ଆରମ୍ଭ କରିଥିଲେ। ତାହା ଥିଲା 'ହୋମ୍-ରୁଲ୍ ମୁଭମେଣ୍ଟ'। 'ନ୍ୟୁ ଇଣ୍ଡିଆ' ପତ୍ରିକାରେ ସେ ନିୟମିତ ଭାବେ ବ୍ରିଟିଶ୍ ସରକାର ବିରୋଧରେ ଲେଖୁଥିଲେ। ତାଙ୍କୁ ଗିରଫକରି କିଛି ଦିନ କାରାଗାରରେ ଅଟକ ମଧ ରଖାଯାଇଥିଲା। ୧୯୧୭ କଲିକତା ଜାତୀୟ କଂଗ୍ରେସରେ ତାଙ୍କୁ ଅଧ୍ୟକ୍ଷା ଭାବେ ମନୋନୀତ କରାଯାଇଥିଲା।



**ମୀରାବେନ୍ :** ମୀରାବେନ୍‌ଙ୍କ ମୂଳ ନାଁ ମ୍ୟାଡେଲିନ୍ ସ୍ଲାଡ୍। ମ୍ୟାଡେଲିନ୍ ଜନ୍ମ ହୋଇଥିଲେ ଲଣ୍ଡନରେ ଜଣେ ବ୍ରିଟିଶ୍ ନୌ-ସେନାଧ୍ୟକ୍ଷ ସାର୍ ଏଡ୍‌ମଣ୍ଡ ସ୍ଲାଡ୍‌ଙ୍କ କନ୍ୟା ଭାବେ। ଉଚ୍ଚ ପଦସ୍ଥ ଇଂଲିଶ୍ କର୍ମଚାରୀଙ୍କର ଏହି ଗେହ୍ଲା ଝିଅ ଶୈଶବରେ ମହାତ୍ମାଙ୍କ ଏକ ଲେଖା ପଢ଼ି ତାଙ୍କ ଆଦର୍ଶରେ ପରିଚାଳିତ ହୋଇଥିଲେ। ପରେ ସେ ଭାରତକୁ ନିଜର କର୍ମକ୍ଷେତ୍ର ଭାବେ ଗ୍ରହଣ କରି ମହାତ୍ମାଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ମ୍ୟାଡେଲିନ୍ ଏକାଧିକ ଥର ଜେଲ ଯାଇଥିଲେ। ମହାତ୍ମା ତାଙ୍କୁ 'ମୀରା' ନାମ ଦେଇଥିଲେ। ସାବରମତୀ ଆଶ୍ରମରେ ତାଙ୍କର ସମୟ କଟୁଥିଲା। ଭାରତ ଆସିବା ପରେ ଶାଢ଼ିକୁ ସେ ନିଜର ପରିଧେୟ ଭାବେ ଗ୍ରହଣ କରିଥିଲେ। ମହାତ୍ମାଙ୍କ ମୃତ୍ୟୁ ପରେ ସେ କିଛି ବର୍ଷ ଋଷିକେଶରେ ରହିବା ପରେ ଅଷ୍ଟ୍ରିଆ ଚାଲିଯାଇଥିଲେ।

**–ନିର୍ଦ୍ଦେଶିକା–ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ ମୋ – ୯୯୩୭୧୭୨୮୧୦**

# ମୁକ୍ତିର ମାଧୁର୍ଯ୍ୟ

ପ୍ର. ଡା. ଉମେଶ ଚନ୍ଦ୍ର ପାତ୍ର

ଆଜିର ଦିନଟି ଦୁଇଟି ଦୃଷ୍ଟିରୁ ଆମ ପାଇଁ ଅତ୍ୟନ୍ତ ଆନନ୍ଦର ଦିନ। ପ୍ରଥମତଃ ଆଜି ସାରା ଦେଶରେ ପାଳିତ ହେଉଛି ୭୭ତମ ସ୍ୱାଧୀନତା ଦିବସ। ପ୍ରଥମେ ସ୍ୱାଧୀନତା ଦିବସ ସମ୍ବନ୍ଧରେ। ସାରା ବିଶ୍ୱରେ ଆମ ଦେଶ ଭାରତର ମୁଖ୍ୟତଃ ଦୁଇଗୋଟି ସ୍ୱତନ୍ତ୍ର ପରିଚିତି ରହିଛି। ତାହା ହେଉଛି ଶକ୍ତିଶାଳୀ ବ୍ରିଟିଶ ସରକାର ବିରୋଧରେ ଅହିଂସାର ମାର୍ଗ ଅନୁସରଣ କରି ସ୍ୱାଧୀନତା ହାସଲ କରିବା ଏବଂ ବିବିଧତା ଭିତରେ ଏକତା। ଜାତିର ପିତା ମହାତ୍ମା ଗାନ୍ଧୀ ତଥା ଦେଶର କିଛି ଜନନାୟକଙ୍କ ନେତୃତ୍ୱରେ ଅହିଂସା ମାର୍ଗରେ ପରିଚାଳିତ ହୋଇ ଦେଶର ଜନସାଧାରଣ ଆଜିକୁ ୭୬ବର୍ଷ ତଳେ ହାସଲ କରିଥିଲେ ସ୍ୱାଧୀନତା। ଆଉ ସ୍ୱାଧୀନ ହେବା ପରେ ଖୁବ୍ ଆନନ୍ଦରେ ଗାଇ ଉଠିଥିଲେ – ଆମରି ନାଆର ଆମେ ନାଉରି, ଆମେ ଚଳାଉଛୁ ଦେଶ ଆମରି। ଦେଶ ଚଳାଇଲେ ଆମରି ଭାରତୀୟ ନେତାମାନେ। ବିଗତ ୭୬ ବର୍ଷ ଭିତରେ ଦେଶରେ ଘଟିଯାଇଛି ଅନେକ ଘଟଣା ଦୁର୍ଘଟଣା, ଉଲ୍ଲେଖନୀୟ ଭାବରେ ବଦଳି ଯାଇଛି ସବୁ କ୍ଷେତ୍ରର ପରିସଂଖ୍ୟାନ ତାହା ପୁଣି ଦ୍ରୁତ ବେଗରେ। ଆଜିର ଏଇ ସ୍ୱାଧୀନତା ଦିବସ ଅବସରରେ ସେ ସବୁ ଉପରେ ପୁଣିଥରେ ଆଖି ପହଁରାଇ ଆଣିବାର ପ୍ରାସଙ୍ଗିକତା ରହିଛି ବୋଲି ଆମେ ମନେକରୁ। ପ୍ରଥମେ ଦେଶ ବିଭକ୍ତ ହୋଇଯାଇଛି ଦୁଇ ଭାଗରେ – ଭାରତ ଓ ପାକିସ୍ତାନ ନାମକ ଦୁଇଟି ରାଷ୍ଟ୍ରରେ। ତା'ପରେ ଗଣତାନ୍ତ୍ରିକ ପଦ୍ଧତିକୁ ଆପଣାଇଥିବା ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ଗଢ଼ିବାକୁ ଆରମ୍ଭ କରିଥିବା ପ୍ରଗତିର ରଥ ଏବେ ପ୍ରଗତି ପଥରେ ମାଡ଼ି ଚାଲିଛି। ବିକାଶ ନାଁରେ ଶିଳ୍ପ ପ୍ରତିଷ୍ଠାଠାରୁ ଆରମ୍ଭ କରି ବିଜ୍ଞାନ ଓ କାରିଗରି ବିଦ୍ୟାର ପ୍ରସାର, ନଦୀବନ୍ଧ ଯୋଜନା ଇତ୍ୟାଦିର କାର୍ଯ୍ୟାରମ୍ଭ ହୋଇଛି। ଫଳସ୍ୱରୂପ ଆଜି ଆମ ଦେଶ ବିଶ୍ୱର ଅନ୍ୟତମ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ବିବେଚିତ ହେବା ସହିତ ବିଜ୍ଞାନ ଓ କାରିଗରି କ୍ଷେତ୍ରରେ ଅର୍ଜନ କରିପାରିଛି ଯଥେଷ୍ଟ ସୁନାମ। ଅର୍ଥନୀତି ଦୃଷ୍ଟିରୁ ଯଦିଓ ଦେଶ ଏବେ ବି କେତେକାଂଶରେ ବିଶ୍ୱର ବିକଶିତ ରାଷ୍ଟ୍ରମାନଙ୍କଠାରୁ ପଛରେ ରହିଛି, ତଥାପି ଏକ ଦ୍ରୁତ ବିକାଶଶୀଳ ଅର୍ଥନୀତି ଭାବରେ ଏହା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇପାରିଛି।

ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱାଧୀନତା ପ୍ରସଙ୍ଗରେ ଅତ୍ୟନ୍ତ ଲଳିତ ମଧୁର କଣ୍ଠରେ କହିଲେ – ସ୍ୱାଧୀନତାର ମର୍ମ କେତେ ଲୋକ ବୁଝନ୍ତି ? ତାହା ଯିଏ ବୁଝେ ଓ କରେ ସେ ସପରିବେଶ ଜୀବନର ମାଧୁର୍ଯ୍ୟ ଉପଲବ୍ଧି କରିପାରେ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ – ମାଆ-ବାପା, ଭାଇ-ଭଉଣୀ, ସ୍ତ୍ରୀ-ପୁତ୍ର, ଆତ୍ମୀୟ-ସ୍ୱଜନ, କୁଟୁମ୍ବ-ବନ୍ଧୁବାନ୍ଧବ, ପାରିପାର୍ଶ୍ୱିକ-ପରିସ୍ଥିତି, ଦେଶ-ବିଦେଶ ଇତ୍ୟାଦି ଭିତରେ ଯେତେବେଳେ ବାସ୍ତବ ଭାବରେ ଦେବା-ନେବା ଭିତର ଦେଇ ସକ୍ରିୟ ସହାନୁଭୂତି ଓ ସହଯୋଗିତାରେ ପାରସ୍ପରିକ ସଙ୍ଗଠନ ସୃଷ୍ଟି ହୁଏ, ମନୁଷ୍ୟ ଆଦର୍ଶ ପରିପୂରଣୀ, କର୍ମଠ ଓ ଅର୍ଜୀ ହୋଇଉଠେ, ପ୍ରତ୍ୟେକଙ୍କର ପୂରଣ, ପୋଷଣ, ରକ୍ଷଣ ଓ ଅଶିଷ୍ଟ ଦମନରେ – ସ୍ୱାଧୀନତା ସେତେବେଳେ ହିଁ ସତ୍ୟକାର ରୂପ ନିଏ – ଆଉ ତାହା ଉଚ୍ଛଳ ଉନ୍ନତିରେ ଆଗେଇ ଚାଲେ – ଏହାର ତାତ୍ପର୍ଯ୍ୟ ହିଁ ଏହିଠାରେ, ଆଉ ଭାରତରେ ଚନ୍ଦ୍ରଗୁପ୍ତ, ଧର୍ମାଶୋକ, ସମୁଦ୍ରଗୁପ୍ତ ଓ ବିକ୍ରମାଦିତ୍ୟ ଥିଲେ ଏହି ସ୍ୱାଧୀନତାର ବାସ୍ତବ ପରିଣୟନୀ ସିଦ୍ଧପୁରୁଷ। ସେ ପୁନର୍ବାର ପ୍ରକାଶ କଲେ- ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଆଦର୍ଶଙ୍କୁ କେନ୍ଦ୍ର କରି ଦେଶର ଜନସାଧାରଣ ଯେତେବେଳେ ପରସ୍ପରର ସା-ସ୍ୱାର୍ଥେ ସ୍ୱାର୍ଥନ୍ୱିତ ହୋଇ ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ ପରସ୍ପରକୁ ପରିପୂରଣ, ସେବା ଓ ସଂରକ୍ଷଣ କରିଚାଲନ୍ତି, ସେତେବେଳେ ହିଁ ଦେଶରେ ଆସେ ପ୍ରକୃତ ସ୍ୱାଧୀନତା। ନୋବେଲ ବିଜେତା ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଗାଇ ଉଠିଲେ – କେବେ ପ୍ରାଣ ଖୋଲି କହି ମୁଁ ପାରିବି, ପାଇଛି ମୋର ଶେଷ। ତୁମ୍ଭେ ସଭିଏଁ ଆସ ମୋ ପଛେ, ଗୁରୁ ତୁମ ସଭିଙ୍କୁ ଡାକିଛେ, ମୋର ଜୀବନେ ଲଭଇ ଜୀବନ, ଜାଗରେ ସକଳ ଦେଶ।

**–ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ : ୯୪୩୭୦୫୧୯୫୭**

## ହାତୀ ଆକ୍ରମଣରେ ବନ ବିଭାଗ ପାରା ସ୍କ୍ୱାଡ୍ କର୍ମଚାରୀ ଗୁରୁତର

ଦେବଗଡ଼, ୧୪।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ବନଖଣ୍ଡ ଓ ବନାଞ୍ଚଳ ସୁଗୁଡ଼ା ସେକ୍ସନ ଅନ୍ତର୍ଗତ କୁଟୁରାପସି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ପାରା ସ୍କ୍ୱାଡ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ହୋଇଥିବା ଯୁବକ ରିଆମାଳ ବ୍ଲକ ଚାଙ୍ଗୁଡିଆ ଗ୍ରାମର ଚନ୍ଦନ ବେହେରା ବୋଲି ଜଣାପଡିଛି ।ସୋମବାର ସନ୍ଧ୍ୟାରେ କୁଟୁରାପସି ଗ୍ରାମରେ ହାତୀ ଉପଦ୍ରବ ହେଉଥିବା ସୂଚନା ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡାଇବାକୁ ଚେଷ୍ଟା କରୁଥିଲେ। ଚନ୍ଦନ ସମସ୍ତଙ୍କ ଆଗରେ ରହି ହାତରେ ନିଆଁ ହୁଳା ଧରି ହାତୀ ଘଉଡାଉଥିଲେ। ମାତ୍ର ନିଆଁ ହୁଳା ହଠାତ ଲିଭି ଯିବାରୁ ଏକ ମାଈ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀଟି ଚନ୍ଦନଙ୍କୁ ତାର ଶୁଣ୍ଢରେ ଧରି ତଳେ କଚାଡି ଦେଇଥିଲା। ଫଳରେ ଚନ୍ଦନଙ୍କ ଅଣ୍ଟାରେ ଗୁରୁତର ଆଘାତ ଲାଗିଛି। ସାଙ୍ଗରେ ଥିବା ବନବିଭାଗ କର୍ମଚାରୀ ଚନ୍ଦନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଚନ୍ଦନଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ବେଳେ ଚିକିତ୍ସା ଜାରି ରହିଛି ।

## ମେରୀ ମିଟି ମେରା ଦେଶ କାର୍ଯ୍ୟକ୍ରମ

ଦେବଗଡ଼,୧୪।୮(ଶଶାଙ୍କ ଶେଖର ଝାଙ୍କର)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ଼ ପକ୍ଷରୁ ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଂସରଠାରେ 'ମେରୀ ମିଟି ମେରା ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦେଶ ସ୍ୱାଧୀନତା ସଂଗ୍ରାମରେ ବଳିଦାନ କରିଥିବା ବୀରଙ୍କୁ ଶ୍ରଦ୍ଧା ସୁମନ ଜଣାଇବା ସହ ଅମୃତ ମହୋତ୍ସବ ଉପଲକ୍ଷେ ଅମୃତ ବଟିକା ନିମନ୍ତେ ଦେଶର ବିଭିନ୍ନ ପ୍ରାନ୍ତରୁ କିପରି ମାଟି ଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କଂସର ଅଞ୍ଚଳର ପଞ୍ଚସଖା ଯଥା ମାଝିପାଲି ଗ୍ରାମର ସ୍ୱର୍ଗତ ହରିଶ୍ଚନ୍ଦ୍ର ପାତ୍ର, ହେଟଖମାର ଗ୍ରାମର ଜଳନ୍ଧର ଭୋଇ, ଚନ୍ଦ୍ରପୁର ଗ୍ରାମର ଦେବଦତ୍ତ ଗରତିଆ, ମେଂଜରିବାହଳ ଗ୍ରାମର ଦିବ୍ୟ ସିଂ ନାୟକ ଓ କୁମୁରାପାଲି ଗ୍ରାମର ଡମ୍ବରୁ ଧର କୁମୁରା ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ସେମାନଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କ ଦାୟାଦ ସ୍ୱାଧୀନ କୁମାର ପାତ୍ର ଓ ନୃପଲାଲ କୁମୁରାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନିତା ମହାପାତ୍ର ଓ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁକୁମାର ଗୁପ୍ତା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଉଭୟ ଅନୁଷ୍ଠାନର ୩୦୦ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ ରୂପାୟନ ନିମନ୍ତେ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ବଳରାମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

## ମିଶନ ଶକ୍ତି କାଫେ ଉଦ୍‌ଘାଟିତ

**ଦେବଗଡ଼,୧୪।୮(ଶଶାଙ୍କ ଶେଖର ଝାଙ୍କର):** ରିଆମାଳ ବ୍ଲକ ସଦର ମହକୁମାଠାରେ ଏକ ମିଶନ ଶକ୍ତି କାଫେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ସୋମେସ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାଫେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରିକ୍ଷିତ ସାହୁ, ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ, ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବିଡିଓ ଦିବ୍ୟଶଙ୍କର ଜୟପୁରିଆଙ୍କ ସମେତ ବହୁ ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


**ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ।"

R-5163



**GOVERNMENT OF ODISHA** No.A-424:
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**SUBARNAREKHA & BUDHABALANGA BASIN**
**AT/PO-LAXMIPOSI, DIST-MAYURBHANJ**
**Mail Id: cebmsbb2019@gmail.com**
**Government of Odisha "e" Procurement Notice**
**Bid Identification No.17/23-24 of CEBM, SBB, Laxmiposi**

| | | |
|---|---|---|
| 1 | Name of Work | Raising & Strengthening of Parikhi T.R.E. Saline Embankment |
| 2 | Estimated Cost | Rs.1470.37 Lakh |
| 3 | Bid Security/ E.M.D. | Rs.14,70,400/- |
| 4 | Period of Completion | 18 (Eighteen) Calendar Months |
| 5 | Class of Contractor | "A" Class and "Special" Class |
| 6 | Date & Time of availability of bid document in the Portal | 28.08.2023 at 10.00 AM |
| 7 | Last date/time for receipt of bid in the Portal | 18.09.2023 upto 5.00 PM |
| 8 | Date of Opening of bid | 19.09.23 at 11.00 A.M. |
| 9 | Name & Address of the O.I.T. | Chief Engineer & Basin Manager, O/o the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in".

**Sd./- Chief Engineer & Basin Manager**
**OIPR-32074/11/0030/2324**



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल,देवघर**

ई–प्रोक्योरमेंट सूचना (1st Call)

e- Tender Reference No. - RCD/DEOGHAR/1700/2023-24
(1st Call) दिनांक – 14.08.2023

| | | |
|---|---|---|
| 1. | कार्य का नाम | पथ प्रमण्डल देवघर अन्तर्गत "देवघर–सातर पथ (कुल लंबाई–4.80 कि0मी0) का राईडिंग क्वालिटी में सुधार (Improvement of Riding Quality ) कार्य। |
| 2.. | प्राक्कलित राशि (रुपये में) | रुपये 2,96,96,028/– (दो करोड़ छियानबे लाख छियानबे हजार अठाईस रुपये मात्र)। |
| 3. | कार्य समाप्ति की अवधि | 02 (दो) माह। |
| 4. | निविदा प्राप्ति की अंतिम तिथि एवं समय | 11.09.2023 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 21.08.2023 (10:30 बजे पूर्वाह्न) |
| 6 | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | **06432-299919** |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

नोट –निविदा की राशि घट–बढ़ सकती है।
अतिरिक्त जानकारी के लिए वेबसाईट http://jharkhand tenders.gov.in पर देखें।

कार्यपालक अभियंता,
PR 304637 Road(23-24).D पथ निर्माण विभाग, पथ प्रमण्डल, देवघर


## ଭାଜପା ପକ୍ଷରୁ ବିଭାଜନ ବିଭୀଷିକା ସ୍ମୃତି ଦିବସ

ଦେବଗଡ଼, ୧୪।୮ (ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ଗୋପଲଜୀ ମନ୍ଦିର ପରିସରରେ ଥିବା ସେଣ୍ଟର ଫର କଲଚର କଲ୍ୟାଣ ମଣ୍ଡପଠାରେ ଜିଲା ଭାଜପା ପକ୍ଷରୁ ସୋମବାର ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ ହୋଇଯାଇଛି। ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନୀତ ଅତିଥି ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ ,ପ୍ରଫୁଲ୍ଲ କୁମାର ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ ଓ ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଭାରତ ବିଭାଜନ ସମୟର ବିଭୀଷିକା ଉପରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଦଳର ହର ମୋହନ ପାଣି, କାଉନସିଲର କାର୍ତ୍ତିକ ମହାକୁଳ, ସନ୍ତୋଷ କୁମାର ଭୂତିଆ, ଅମିୟ ପ୍ରସାଦ ମିଶ୍ର, ମୋତିଲାଲ ଶର୍ମା, ସରୋଜ କୁମାର ପାଢ଼ୀ, ସୁଧୀର କୁମାର ବ୍ରହ୍ମା, ରମଣୀ ରଞ୍ଜନ ଆଚାର୍ଯ୍ୟ, ଜଗନ୍ନାଥ ବେହେରା, ସୁରଜ ଘଡ଼େଇ, ସୁଧୀର କୁମାର ପାତ୍ର, ପ୍ରତାପ କୁମାର ପଣ୍ଡା, ଦୀପକ କୁମାର ଦ୍ୱିବେଦୀ,ବହୁ ସଦସ୍ୟଙ୍କ ସମେତ ଜନସାଧାରଣ ସାମିଲ ହୋଇଥିଲେ। ଏହି ଅବସରରେ କେତେକ ବକ୍ତା କବିତା ମାଧ୍ୟମରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଭାରତୀୟ ଜନତା ପାର୍ଟିର ବହୁ ନେତା ଓ କର୍ମୀ ସେଣ୍ଟର ଫର କଲଚର୍ କଲ୍ୟାଣ ମଣ୍ଡପରୁ ବିଭିନ୍ନ ସ୍ଲୋଗାନ ସହ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ।


**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୩-୨୪-୩୦, ତାରିଖ: ୧୪।୦୮।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ନିମପୁରା - ଟାଟାନଗର ଜଂ. (ଅପ୍) - ପିକ୍ୟୁଆର୍‌ଏସ୍ ପଦ୍ଧତି ଦ୍ୱାରା କିମି ୨୩୪.୦୨୦ରୁ ୨୫୧.୦୩୫ (ଅପ୍)ଠାରେ ଥ୍ରୁ ସ୍ଲିପର୍ ନବୀକରଣ (ପି) ୧୭.୦୧୫ ଟିକେଏମ୍ । **ଟେଣ୍ଡର ମୂଲ୍ୟ:** ₹୨,୩୫,୧୩,୬୭୬.୮୦ । **ଇଏମ୍‌ଡି:** ₹୨,୬୭,୬୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ୦.୦୦। **ଖୋଲାଯିବା ତାରିଖ:** ୦୭।୦୯।୨୦୨୩ । ଟେଣ୍ଡର **http://www.ireps.gov.in** ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (ପ୍ରାଧିକରଣ- ରେଳପଥ ପରିଷଦର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) **(PR-511)**



**DIRECTORATE OF PRINTING, STATIONERY & PUBLICATION, ODISHA, MADHUPATNA, CUTTACK-10**
No.4387/PSP, Dated 28.07.2023
Estt-I-71/2022

**NOTICE**

**No.J-12:** The advertisement published by the Directorate of Printing, Stationery & Publication, Cuttack vide No. 19-J dated 22.10.2012 for filling up of Group-C Technical posts, is modified in respect of category-wise reservation of vacancies and nomenclature of the following posts, as per instruction contained in Commerce & Transport (Commerce) Department vide letter No. 2479/Com dated 26.05.2023 and Order dated 18.07.2023 of Hon'ble High Court of Orissa passed in W.P.C. (OAC) No. 1322 of 2016. The reservation of posts of other categories of posts as well as nomenclature of the posts and all other terms and conditions laid down in the advertisement shall remain unchanged. The recruitment to the posts will be made as per advertisement vide 19J dated 22.10.2012 and modified advertisement issued now.

| Category of Posts | Number of Vacancy/Category |
|---|---|
| Grade-III Binder | 29 (ST-08,SC-06 & UR-15) |
| Juinor Impostior | 02 (UR-02) |
| Offset Machine Assistant | 07 (ST-03, SC-02 & UR-02) |

This notice is also published in the official website of the Directorate for information of the applicants concerned.

OIPR-02002/11/0009/2324 **Sd./- DIRECTOR**



**PANCHAYAT SAMITI, CHHENDIPADA**
**INVITATION FOR BDIS (IFB)**
**IDENTIFICATION No. CHHB-01/2023-24**
**E-mail address: ori-chendipada@nic.in**

The **Block Development Officer, Chhendipada** on behalf of the Governor of Orissa invites Percentage rate bid in single cover system for the 3 Nos. of CC Road, 2 Nos. of CC Drain & 2 Nos. of School from the Class "B", "C" & "D" Contractors accordingly, registered with the State Government and contractors of equivalent grade/class registered with Central Government/MES/ Railway, to be eventually drawn up in PWD P-I form, for execution of Building. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the buildings. The details of the eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the Office of the undersigned during office hours & downloaded from the district website i.e. **www.angul.nic.in**.

**Sd./- Block Development Officer**
**Chhendipada**

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୫ ଅଗଷ୍ଟ, ୨୦୨୩



**ଶିକ୍ଷକ, ଅଭିଭାବକ ବୈଠକ**

ବୋଡେନ,(ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡେନ ବ୍ଲକ ବିନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶିକ୍ଷକ ଓ ଅଭିଭାବକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟର ଗୁଣାତ୍ମମାନ ଶିକ୍ଷା, ଛାତ୍ରୀଛାତ୍ରଙ୍କ ଉପସ୍ଥାନ, ୩ଟି ଶିକ୍ଷକ ନିଯୁକ୍ତି କରିବା ଏବଂ ସ୍ୱାଧୀନତା ଦିବସର ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ କମିଟି ସଭାପତି ଲିଙ୍ଗରାଜ ନାଗ, ଉପସଭାପତି ଇନ୍ଦୁମତି ଜଗତ, ପ୍ରଧାନ ଶିକ୍ଷକ ବିରଞ୍ଚି ନାଏକ, ସହକାରୀ ଶିକ୍ଷକ ଲୋକନାଥ ନିଆଲ, ମନୋଜ ଦଣ୍ଡସେନା, ନୃସିହ ମାଝି, ମନରଞ୍ଜନ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ

ଖଡ଼ିଆଳ,୧୪।୮ (ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡିଆଳସ୍ଥିତ ଲୋକଦୃଷ୍ଟି କଲେଜରେ ଜାତୀୟ ସେବା ଯୋଜନା ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ମେର ମିଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୋଜନା ଅଧିକାରୀ ଅଧ୍ୟାପକ ଡା ଶୋଭିତ ମିଶ୍ର ପ୍ରାରମ୍ଭିକ ସୂଚନା ପରେ ଅଧକ୍ଷ ତାପସ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ତଥା କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ସିଣ୍ଡିକେଟ ସଭ୍ୟ ମେଜର ଡା ରାମଚନ୍ଦ୍ର ମିଶ୍ର ପଞ୍ଚ ପ୍ରାଣ ଶପଥ କରାଇ ଏହାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବୃକ୍ଷ ରୋପଣ ଓ ରକ୍ଷଣା ବେକ୍ଷଣ ପରେ ଭାରତୀୟ ସୈନିକ ଓ ଶହୀଦଙ୍କ ବଳିଦାନ ବିଷୟରେ ଆଲୋଚନା କରାଯାଇଥିଲା।

### ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ରକ୍ତଦାନ ଶିବିର

ଖଡ଼ିଆଳ,୧୪।୮ (ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଖୁଦପେଜ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ହାଇସ୍କୁଲରେ ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଖୁଦପେଜ ଗ୍ରାମପଞ୍ଚାୟତ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ୱେଚ୍ଛାସେବୀମାନେ ଯୋଗଦେଇ ଇଚ୍ଛାକୃତ ରକ୍ତଦାନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଦେଶ ଆଜାଦ କି ଅମୃତ କାଳ ପାଳନ କରିଥିବା ବେଳେ ଗରିବଙ୍କ ଚିକିତ୍ସା ନିମନ୍ତେ ରକ୍ତ ଆବଶ୍ୟକ ହୋଇଥାଏ। ତେଣୁ ମନୁଷ୍ୟ ସମାଜ ରକ୍ତ ଅଭାବରୁ ଅସୁବିଧା ସମ୍ମୁଖୀନ ନ ହେବା ପାଇଁ ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ଅଟେ। ସ୍ୱେଚ୍ଛାସେବୀମାନେ ଇଚ୍ଛାକୃତ ରକ୍ତ ଦାନ କରିଥିବା ବେଳେ ୨୭ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ରକ୍ତଦାନ ଶିବିରରେ ଯୁବକ, ଯୁବତୀ ଏବଂ ଦିବ୍ୟାଙ୍ଗମାନେ ମଧ ରକ୍ତଦାନ କରିଛନ୍ତି। ସରପଞ୍ଚ ଯୋଷଦା ଶତପଥୀ, ଆୟୁଷ ଡାକ୍ତର ଅନ୍ନଦା ଶଙ୍କର ଦାସ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ପଞ୍ଚାୟତ କର୍ମଚାରୀ ଯୋଗ ଦେଇଥିଲେ।

### ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ତୁଣ୍ଡଲା,୧୪।୮ (ଫିରୋଜ ଦାଶ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲିରେ ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପଞ୍ଚାୟତର ୧୩୨ଜଣ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ୮୫ ଜଣ, ଭତ୍ତା ପାଇଁ ୧୪, ଅନ୍ୟାନ୍ୟ ସମସ୍ୟା ପାଇଁ ୧୦ଜଣ, ରାଶନ କାର୍ଡ ପାଇଁ ୨୩ଜଣ ଅଭିଯୋଗ କରିଥିଲେ। ଶିବିରରେ ବିଡ଼ିଓ ପ୍ରଫୁଲ୍ଲ କୁମାର ଅଦୁ, ତହସିଲଦାର ଯୁଗେଶ୍ୱର ସାହୁ, କେସିଙ୍ଗା ସହକାରୀ ଖାଦ୍ୟ ଯୋଗାଣ ଅଧକାରୀ ସୁଶାନ୍ତ କୁମାର ସ୍ୱାଇଁ, ସରପଞ୍ଚ ପ୍ରମୋଦ କୁମାର ଦାଶ, ସମିତି ସଭ୍ୟା ସୀତୟା ସାହୁ, ଜିଆରଏସ ରାମଚନ୍ଦ୍ର ଚୌଧୁରୀ, ପିଇଓ ପ୍ରହଲ୍ଲାଦ ସୁନା, ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ପ୍ରାଣୀଧନ ବିଭାଗ ଅଧିକାରୀ, ତଥା ସମସ୍ତ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସୁଧୁରିବ ଆଟିଗାଁ, ତଳମଲା ପଞ୍ଚାୟତ ଚାଷୀଙ୍କ ସମସ୍ୟା

ଭବାନୀପାଟଣା,୧୪।୮
(ଉତ୍ତମ କୁମାର ଦାଶ)


ଆଟିଗାଁ ମଣ୍ଡିଠାରେ ଅନୁଷ୍ଠିତ ଚାଷୀ ସମନ୍ୱିୟ ବୈଠକ।

- ଲିଫ୍ଟ କେନାଲ, ଭୁତଳ ପାଇପ ଯୋଗେ ହେବ ଜଳଯୋଗାଣ
- ସମନ୍ୱୟ ବୈଠକରେ ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ ଚାଷୀ

ସୁଧୁରିବ ଆଟିଗାଁ ଓ ତଳମଲା ପଞ୍ଚାୟତ ଚାଷୀଙ୍କ ସମସ୍ୟା। ଏହି ପଞ୍ଚାୟତର ଚାଷୀଙ୍କୁ ଏବେ ଲିଫ୍ଟ କେନାଲ (ଉଠା ଜଳସେଚନ) ଓ ଭୂତଳ ପାଇପ ଯୋଗେ ଜଳ ଯୋଗାଇବା ପାଇଁ ସର୍ଭେ ଆରମ୍ଭ ହୋଇଛି। ଏପରିସ୍ଥଳେ ସୋମବାର ଜୁନାଗଡ ବ୍ଲକ ଅନ୍ତର୍ଗତ ଆଟିଗାଁ ମଣ୍ଡିଠାରେ ଏକ ଚାଷୀ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉପରୋକ୍ତ ୨ଟି ପଞ୍ଚାୟତର ଶତାଧିକ ମହିଳା, ପୁରୁଷ ଚାଷୀ ଯୋଗଦେଇଥିଲେ। ଚାଷୀ ନେତା ପଦ୍ମଲୋଚନ ପ୍ରଧାନୀଙ୍କ ସଭାପତିତ୍ୱରେ ଜୁନାଗଡ ବିଧାୟକ ମିଶ୍ରଙ୍କ ସମେତ, ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ଇନ୍ଦ୍ରାବତୀ କୁସୁମଖୁଣ୍ଟି ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ତ୍ରୁପ କୁମାର ପାତ୍ର, ମେଗା ଲିଫ୍ଟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏସ.ଏନ ପଟ୍ଟନାୟକ, ଜୁନାଗଡ ବିଡିଓ ଦେବାଶିଷ କର, ତହସିଲଦାର ଶୁଭଦିପ୍ତା ମହାନ୍ତି, ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ଆଟିଗାଁ ସରପଞ୍ଚ ସ୍ମିତା ପଧାନ, ପୂର୍ବତନ ନଗରପାଳ ମହେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଇନ୍ଦ୍ରାବତୀ ବାମ କେନାଲ ଛୋରିଆଗଡ ଡ୍ରିଷ୍ଟିବୁଟାରୀର କେଲିଆ ଜଙ୍ଗଲଠାରୁ ତଳମଲା ପଞ୍ଚାୟତ ସାହାଜକନା ପର୍ଯ୍ୟନ୍ତ ୮ କି.ମି. ଶାଖା କେନାଲ ଦୀର୍ଘ ୨୦ ବର୍ଷ ହେବ ଶୋଚନୀୟ ହୋଇ ପଡିଥିବା ଯୋଗୁ ତଳ ଅଞ୍ଚଳକୁ କେନାଲ ପାଣି ଯାଉନାହିଁ। ଫଳରେ ଆଟିଗାଁ ଓ ତଳମଲା ପଞ୍ଚାୟତ ଶତାଧିକ ଚାଷୀ ଜଳସେଚନରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ କିଛି ଦିନ ତଳେ ଅଞ୍ଚଳର ଏକ ପ୍ରତିନିଧି ଦଳ ଜୁନାଗଡ ବିଧାୟକଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିଲେ। ଅଞ୍ଚଳର ଚାଷୀଙ୍କୁ କିଭଳି ଜଳ ଯୋଗାଣ କରାଯିବ ସେ ନେଇ ବିଧାୟକ ମିଶ୍ର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କେଲିଆ ଜଙ୍ଗଲଠାରୁ ତଳମଲା ପଞ୍ଚାୟତ ସାହାଜକନା ପର୍ଯ୍ୟନ୍ତ ଶାଖା କେନାଲର ଉନ୍ନତିକରଣ ସହ ଆଟିଗାଁ ଓ ତଳମଲା ପଞ୍ଚାୟତର ଅଣଜଳସେଚିତ ଚାଷ ଜମିକୁ ଲିଫ୍ଟ କେନାଲ ଓ ଭୂତଳ ପାଇପ ଯୋଗେ ଜଳ ଯୋଗାଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଫଳସ୍ୱରୁପ ଏହି ୨ଟି ପଞ୍ଚାୟତରେ ସୋମବାରଠାରୁ ଲିଫ୍ଟ କେନାଲ ଓ ଭୂତଳ ପାଇପ ଯୋଗେ ଜଳ ଯୋଗାଣ ପାଇଁ ବିଭାଗ ପକ୍ଷରୁ ସର୍ଭେ ଆରମ୍ଭ ହୋଇଛି। ଏଥିରେ ମିଚାଗାଁ ଓ ବାଗଡୁଙ୍ଗରୀ ମଧରେ ଥିବା ହାତୀନଦୀ ଡଙ୍ଗାଘାଟରେ ଲିଫ୍ଟ ପଏଣ୍ଟ ନିର୍ମାଣ କରି ସେଠାରୁ କେଲିଆ ଜଙ୍ଗଲଠାରେ ଥିବା ଇନ୍ଦ୍ରାବତୀ ଶାଖା କେନାଲରେ ପାଣି ପକାଇ ଚାଷୀଙ୍କୁ ଜଳ ଯୋଗାଣ କରାଯିବ। ଛୋରିଆଗଡ ଡ୍ରିଷ୍ଟିବୁଟାରୀ ବାମ ଇନ୍ଦ୍ରାବତୀ ମୁଖ୍ୟ କେନାଲରୁ ଭୁତଳ ପାଇପ ଯୋଗେ ଏହି ୨ଟି ପଞ୍ଚାୟତକୁ ଜଳ ଯୋଗାଣ କରାଯିବ। ଏହାଦ୍ୱାରା ଆଟିଗାଁର ୩ଶହ ଏକର, କାନ୍ଧୁଲଗୁଡାର ୪୭୬ ଏକର, କେଲିଆର ୩୭୯ ଏକର ଚାଷ ଜମି ଜଳ ସେଚିତ ହେବ। ଏହାସହ ମିଚାଗାଁ ମାଇନର କେନାଲରେ ଆରମ୍ଭ ଦିନରୁ ପାଣି ଯାଉ ନ ଥିବାରୁ ଏହାର ଉନ୍ନତିକରଣ କରିବା ପାଇଁ ମଧ ବିଭାଗୀୟ ଯନ୍ତ୍ରୀ ବିଧାୟକ ମିଶ୍ର କହିଥିଲେ। ଏହାସହ ଖୁବଶୀଘ୍ର ଆଟିଗାଁରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି) ସ୍ଥାପନ ହେବ ବୋଲି ବିଧାୟକ ମିଶ୍ର ପ୍ରକାଶ କରିବା ସହ ଆଟିଗାଁ ସପ୍ତପଲ୍ଲୀ ବିଦ୍ୟାପୀଠକୁ ଉଚ୍ଚ ମାଧମିକ ବିଦ୍ୟାପୀଠ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିବା ବୈଠକରେ କହିଥିଲେ। ଏହାକୁ ନେଇ ସମନ୍ୱିୟ ବୈଠକରେ ବିଧାୟକ ମିଶ୍ରଙ୍କୁ ଉପସ୍ଥିତ ଚାଷୀମାନେ କୃତଜ୍ଞତା ଜଣାଇଥିଲେ।

# ବିକାଶ କଲେଜରେ ପାର୍ଟିଶନ ହରର୍ ରିମେମ୍ବରାନ୍ସ ଡେ' ପାଳିତ


କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ନାଟକ।

ଭବାନୀପାଟଣା,୧୪।୮
(ଉତ୍ତମ କୁମାର ଦାଶ)

ଦେଶ ବିଭାଜ ଓ ନିଜ ଇଚ୍ଛାନୁସାରେ ଭାରତ କିମ୍ବା ପାକିସ୍ତାନରେ ରହିବା ଘୋଷଣା କରାଯାଇଥିଲେ ମଧ ସେହି ସମୟରେ ବିସ୍ଥାପିତ ଓ ନର ସଂହାର ଭଳି ବିଭିଶିକାମୟ କଳା ଅଧ୍ୟାୟ ସୃଷ୍ଟି ହୋଇଥିଲା। ସୋମବାର ଏହି ପରିପ୍ରେକ୍ଷୀରେ ଭବାନୀପାଟଣାସ୍ଥିତ ବିକାଶ ଉଇସଡମ ପାର୍କ ପରିସରରେ ପାର୍ଟିସନ ହରର ରିମେମ୍ବରାନ୍ସ ଡେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଷ୍ଠାନ ଏକାଡେମୀକ ଇନଚାର୍ଜ ଡି.ବିଜୟା, ବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅଧକ୍ଷା ସୁଶ୍ରୀ ଆରତୀ ମିଶ୍ର ପାର୍ଟିସନ ହରର ରୀମେମ୍ବରାନ୍ସ ଡେ'ର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏକାଡେମିକ ଇନଚାର୍ଜ ଡି.ବିଜୟା ଭାରତ ବିଭାଜନ ସମୟରେ ଉପୁଜିଥିବା ବିଶୃଙ୍ଖଳା, ବିସ୍ଥାପିତଙ୍କ କରୁଣସ୍ଥିତି ସହ ତତଜନିତ ସମସ୍ୟା ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଉକ୍ତ ସମୟର ଘଟଣାବଳି ଉପରେ ଆଧାରିତ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ କ୍ଷୁଦ୍ର ନାଟକ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଧାପକ ଅଧାପିକା ଉପସ୍ଥିତ ରହିଥିଲେ।

# ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ


ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ।

ଭବାନୀପାଟଣା,୧୪।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ବ୍ୟୁରୋ ଆନୁକୁଲ୍ୟରେ ସୋମବାର ସ୍ଥାନୀୟ ବିଶ୍ୱ ବିଦ୍ୟାଳୟରେ ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ବୃକ୍ଷ ରୋପଣ କରିବା ସହିତ ପାଞ୍ଚପ୍ରାଣ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ପାଞ୍ଚପ୍ରାଣ ଶପଥ ପାଠ କରାଇଥିଲେ। ଏହି ଅବସରରେ ବିଭିନ୍ନ ଅତିଥିମାନଙ୍କ ମଧ୍ୟରେ ସିପାହୀ ଗଜେନ୍ଦ୍ର ଡାକୁଆ, କୁଳ ସଚିବ ପୀତାମ୍ବର ଭୋଇ, ସିପିଜିସି ମେଜର ଡା ଜୟଦେବ ସାହୁ, ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡା ଚିତ୍ତରଞ୍ଜନ ଖୁଣ୍ଟିଆ, ଜୟନ୍ତ ଦଣ୍ଡସନା, ଡା ପ୍ରିୟରଞ୍ଜନ ବେହେରା, ମିସ ରୋଜମେରୀ ଏକ୍କା, ଡା କୈଳାସ ଚନ୍ଦ୍ର ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ସିଆର୍ପିଏଫ୍ ଯବାନଙ୍କ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ


ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସାମିଲ ସିଆର୍ପିଏଫ୍ ଯବାନମାନେ।

ଲାଞ୍ଜିଗଡ଼,୧୪।୮ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ରୋଡ଼ଠାରେ ସିକେରକୁପା ଏଫ ୬୪ ସିଆର୍ପିଏଫ୍ ଯବାନଙ୍କ ଦ୍ୱାରା ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ସ୍ୱାଧୀନତା ଦିବସ ଉପଲକ୍ଷେ ଆଜାଦି କା ଅମୃତ ମହୋତ୍ସବ ରୂପେ ପାଳନ କରି ପ୍ରତ୍ୟେକ ଘରେ ସମ୍ମାନ ସହିତ ତ୍ରିରଙ୍ଗା ପତାକା ଉଡ଼ାଇବା ନିଷ୍ପତ୍ତି ନିଆଯାଇଛି। ସିକେରକୁପା ଏଫ ୬୪ ସିଆରପିଏଫ ବାଟାଲିୟନ କୁତବ ଉଦ୍ଦିନଙ୍କ ନେତୃତ୍ୱରେ ସିକେରକୁପା କ୍ୟାମ୍ପଠାରୁ ମଟରସାଇକେଲରେ ବାହାରି ଲାଞ୍ଜିଗଡ଼ ରୋଡ଼ ପଞ୍ଚାୟତ ପରିଭ୍ରମଣ କରି ଦେଶାତ୍ମବୋଧକ ନାରା ଦେଇ ଶୋଭାଯାତ୍ରା କରିଥିଲେ। ଏଥିରେ ଏଫ୬୪ ସିଆରପିଏଫ କ୍ୟାମ୍ପର ସମସ୍ତ ଯବାନ ସାମିଲ ହୋଇଥିଲେ।

# ନୂତନ ବସ୍ଷ୍ଟାଣ୍ଡ ସ୍ଥାନ ଚୂଡ଼ାନ୍ତ ପାଇଁ ତହସିଲଦାରଙ୍କୁ ଭେଟିଲା ଗ୍ରାମସଭା କମିଟି

କୋକସରା,୧୪।୮
(ଦୁଷ୍ମନ୍ତ କୁମାର ପାଢ଼ୀଯୋଶୀ)

କଳାହାଣ୍ଡି ଜିଲା କୋକସରା ଗ୍ରାମସଭା କମିଟିପକ୍ଷରୁସୋମବାର କୋକସରାଠାରେ ହେବାକୁ ଥିବା ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜାଗା ଚୂଡାନ୍ତ କରିବାକୁ ଦାବି ଉପସ୍ଥାପନ କଲେ ଗ୍ରାମସଭା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ। ସୂଚନା ମତେ କୋକସରା ସଦର ମହକୁମାଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ଆସିଛି। ହେଲେ ସ୍ଥାନ ଚୟନ ନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜନବସତି ବାହାରେ ସ୍ଥାନ ଦିଆଯାଇଥିଲା। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହାକୁ ବିରୋଧ କରି ଗ୍ରାମସଭା କମିଟି କୋକସରା ପଞ୍ଚାୟତ ଅଧୀନ ଜାତୀୟ ରାଜପଥ କୋକସରା ଟାଉନ ମଧରେ ବସଷ୍ଟାଣ୍ଡ କରିବାକୁ ଦାବି କରି ଆସୁଛନ୍ତି। ଏହାକୁ ନେଇ ଗତ ୧୨।୦୬।୨୩ରେ କୋକସରା ସହର ମଧରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ସର୍ବସମ୍ମତିକ୍ରମେ ଚୂଡାନ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଚୂଡାନ୍ତ ହୋଇଥିବା ସ୍ଥାନ ମପା ଯାଇଥିଲା। ହେଲେ ପରେ ଉକ୍ତ ସ୍ଥାନକୁ ନେଇ ଅନ୍ୟ କିଛି ବ୍ୟକ୍ତି ବିଶେଷ ଅଭିଯୋଗ କରିବା ପରେ ସୋମବାର ଗ୍ରାମସଭା ଓ କୋକସରା ଗ୍ରାମର ବୁଦ୍ଧିଜୀବୀ ତହସିଲଦାରଙ୍କୁ ଭେଟି ପୁଣି ସ୍ଥାନ ଚୂଡାନ୍ତ କରିବାକୁ ଅଭିଯୋଗ କରିଛନ୍ତି। ତହସିଲଦାର ଏ ନେଇ ଶୀଘ୍ର ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ବିଜେଡି ଯୁବନେତା ମାନସ ରଞ୍ଜନ ବାଗ, ବିଜେଡି ବ୍ଲକ ସଭାପତି ଶୁସାନ୍ତ କୁମାର ବେହେରା, ପୁରୁଷୋତ୍ତମ ଗୁପ୍ତା, ପର୍ଶୁରାମ ପ୍ରଧାନୀ, ତ୍ରିଭୁବନ ନାଏକ, ଲାଲାଟେନ୍ଦୁ ପ୍ରଧାନୀ, ମାନସ ପ୍ରଧାନୀ, ମାନସ ବେହେରା, ଗୁଣନିଧି ବାଗ, ଫୁଲତୋଳା ଖମାରି ଓ କୋକସରା ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ତହସିଲ ଅଫିସ ଘେରିଲା କଳାହାଣ୍ଡି ଜନ ସଂଗ୍ରାମ ସମିତି

- ଗୋଲାମୁଣ୍ଡା ବ୍ଲକକୁ ମରୁଡି ଘୋଷଣା ଦାବି


ମରୁଡି ଘୋଷଣା ଦାବିରେ ଶୋଭାଯାତ୍ରା।

ଗୋଲାମୁଣ୍ଡା,୧୪।୮ (ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବିରେ ସୋମବାର କଳାହାଣ୍ଡି ଜନ ସଂଗ୍ରାମ ସମିତି ପକ୍ଷରୁ ସ୍ଥାନୀୟ ତହସିଲ ଅଫିସ ଘେରାଉ କରାଯାଇଛି। ଏଥିସହ ତହସିଲଦାର ଅଶୋକ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଗୋଲାମୁଣ୍ଡା ପୁରୁଣା ବ୍ଲକ କୋଲୋନିଠାରୁ ତହସିଲ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାର ଗୋଲାମୁଣ୍ଡା ବ୍ଲକ ଏକ ମରୁଡି ପ୍ରପୀଡ଼ିତ ବ୍ଲକ। ଚଳିତବର୍ଷ ମୌସୁମୀର ଲୁଚକାଳି ଖେଳରେ ବ୍ଲକର ୨୮ଟି ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ମରୁଡିରେ ପ୍ରଭାବିତ ହୋଇଥିବା ବେଳେ କାଁଭାଁ ସ୍ଥାନରେ ଚାଷ କାର୍ଯ୍ୟ ହୋଇଛି। ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ପାଇଁ ସରକାରଙ୍କୁ ଦାବି କରିଛି କଳାହାଣ୍ଡି ଜନ ସଂଗ୍ରାମ ସମିତି। ୨୦୨୨-୨୩ରେ ଖଲିଆପାଲି ପଞ୍ଚାୟତ ମରୁଡ଼ି ଆକଳନ ପୁନଃବିଚାର କରି ଚାଷୀଙ୍କୁ ଉଚିତ ଶସ୍ୟ ବୀମାରାଶି ଟଙ୍କା ପ୍ରଦାନ କରିବା ପାଇଁ ମଧ ଦାବି କରାଯାଇଥିଲା। ସାହୁଲ ମଙ୍ଗରାଜଙ୍କ ନେତୃତ୍ୱରେ ଚାଷୀ ସମାବେଶରେ ଡାକେଶର ଲହଜଲ, ଅନିଲ ମଲ୍ଲିକ, ପ୍ରଶ୍ନ ରାଉତ, ଜଗୁପ୍ରସାଦ ରାଉତଙ୍କ ସହିତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ଚିକଲଚୁଆଁଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେଉ

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**


ଦାବିପତ୍ର ଦେବା ପାଇଁ ଆସିଥିବା ଚିକଲଚୁଆଁ ଅଞ୍ଚଳବାସୀ।

ନୂଆପଡ଼ା,୧୪।୮ (ମକାରୁ ବେମାଲ)

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ବୋଇରଗାଁ ପଞ୍ଚାୟତ ଚିକଲଚୁଆଁ ଗାଁ ଅଞ୍ଚଳବାସୀ ସୁନାମୁଦି ଗାଁଠାରେ ନୂତନ ଗ୍ରାପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣକୁ ବିରୋଧ କରି ଚିକଲଚୁଆଁଠାରେ ନିର୍ମାଣ କରିବା ପାଇଁ ଜିଲାପାଳ ହେମକାନ୍ତ ସାଏଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାପ୍ତସୂଚନା ମତେ ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତରେ ୧୨ଟି ୱାର୍ଡରେ ୮ଟି ରାଜସ୍ୱ ଗ୍ରାମ ଓ ୧୫ରୁ ଉର୍ଦ୍ଧ୍ୱ ଅଣ ରାଜସ୍ୱ ଗ୍ରାମ ରହିଛି। ବଡ ପଞ୍ଚାୟତ ହୋଇ ନଦୀନାଳ ଓ ଜଙ୍ଗଲ ରାସ୍ତା ହୋଇଥିବାରୁ ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ପାଇଁ ଅସୁବିଧା ହେଉଛି। ସୁନାମୁଦିଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ କରିବା ପାଇଁ ଜୁନ ୨୨ରେ ୫-ଟି ସଚିବ ଭି.କେ. ପାଣ୍ଡିୟାନଙ୍କ ନୂଆପଡା ଗସ୍ତ ସମୟରେ ପାତଲଗଙ୍ଗାଠାରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ବିଚାର କରି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରିବାକୁ ସଚିବ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ସୁନାମୁଦି ଗାଁକୁ ଯାଇ ସ୍ଥାନ ଚିହ୍ନଟ କରି ଫେରିବା ପରେ ପଞ୍ଚାୟତର ଅନ୍ୟ ଗାଁର ଲୋକେ ସୁନାମୁଦି ଗାଁକୁ ବିରୋଧ କରି ଚିକଲଚୁଆଁଠାରେ ପଞ୍ଚାୟତ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି। ଚିକଲଚୁଆ ଅନ୍ୟ ଗାଁର ମଧ୍ୟ ଭାଗରେ ରହିଛି। ସୁନାମୁଦି ଗାଁର ଲୋକଙ୍କୁ ବୋଇରଗାଁ ଓ ଚିକଲଚୁଆଁ ସମାନ ରାସ୍ତା ପଡୁଛି। ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ଚିକଲଚୁଆଁଠାରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରାଗଲେ ସମସ୍ତଙ୍କ ସୁବିଧା ହେବ ବୋଲି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ୱାର୍ଡ ସଭ୍ୟ ରାଜେନ୍ଦ୍ର କୁମାର ମାଝି, ଶୈଳେନ୍ଦ୍ର ମାଝି, ଜଗବନ୍ଧୁ ମାଝି, ମନବୋଧ ମାଝି, ଜୟ ପ୍ରସାଦ ମାଝି, ନରସିଂ ମାଝି, ଚତୁର୍ଭୁଜ ମାଝି ଓ ଅଞ୍ଚଳବାସୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଂରକ୍ଷଣ ତାଲିକାରୁ ହଟାଅ

**ଲକ୍ଷେଘର ଗଣ୍ଡା ସମାଜର ତହସିଲଦାରଙ୍କୁ ଦାବିପତ୍ର**

ଲୋଇସିଂହା, ୧୪।୮ (ସୁଶାନ୍ତ ବାରିକ)

କେଉଟ, କୈବର୍ତ୍ତ ଓ ଧୀବର ଜାତିକୁ ଅନୁସୂଚିତ ଜାତି ତାଲିକାରୁ ହଟେଇବା ପାଇଁ ବଲାଙ୍ଗୀର ଜିଲା ଆଗଲପୁରରେ ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ଏକ ବିଶାଳ ରାଲି ଓ ବିକ୍ଷୋଭ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ସରୋଜା ବେହେରାଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ସରକାର ଆସନ୍ତା ଦୁଇସପ୍ତାହ ମଧ୍ୟରେ ସେମାନଙ୍କୁ ଅନୁସୂଚିତ ଜାତି ତାଲିକାରୁ ଉଚ୍ଛେଦ ନକଲେ ଆଗାମୀ ଅକ୍ଟୋବର ୧ରୁ ପ୍ରତ୍ୟେକ ତହସିଲ ଅଫିସରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ କରିବାକୁ ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ଚେତାବନୀ ଦିଆଯାଇଛି। ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଡିଙ୍ଗର କୁମ୍ଭାରଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବିଜୟ ମହାନନ୍ଦ, ହେମସାଗର ନନ୍ଦ, ଲବ ସୁନା, ଅଶୋକ ବାରିକଙ୍କ ସମେତ ବହୁ ବକ୍ତା ବକ୍ତବ୍ୟ ରଖିଥିଲେ। ୧୯୮୦ ମସିହାଠାରୁ କେଉଟ, କୈବର୍ତ୍ତ ଓ ଧୀବର ଅନୁସୂଚିତ ଜାତି ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାକୁ ହାସଲ କରୁଛନ୍ତି। ଏହା ବିରୋଧରେ ବହୁ ପ୍ରତିବାଦ ପରେ ୨୦୧୬ ମସିହାରୁ ରାଜ୍ୟ ସରକାର ଏହାକୁ ବାଦ୍ ଦେଇଥିଲେ। ହେଲେ ସେମାନେ କୌଶଳ କରି ଏବେ ବି ସମସ୍ତ ସୁବିଧା ସୁଯୋଗ ହାତଉଛନ୍ତି। ତାଲିକାରୁ ବାଦ୍ ନକଲେ ଆଗାମୀ ଦିନରେ ଦୁର୍ବର ଆନ୍ଦୋଳନାତ୍ମକ ଗ୍ରହଣ କରିବାକୁ ବାଧ୍ୟ ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ବାହାରିଥିବା ରାଲି।

# ମନ୍ଦିର, ପର୍ଯ୍ୟଟନର ବିକାଶ ପାଇଁ ୧୪ କୋଟି ୭୦ ଲକ୍ଷ ମଞ୍ଜୁର

**ନୂଆପଡ଼ା ଜିଲା**

ନୂଆପଡ଼ା,୧୪।୮ (ମକାରୁ ବେମାଲ)


ଅନୁଦାନ ପତ୍ର ପ୍ରଦାନ କରାଯାଉଛି।

ନୂଆପଡା ଜିଲା ପତୋରା ଯୋଗେଶ୍ୱର ପୀଠ, ବୋଡେନ ବ୍ଲକ ପାତଲଗଙ୍ଗା ପର୍ଯ୍ୟଟନସ୍ଥଳି ଉନ୍ନତିକରଣ ଓ ଆଦିମ ଜନଜାତି ଭୁଞ୍ଜିଆ ସମ୍ପ୍ରଦାୟର ଅଧିଷ୍ଠାତ୍ରୀ ଦେବୀ ମା' ସୁନାଦେଈ ପୀଠ ପାରିପାର୍ଶ୍ୱିକ ବିକାଶ ପାଇଁ ରାଜ୍ୟ ସରକାର ୧୪ କୋଟି ୭୦ ଲକ୍ଷ ମଞ୍ଜୁର କରିଛନ୍ତି। ଯୋଗେଶ୍ୱର ପୀଠ ପାଇଁ ୫ କୋଟି, ପାତଲଗଙ୍ଗା ପାଇଁ ୭ କୋଟି ୨୦ ଲକ୍ଷ ଓ ସୁନାଦେଈ ପୀଠ ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଗତ ମେ ୨୧ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଜିଲା ଗସ୍ତ କରି ପତୋରା, ପାତଲଗଙ୍ଗା ଓ ସୁନାବେଡା ପରିଦର୍ଶନ କରିଥିଲେ। ଏହି ସମୟରେ ଏସବୁର ବିକାଶ ପାଇଁ ପରିଚାଳନା କମିଟି ଓ ଅଞ୍ଚଳବାସୀ ଦାବି କରିଥିଲେ। ଦାବି ମୁତାବକ ରାଜ୍ୟ ସରକାର ବିଧିବଦ୍ଧ ଭାବେ ଯୋଗେଶ୍ୱର ପୀଠ, ପାତଲଗଙ୍ଗା ପର୍ଯ୍ୟଟନସ୍ଥଳି ଓ ମା' ସୁନାଦେଈ ପୀଠର ଭିତ୍ତିଭୂମି ବିକାଶ ପାଇଁ ଟଙ୍କା ମଞ୍ଜୁର କରିଛନ୍ତି। ପତୋରା ଯୋଗେଶ୍ୱର ପୀଠର ମୁଖ୍ୟ ମନ୍ଦିର ସମେତ ସମସ୍ତ ପାର୍ଶ୍ୱ ଦେବଦେବୀମାନଙ୍କ ମନ୍ଦିର ସୌନ୍ଦର୍ଯ୍ୟକରଣ ହେବ। ମନ୍ଦିରକୁ ଅତ୍ୟାଧୁନିକ ପାହାଚ ନିର୍ମାଣ ହେବା ସହ ଆଲୋକ ମାଳାରେ ମନ୍ଦିର ପରିସରକୁ ସଜ୍ଜିତ କରାଯିବ। ଭୋଜନ ମଣ୍ଡପ, ଯାତ୍ରୀ ନବାସ, ପୂଜା ସାମଗ୍ରୀ ବିକ୍ରି ପାଇଁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ସେହିପରି ପାତଲଗଙ୍ଗା ପର୍ଯ୍ୟଟନସ୍ଥଳୀ ସହ ଜଗନ୍ନାଥ ମନ୍ଦିର, ଉଦ୍ୟାନ ନିର୍ମାଣ ଓ ପାରିପାର୍ଶ୍ୱିକ ଭିତ୍ତିଭୂମିର ବିକାଶ ହେବ। ସେହିପରି କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଚକୋଟିଆ ଭୁଞ୍ଜିଆଙ୍କ ଅଧିଷ୍ଠାତ୍ରୀ ଦେବୀ ସୁନାଦେଈ ମନ୍ଦିର ଓ ଚର୍ତୁପାର୍ଶ୍ୱର ଉନ୍ନତି କରଣ ହେବ। ପତୋରା ଶିବ ମନ୍ଦିର ପ୍ରାଙ୍ଗଣରେ ଜିଲା ମୁଖ୍ୟ ଅଧିକାରୀ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ମନ୍ଦିର ପରିଚାଳନା କମିଟି ଓ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ଦିର ପରିଚାଳନା କମିଟି ସଭାପତି ମୁରଲିଧର ପଣ୍ଡା, ଉପସଭାପତି ସୁରେଶ ଅଗ୍ରୱାଲ, ସମ୍ପାଦକ ଭାନୁପ୍ରତାପ ଦଣ୍ଡସେନା, ଭରତଲାଲ ରାଉତ, କେଶରୀଚନ୍ଦ ଜୈନ, ରାମଲାଲ ସାହୁ, ଧରମବନ୍ଧା ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନା, ସେତରାମ ଦେବାଙ୍ଗନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ଜିଲା ମୁଖ୍ୟ ଅଧିକାରୀ ସାହୁଙ୍କ ସହେତ ସଦର ବିଡ଼ିଓ ସୁବେଦାର ପ୍ରଧାନ, ତହସିଲଦାର କୈଳାସ ଦାସ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମାଧବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୫ ଅଗଷ୍ଟ ୨୦୨୩

**ବିଭାଜନ ବିଭୀଷିକା ସ୍ମୃତି ଦିବସ**

ବରଗଡ଼ (ପ୍ରେମାନନ୍ଦ ଖମାରୀ): ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରାଛାତ୍ର ପ୍ରାଣ ହରାଇଥିବା ତଥା ତ୍ୟାଗ, ଆତ୍ମ ବଳିଦାନ ଦେଇଥିବା ଦେଶବାସୀଙ୍କୁ ସ୍ମରଣ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ବିଭାଜନର ଶିକାର ହୋଇଥିବା ଦେଶବାସୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ସାମାଜିକ ସୌହାର୍ଦ୍ଦ୍ୟ, ମାନବ ସଶକ୍ତୀକରଣର ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଦ୍ୟାଳୟର ଛାତ୍ରାଛାତ୍ର ଦେଶାତ୍ମବୋଧକ ଗୀତ, ନୃତ୍ୟ ପରିବେଷଣ କରିଥିଲେ।



## ସଂକ୍ଷେପରେ

### ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ

ଅମରପାଲି,୧୪।୮(ପୀତାମ୍ବର ସାହୁ):- ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରରେ ନେହେରୁ ଯୁବ କେନ୍ଦ୍ର ଓ ସ୍ଥାନୀୟ ସତ୍ୟସେବକ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ମେରା ମାଟି ମେରା ଦେଶ କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ସକ୍ରିୟ ସଦସ୍ୟ ଭାବରେ ବିଭୂତି ଭୂଷଣ କୁଦାଇ, ଶ୍ରୀକାନ୍ତ ସେଠି, ରାକେଶ ଭୋଇ, ନିରୋଦ ନାଏକ, ସୁବାଷ ସାହୁ, ରାଜା ନାଏକ, ମାନସ ସାହୁ, ସିଦ୍ଧାନ୍ତ ନାଏକ, ରୋଶନ ନାଏକ, ସୁନୀଲ ନାଏକ, କାହ୍ନା ସାହୁ, ଶ୍ରୀକାନ୍ତ ନାଏକ, କନ୍ଦର୍ପ ଛତ୍ରିଆ, ଆକାଶ ନାଏକ, ରଞ୍ଜନ ରାଉତ, ଆଶିଷ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇ ସାମୂହିକ ବୃକ୍ଷ ରୋପଣ କରିଥିଲେ। ଶେଷରେ ନେହେରୁ ଯୁବ ସ୍ୱେଚ୍ଛାସେବୀ ସୁଦର୍ଶନ ଭରାସାଗର ସମସ୍ତଙ୍କୁ ମାଟି ମା' ସହିତ ପରିବେଶର ସୁରକ୍ଷା ପାଇଁ ଶପଥ କରାଇଥିଲେ।

### ବିନିକା ଏନ୍ଏସିରେ ନୂତନ ଅଧିକାରୀଙ୍କ ଯୋଗଦାନ

ବିନିକା, ୧୪।୮( ରାମଗୋପାଳ ବାଘ):



ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସିରେ ସତ୍ୟ ନାରାୟଣ ପଧାନ ସୋମବାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ଗତ ୩୦।୧।୨୨ରିଖରେ ଏଠାରେ ଅବସ୍ଥାପିତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥଙ୍କୁ ଦଶପଲ୍ଲା ତହସିଲଦାର ଭାବେ ବଦଳି ପରେ ସ୍ଥାନୀୟ ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ ଭାରପ୍ରାପ୍ତ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ନୂତନ ଭାବେ ଯୋଗଦାନ କରିଥିବା ପଧାନ ପୂର୍ବରୁ ମୁନିଗୁଡା ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ଯୋଗଦାନ ଅବସରରେ ତାଙ୍କୁ ପରିଷଦର ସମସ୍ତ କର୍ମଚାରୀ ଗେଟ ସାମ୍ନାରୁ ପାଛୋଟି ନେଇଥିଲେ।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ବରଗଡ଼,୧୪।୮(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭେଡ଼େନ ବ୍ଲକ ସୁନାଲରମ୍ଭା ବାଘପାଲି ଗ୍ରାମର ବାସିନ୍ଦା ତଥା ଆସାମ ରାଇଫଲରେ କାର୍ଯ୍ୟରତ ଯବାନ ନୀଳାଚଳ ପଟେଲ ଶହୀଦ ହୋଇଛନ୍ତି । ସୋମବାର ତାଙ୍କ ମରଶରୀର ବରଗଡ଼ ଜିଲାପାଳ ଅଫିସରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେଠାକୁ ବରଗଡ଼ ସାମ୍ବାଦିକ ସଂଘ ଉପସଭାପତି ବିରେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ପ୍ରତିନିଧିମାନେ ଯୋଇ ଶହୀଦଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟପଟେ ସ୍ୱାଧୀନତା ଦିବସର ଦିନକ ପୂର୍ବରୁ ଶହୀଦଙ୍କ ମରଶରୀର ତଥା ତାଙ୍କ ଜନ୍ମମାଟି ବରଗଡ଼ ଜିଲାକୁ ପହଞ୍ଚିଥିବାଯୋଗୁ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏହି ଦୃଷ୍ଟିରୁ ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ, ପରେଡ୍ ବ୍ୟତୀତ କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ନ କରିବାକୁ ବରଗଡ଼ ସାମ୍ବାଦିକ ସଂଘ ଦାବି କରିଛି। ଏ ନେଇ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ଜରିଆରେ ବରଗଡ଼ ଜିଲାପାଳଙ୍କୁ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

### ଭୋଟର ସଚେତନତା କାର୍ଯ୍ୟକ୍ରମ

ବରଗଡ଼,୧୪।୮(ପ୍ରେମାନନ୍ଦ ଖମାରୀ) ବରଗଡ଼ ବ୍ଲକ ଅନ୍ତର୍ଗତ ତୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ସୋମବାର ଭୋଟର ସଚେତନତା ଦିବସ ପାଳିତ ହୋଇଛି। ତୋରା କଲେଜ ପଡ଼ାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ସୁନୀଲ ଦାଶ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ କଲେଜର ଛାତ୍ରୀମାନେ ଭୋଟଦାନ ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ଯେଉଁମାନେ ନୂତନ ଭୋଟର ହେବାକୁ ଯାଉଛନ୍ତି, ସେମାନେ କିଭଳି ନୂତନ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିବେ, ସେ ନେଇ ମଧ୍ୟ ଅବଗତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଶ୍ରୀରାମ କର ଉପସ୍ଥିତ ଥିଲେ। ଏହି ଅବସରରେ ଏକ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। କଲେଜ ଅଧ୍ୟକ୍ଷା ଡଃ ପ୍ରତିଭା ଦାଶ, ସୁପ୍ରିୟା ନାଥ, ତେଜସ୍ୱିନୀ ସାହୁ, ଟିକେଶ୍ୱରୀ ସାହୁ, ପ୍ରଫୁଲ୍ଲ ପୂଝାରୀ, କିଶୋର ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶ ବିଭାଜନର ଯନ୍ତ୍ରଣା ଭୁଲିହେବନି

ସୋନପୁର,୧୪।୮(ମୃତ୍ୟୁଞ୍ଜୟ ଶତପଥୀ)

ଭାରତୀୟ ଜନତା ପାର୍ଟି ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ବିଭାଜନ ବିଭୀଷିକାର ସ୍ମୃତି ଦିବସ ଶୀର୍ଷକ ଆଲୋଚନାଚକ୍ର ସୋନପୁରର ଏକ ହୋଟେଲ ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଦେଶ ବିଭାଜନ ମାନବ ଇତିହାସର ସବୁଠୁ ବଡ ବିଭୀଷିକା। ସେତେବେଳେ ହୋଇଥିବା ହିଂସା ଦ୍ୱାରା ୧୦ଲକ୍ଷରୁ ଉର୍ଦ୍ଧ୍ୱ ନିରୀହ ଲୋକଙ୍କ ମୃତ୍ୟୁ ହୋଇଥିଲା। ୧ କୋଟି ୭୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଭିଟାମାଟି ଛାଡ଼ି ଶରଣାର୍ଥୀ ହୋଇଥିଲେ। ଏହି ସମୟରେ ମହିଳାମାନେ ଅତ୍ୟାଚାର, ବଳାତ୍କାର ଓ ଅସହ୍ୟ ମାନସିକ ଯନ୍ତ୍ରଣାର ଶିକାର ହୋଇଥିଲେ। ତେଣୁ ଦେଶ ବିଭାଜନର ଯନ୍ତ୍ରଣା କେବେ ଭୁଲିହେବନି ବୋଲି ଆଲୋଚକମାନେ ମତପ୍ରକାଶ କରିଛନ୍ତି। ସୋନପୁର କଲେଜର ଅବସରପ୍ରାପ୍ତ ଗଣିତ ପ୍ରାଧ୍ୟାପକ ପଲସ୍ତି ସାହୁ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ, ବିଶ୍ୱର ଅନ୍ୟ କୌଣସି କ୍ଷେତ୍ରରେ ଏତେ ଲୋକଙ୍କ ପ୍ରାଣ ଯାଇ ନ ଥିଲା କି ଲୋକେ ଭିଟାମାଟି




ଭାଜପା ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ ଓ ନେତୃବୃନ୍ଦ ।

**ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ**

ଛାଡି ନ ଥିଲେ। ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଲୋକେଶ ପଧାନ ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ ଭାରତ ପାକିସ୍ତାନ ବିଭାଜନ ସମୟରେ ଘୃଣା ଓ ହିଂସା କାରଣରୁ ଲକ୍ଷଲକ୍ଷ ଲୋକ ବିସ୍ଥାପିତ ହେବା ସହ ବଳିଦାନ ଦେଇଥିବା କହିଥିଲେ। ଶିକ୍ଷାବିତ୍ ଶିବ ପ୍ରସାଦ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଦେଶ ବିଭାଜନ ସମୟରେ କିଭଳି ଦଙ୍ଗା ସୃଷ୍ଟି ହୋଇଥିଲା ଓ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଯୋଜନାବଦ୍ଧ ଆକ୍ରମଣ କରିଥିଲେ ସେ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ବେଣୁଧର ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ଆନନ୍ଦ ବାରିକ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଶିକ୍ଷାବିତ୍ ପ୍ରଦୀପ ପୁରୋହିତ, ଆଇନଜୀବୀ ପ୍ରଫୁଲ୍ଲ କୁମାର ସାହୁ, ନିରଞ୍ଜନ ତ୍ରିପାଠୀ, ସ୍ୱରୂପ ପାତ୍ର, କାଉନସିଲର ସୁକାନ୍ତ ସାହୁ, ଗଙ୍ଗାଧର ତରିଆ, ଜଗତଜୋତି ତ୍ରିପାଠୀ, ସୁରୁବାବୁ ସାହୁ, ତ୍ରିଲୋଚନ ତରିଆ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଅନନ୍ତରାମ ପାଣିଗ୍ରାହୀ ଓ ଅନନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଦେଶ ବିଭାଜନ ବିଭୀଷିକାର ସ୍ମୃତିଚାରଣ କରିଥିଲେ।

# ତିନିବର୍ଷ ପରେ ଖୋଲିଲା ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ହୁଣ୍ଡି

ବୌଦ୍ଧ, ୧୪।୮(ଅଜିତ କୁମାର ବାରିକ)

ଦୀର୍ଘ ତିନିବର୍ଷ ବ୍ୟବଧାନରେ ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରର ହୁଣ୍ଡି ଖୋଲାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଗତ ବୈଠକରେ ଏନେଇ ବୃତ୍ତାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବା ପରେ ହୁଣ୍ଡି ଖୋଲାଯିବାକୁ ଏକ କମିଟି ଗଠନ କରାଯାଇଥିଲା। କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ରବିବାର ଅପରାହ୍ନରେ ହୁଣ୍ଡିର ତାଲା ଭଙ୍ଗା ଯାଇଥିଲା। ୬ ଜଣ କମିଟି ସଦସ୍ୟଙ୍କ ଦ୍ୱାରା ପ୍ରାୟ ୭ ଘଣ୍ଟା ଧରି ଗଣତି କାର୍ଯ୍ୟ ଚାଲିଥିଲା। ପ୍ରଥମ ପର୍ଯ୍ୟାୟରେ ନୋଟଗୁଡିକ ଗଣତି କରାଯାଇଥିଲା। ହୁଣ୍ଡିରୁ ୧୩୬୧୧୭ ଟଙ୍କାର ନୋଟ ବାହାରିଥିବାବେଳେ ୨୧୭୭୦ ଟଙ୍କାର କଏନ ସମୁଦାୟ ୧୫୭୮୮୭ ଟଙ୍କା ବାହାରିଥିବା ଜଣାଯାଇଛି। ହୁଣ୍ଡିରୁ କିଛି ଭକ୍ତଙ୍କ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଥିବା ଭକ୍ତିପୂର୍ଣ୍ଣ ଚିଠି ମଧ୍ୟ ମିଳିଥିଲା। ସମୁଦାୟ ଅର୍ଥକୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ତୁରନ୍ତ ଠାକୁରଙ୍କ ନାମରେ ଖୋଲାଯାଇଥିବା ବ୍ୟାଙ୍କ ଖାତାରେ ଜମା ରଖାଯାଇଥିବାବେଳେ ଭକ୍ତଙ୍କ ନିକଟରୁ ମିଳିଥିବା ଏହି ଦାନ ଅର୍ଥକୁ ମନ୍ଦିରର ଉନ୍ନୟନ କାର୍ଯ୍ୟ ନିମନ୍ତେ ଖର୍ଚ୍ଚ କରାଯିବ ବୋଲି ଜଣାପଡିଛି। ହୁଣ୍ଡି ଖୋଲିବା ସମୟରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଶଙ୍କର ପ୍ରସାଦ ପୁରୋହିତ, କୋଷାଧ୍ୟକ୍ଷ ଆଶୁତୋଷ ମହାପାତ୍ର, ଅର୍ଥକମିଟି ମୁଖ୍ୟ ଶଶାଙ୍କ ଶେଖର ମିଶ୍ର, ପୂଜକ ବିଭୂ ପଣ୍ଡା, ସଦସ୍ୟ ବିଜୟ କୁମାର ମିଶ୍ର, ଆଶୁତୋଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଷ୍ଠୀ ସାମାଜିକ ସମୀକ୍ଷା ୟୁନିଟ୍‌ର ବୃକ୍ଷରୋପଣ କାର୍ଯ୍ୟକ୍ରମ

ପାଇକମାଳ,୧୪।୮(ବଡ ଶତପଥୀ)

ବରଗଡ ଜିଲା ସାମାଜିକ ସମୀକ୍ଷା ୟୁନିଟ ଆନୁକୂଲ୍ୟରେ ପାଇକମାଳ ବ୍ଲକ ସାମାଜିକ ସମୀକ୍ଷା ୟୁନିଟ ତରଫରୁ ନୃସିଂହନାଥ, ଦୁର୍ଗାପାଲି ଶ୍ରୀ ଶ୍ରୀ ନୃସିଂହନାଥ ସଂସ୍କୃତ ବିଦ୍ୟା ନିକେତନ ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପାଇକମାଳ ବ୍ଲକ ଅତିରିକ୍ତ ପ୍ରୋଗ୍ରାମ ଅଫିସର ଅନୁପମା ସାହୁ ମୁଖ୍ୟ ଅତିଥି, ସ୍କୁଲ ପ୍ରଧାନ ଶିକ୍ଷକ ପ୍ରେମରାଜ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ସାମାଜିକ ସମୀକ୍ଷକ ହରିହର ବରିହାଙ୍କ ତତ୍ତ୍ୱାବଧାନରେ ଶ୍ରୀ ଶ୍ରୀ ନୃସିଂହନାଥ ସଂସ୍କୃତ ବିଦ୍ୟା ନିକେତନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଗ୍ରାମ୍ୟ ସାଧନ କର୍ମୀ ଦୁର୍ଗେସିନୀ ସ୍ୱାଇଁ, ସତ୍ୟବତୀ ମହାନନ୍ଦ, ବଳମତୀ ବରିହା, ପୂର୍ଣ୍ଣମୀ ବରିହା, ଉର୍ମିଳା ଛତର, କଳ୍ପନା ପଧାନ, ବବିତା ଦୀପ, କମଳା ବରିହା, ମଞ୍ଜୁରୀ ବରିହା, ବୈତରଣୀ ବେରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଅମରପାଲି,୧୪।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ସୋମବାର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରାୟ, ଏସ୍‌ପି ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ବନ୍ଧୀୟ ୬୬ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଛନ୍ତି । ତନ୍ମଧ୍ୟରେ ୫୯ଟି ବ୍ୟକ୍ତିଗତ ଦରଖାସ୍ତ ଓ ୭ଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି। ୨ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଗ୍ରହଣ କରାଯାଇଥିବା ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ




ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

ସୁଲିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ ମେହେର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ପଦ୍ମହଂସା ଦୋରା, ଡିଇଓ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲା ପଞ୍ଚାୟତ ଅଧିକାରୀଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବାସୁଦେବ ଛତ୍ରିଆ, ତହସିଲଦାର ବିବୁଧ ଗଡ଼ନାୟକ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ବିଭିନ୍ନ ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ଶିବିରରେ ଯୋଗଦେଇଥିଲେ।

## ୧୩୬୬ ହିତାଧିକାରୀଙ୍କୁ ଦିଆଯିବ ଭତ୍ତା

ଅମରପାଲି,୧୪।୮(ପୀତାମ୍ବର ସାହୁ)

ବୀରମହାରାଜପୁର ବ୍ଲକର ବିଭିନ୍ନ ପଞ୍ଚାୟତର ୧୩୬୬ଜଣଙ୍କ ଭତ୍ତା ମଞ୍ଜୁର ହୋଇଛି। ମଙ୍ଗଳବାର ସ୍ୱାଧୀନତା ଦିବସ ଅବସରରେ ଉକ୍ତ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯିବ। ବାଗବର ପଞ୍ଚାୟତରୁ ୧୧୭, ବହଳପଦର ପଞ୍ଚାୟତରୁ ୧୨୬, ଚମ୍ପାମାଳ ପଞ୍ଚାୟତରୁ ୬୯, ଦୁର୍ଜନତୋଲା ପଞ୍ଚାୟତରୁ ୭୮, ହିଲୁଙ୍ଗ ପଞ୍ଚାୟତରୁ ୮୩, ଜଟେସିଂହା ପଞ୍ଚାୟତରୁ ୧୦୫, କମିରା ପଞ୍ଚାୟତରୁ ୮୯ ଜଣଙ୍କୁ ଭତ୍ତା ବଣ୍ଟନ କରାଯିବ। ଏହା ସହିତ କେନ୍ଦୁଝିରିଆପାଲି ପଞ୍ଚାୟତର ୧୧୦, ଖଣ୍ଡହତା ପଞ୍ଚାୟତର ୧୩୭, ଲୁଡୁରପଙ୍କ ପଞ୍ଚାୟତର ୫୧, ମୁର୍ଚ୍ଛିଁ ପଞ୍ଚାୟତର ୧୨୩, ପିତାମହୁଲନ ପଞ୍ଚାୟତର ୮୯, ସଂଗ୍ରାମପୁର ପଞ୍ଚାୟତର ୩୭, ସୁବଳୟା ପଞ୍ଚାୟତର ୫୧ ଓ ଉଫୁଲା ପଞ୍ଚାୟତର ୮୩ ଜଣ ହିତାଧିକାରୀଙ୍କୁ ଭିନ୍ନକ୍ଷମ ଭତ୍ତା, ବାର୍ଦ୍ଧକ ଭତ୍ତା ଓ ଅବିବାହିତ ଭତ୍ତା ପ୍ରଦାନ କରାଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଳତା ମିଶ୍ର ପ୍ରକାଶ କରିଛନ୍ତି।

# କ୍ଷତିପୂରଣ ଦାବି କଲେ ବିସ୍ଥାପିତ



ଜିଲାପାଳଙ୍କୁ ଫେରାଦ ହୋଇଥିବା ବିସ୍ଥାପିତମାନେ ।

ବରଗଡ଼,୧୪।୮(ପ୍ରେମାନନ୍ଦ ଖମାରୀ)

ହୀରାକୁଦ ଏବଂ ଡେବ୍ରିଗଡ଼ ଅଭୟାରଣ୍ୟର ବିସ୍ଥାପିତମାନଙ୍କୁ ଏପର୍ଯ୍ୟନ୍ତ ସେମାନଙ୍କ ବକେୟା କ୍ଷତିପୂରଣ ମିଳିନାହିଁ। ଏଭଳି ଅଭିଯୋଗ ନେଇ ସୋମବାର ବିସ୍ଥାପିତମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏ ନେଇ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତଙ୍କ ଉତ୍ତରାଧିକାରୀମାନେ ଡେବ୍ରିଗଡ଼ ଅଭୟାରଣ୍ୟରେ ରହୁଥିଲେ। ସେଠାରୁ ସେମାନଙ୍କୁ ପୁଣି ବିସ୍ଥାପିତ କରାଯାଇଛି। ଦ୍ୱିତୀୟଥର ବିସ୍ଥାପିତ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସେମାନଙ୍କୁ ସେମାନଙ୍କ ନ୍ୟାୟୋଚିତ ସାମ୍ବିଧାନିକ, ମାନବିକ ଅଧିକାର ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସବୁ ବିସ୍ଥାପିତଙ୍କୁ ଆବଣ୍ଟିତ ହେବାକୁ ଥିବା ଘରଡ଼ିହ ଜମିପଟ୍ଟା ଚିହ୍ନଟ ହୋଇ ପାରି ନ ଥିବାବେଳେ ଅନେକ ଯୋଗ୍ୟ ବିସ୍ଥାପିତଙ୍କୁ ଏପର୍ଯ୍ୟନ୍ତ ସେମାନଙ୍କ କ୍ଷତିପୂରଣ ମିଳିପାରି ନ ଥିବା ଅଭିଯୋଗ ହୋଇଛି। ସେହିପରି ବର୍ଷାଦିନେ ଆବାସ ଗୃହ ନିର୍ମାଣରେ ଅସୁବିଧାର ସମ୍ମୁଖୀନ ହେଉଥିବା ଯୋଗୁ ଏହାର ଅବଧି ମଧ୍ୟ ବୃଦ୍ଧି କରିବା ପାଇଁ ଦାବି ହୋଇଛି। ୨୦୨୨ ମାର୍ଚ୍ଚ ମାସକୁ ବିସ୍ଥାପନ ତାରିଖ ସମୟ ରଖି ଏହି ତାରିଖ ସୁଦ୍ଧା ଜନ୍ମିତ ସମସ୍ତ ଶିଶୁଙ୍କୁ ମଧ୍ୟ ବିସ୍ଥାପିତ ତାଲିକାଭୁକ୍ତ କରି ଆନୁପାତିକ କ୍ଷତିପୂରଣ ପ୍ରଦାନ, ବିଦ୍ୟୁତ୍ ବିଲ୍ ଛାଡ଼ କରିବା ଏବଂ ନଦୀବନ୍ଧରେ ମାଛ ମାରିବାକୁ ଅନୁମତି ଦେବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ବର୍ତ୍ତମାନ କୁରୁମକେଲ ପୁନର୍ବାସ ବିସ୍ଥାପନ କଲୋନୀରେ ରହୁଥିବା ବବିତା ନାଏକଙ୍କ ସମେତ ଅନେକ ବିସ୍ଥାପିତ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସକୁ ଆସିଥିଲେ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର



ସମାରୁଙ୍କ ପୁଅ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରୁଛନ୍ତି।

- ଲୁମୁରୁଜନା ସମାରୁ ଗେଜ ହତ୍ୟା ମାମଲା
- ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି

ବାଉଁଶୁଣୀ, ୧୪।୮(ଦେବାଶୀଷ ନେପାକ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଲୁମୁରୁଜନା ଗ୍ରାମରେ ଶୁକ୍ରବାର ଘଟିଥିବା ସମାରୁ ଗେଜ ହତ୍ୟା ମାମଲାରେ ପୋଲିସର ନିଷ୍କ୍ରିୟତା ବିରୋଧରେ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୃତକଙ୍କ ପରିବାର। ବୌଦ୍ଧ ବ୍ଲକ କାର୍ଯ୍ୟାଳୟଠାରେ ଚାଲିଥିବା ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ମୃତ ସମାରୁଙ୍କ ପୁଅ ଏ ନେଇ ଲିଖିତ ଅଭିଯୋଗ କରିଥିବା ଦେଖିବାକୁ ମିଳିଥିଲା। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ହତ୍ୟାକାଣ୍ଡରେ ୬ଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ପରିବାର ପକ୍ଷରୁ ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାତ୍ର ଜଣେ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଆଉ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଅନ୍ୟ ୪ ଅଭିଯୁକ୍ତଙ୍କୁ ବର୍ତ୍ତମାନ ସୁଦ୍ଧା ପୋଲିସ ପଚରାଉଚୁରା ମଧ କରି ନ ଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଏ ସମ୍ପର୍କରେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନମୁଣ୍ଡା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

## ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରକ୍ତଦାନ ଶିବିର

ବୌଦ୍ଧ, ୧୪।୮(ଅଜିତ କୁମାର ବାରିକ)

ବୌଦ୍ଧ ରାମଲୀଳା ନାଟ୍ୟ ସଂସଦର ପୂର୍ବତନ ଗୁରୁ ସ୍ୱର୍ଗତ ଭୀକାରି ଚରଣ ନାୟକଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ସୋମବାର ବୌଦ୍ଧ ସହରର ରଘୁନାଥ ମନ୍ଦିର ପ୍ରାଙ୍ଗଣଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନମୋହନ ପାତ୍ର, ସମ୍ମାନିତ ଅତିଥିଭାବେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ସଂଘମିତ୍ରା ପଣ୍ଡା ଓ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ତଥା ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

# ପାଲା ମାଧ୍ୟମରେ ପୋଷଣ ସଚେତନତା

ଘଣ୍ଟାପଡ଼ା, ୧୪।୮(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନାରାୟଣ ପ୍ରସାଦ ଗ୍ରାମପଞ୍ଚାୟତଠାରେ କଣ୍ଟାମାଳ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ପୋଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ନାରାୟଣପ୍ରସାଦ ଗ୍ରାମର ଜନସାଧାରଣ ଯୋଗ ଦେଇଥିଲେ। ଶିଶୁର ଖାଦ୍ୟ, ଯତ୍ନ ଯଥା ଜନ୍ମ ପରେ କଷ କ୍ଷୀରଠାରୁ ଆରମ୍ଭ କରି ଶିଶୁ ଜନ୍ମର ୨ବର୍ଷ ପର୍ଯ୍ୟନ୍ତ ଯାହା କିଛି ଦରକାର ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ପୋଷଣ ଅଭାବରୁ କଣ ହୁଏ ଏବଂ ସ୍ୱଚ୍ଛ ଭାରତ ଉପରେ ମଧ ଲୋକମାଙ୍କୁ ସଚେତନ କରାଯାଇଥିଲା।



ପାଲା ମାଧ୍ୟମରେ ପୋଷଣତତ୍ତ୍ୱ ସମ୍ପର୍କରେ ସଚେତନ କରାଯାଉଛି।

# ପୋଲରେ ଘାଇ, ହେଉନି ମରାମତି

- ସ୍ଥାୟୀ ମରାମତି ପାଇଁ ଦାବି
- ଜିଲାପାଳଙ୍କୁ ଫେରାଦ ହେଲେ
- ଦାବି ପୂରଣ ନ ହେଲେ ଅନଶନ

ବରଗଡ଼,୧୪।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଘେଁସାଲି ନଦୀ ଉପରେ ରହିଥିବା ପୋଲରେ ଘାଇ ସୃଷ୍ଟି ହୋଇଛି। ଗତ ବର୍ଷାରେ ମାତ୍ରାଧିକ ବନ୍ୟାଜଳ ଯୋଗୁ ଏଭଳି ଅବସ୍ଥା ହୋଇଛି। ତେବେ ଏପର୍ଯ୍ୟନ୍ତ ଏହାର ମରାମତି କରାଯାଉ ନ ଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅଭିଯୋଗ ନେଇ ଘାଇ ସ୍ଥାନକୁ ତୁରନ୍ତ ମରାମତି ଦାବିରେ ସୋମବାର ଅଞ୍ଚଳବାସୀ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ ।

ଘେଁସାଲି ନଦୀ ଉପରେ ୨୦୧୨ରୁ ପୋଲ ନିର୍ମାଣ ହୋଇଥିଲା। ଏହି ପୋଲ ଉପରେ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଚିଖିଲି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ମାତ୍ର ଗତ ୨ତାରିଖ ବନ୍ୟାଜଳରେ ପୋଲରେ ଘାଇ ସୃଷ୍ଟି ହୋଇଥିବା ଯୋଗୁ ଯାତାୟାତ କ୍ଷେତ୍ରରେ ସ୍ଥାନୀୟ ଲୋକେ ହଟହଟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସ୍ଥାନରେ ୩ଥର ଘାଇ ସୃଷ୍ଟି ହୋଇ ସାରିଲାଣି ଏବଂ ବାରମ୍ବାର ଲୋକେ ସେଥିପାଇଁ ଅସୁବିଧା ଭୋଗୁଥିବା କହିଛନ୍ତି। ପୋଲରେ ଯେଭଳି ଘାଇ ସୃଷ୍ଟି ନ ହେବ, ସେଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଏ ଦିଗରେ କିଛି ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀ ଅନଶନ କରିବାକୁ ବାଧ୍ୟ ହେବେ ବୋଲି ସମ୍ପତି ବରିହା, ଲାଲୁ ବରିହାଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଜାତୀୟ ପତାକା ବିତରଣ

ରାଉରକେଲା (ଦିନେଶ ମିଶ୍ର): ଛେଣ୍ଡସ୍ଥିତ ଦି ମିରର ଅନୁଷ୍ଠାନ ପକ୍ଷରୁ ସଭାପତି ବିଶ୍ୱଜିତ ରାଉତଙ୍କ ଅଧ୍ୟକ୍ଷତାରେ ସୋମବାର ଜାତୀୟ ପତାକା ବିତରଣ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତା ଲାଠିକଟା ସ୍ଥିତ ବ୍ଲାଇଣ୍ଡ ସ୍କୁଲକୁ ଯାଇ ବିଦ୍ୟାର୍ଥୀଙ୍କୁ ମାଗଣାରେ ଜାତୀୟ ପତାକା ବିତରଣ କରିଥିଲେ। ଏଥିସହ ଦେଶ ପାଇଁ ବଳିଦାନ ଦେଇଥିବା ବୀର ଯବାନମାନଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥିରେ ଅନୁଷ୍ଠାନର ଲଳିତା ମିଞ୍ଜ, ରାଜ ନନ୍ଦନି, ସିକନ୍ଦର ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି କ'ଣ କେଉଁଠି

ରାଉରକେଲା
- ବୈଦ୍ୟନାଥ ଧାମ ଯାତ୍ରା ଆରମ୍ଭ, ସେକ୍ଟର-୨, ଅପରାହ୍ନ ୧ଟା।
- ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ, ଉଦିତନଗର ପରେଡ଼ ପଡ଼ିଆ, ସକାଳ ୯ଟା ୧୫ ।
- ଆର୍‌ଏସ୍‌ପି ପକ୍ଷରୁ ସ୍ୱାଧୀନତା ଦିବସ, ସେକ୍ଟର-୬ ଷ୍ଟାଡ଼ିୟମ, ସକାଳ ୯ଟା।

### ସଂକ୍ଷେପରେ

## ଚେୟାରରୁ ପଡ଼ି ମୃତ

ରାଉରକେଲା, ୧୪।୮ (ସଙ୍ଗୀତା ଜେନା): ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଲୁଙ୍ଗେଇ ଗ୍ରାମର ବେୱାରୀ ଖାଖା ରବିବାର ରାତିରେ ଚେୟାରରୁ ଖସି ପଡ଼ିଥିଲେ। ତାଙ୍କୁ ତୁରନ୍ତ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭୮।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ସୋମବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ଜେଲରେ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା, ୧୪।୮ (ସଙ୍ଗୀତା ଜେନା): ରାଉରକେଲା ସ୍ଥିତ ପ୍ଲେସ ଅଫ୍ ସେଫ୍ଟିରେ ୱାଇଆର୍‌ଜି କେୟାର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ରାଉରକେଲା ଜେଲରେ ସୋମବାର ଅନୁଷ୍ଠିତ ହୋଇଛି। ୱାଇଆର୍‌ଜି କେୟାରର ଜିଲା ଅଧିକାରୀ ସଂଗ୍ରାମ ପରିଡ଼ାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ଦୀପ୍ତି ମଞ୍ଜରୀ ପ୍ରଧାନ ଓ ନିର୍ମଳା ପଣ୍ଡା ଯୋଗଦେଇ ଜୁଭେନାଇଲ ହୋମ୍‌ର ଅନ୍ତେବାସୀଙ୍କୁ ଏଡ୍ସ, ଯକ୍ଷ୍ମା ରୋଗର କାରଣ, ନିରାକରଣ ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଗୌରୀ ପଣ୍ଡା ଓ ସୁଶାନ୍ତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୋଲେରୋ ଧକ୍କାରେ ବାଇକ୍ ଚାଳକ ଗୁରୁତର

ରାଉରକେଲା, ୧୪।୮ (ଦିନେଶ ମିଶ୍ର) ଉଦିତନଗର ଥାନା ଅନ୍ତର୍ଗତ ଡିଏଭି ଛକରେ ଏକ ବୋଲେରୋ ଧକ୍କା ଦେବାରୁ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଉଜଳ ତନ୍ତୀ(୨୫)। ଛେଣ୍ଡ କଲୋନୀର ଉଜଳ ସୋମବାର ସକାଳ ସାଢେ ୧୦ଟାରେ ବାଇକ୍ (ନଂ.ଓଆର୧୪ଭି/୪୬୨୪) ଯୋଗେ ଉଦିତନଗରରୁ ମାର୍କେଟିଂ କରି ଘରକୁ ଫେରୁଥିଲେ। ଏହି ସମୟରେ ଡିଏଭି ଛକ ନିକଟରେ ଏକ ବୋଲରୋ (ନଂ.ଓଡି୧୪ଏ/୨୧୮୫) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ବୋଲରୋ ଚକାତଳେ ଚାପି ହୋଇଯାଇଥିଲା। ବାଇକ୍ ଚାଳକ ରାସ୍ତା ଉପରେ ଛିଟିକି ପଡିବାରୁ ତାଙ୍କ ମୁଣ୍ଡ ଓ ଗୋଡରେ୍ ଜୋରରେ ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ଆର୍‌ଜିଏଚ୍ ଓ ପରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## କଫ୍ ସିରପ୍ ଜବତ, ଜଣେ ଗିରଫ

ରାଉରକେଲା, ୧୪।୮ (ସଙ୍ଗୀତା ଜେନା): ପ୍ଲାଣ୍ଟସାଇଡ୍ ଥାନା ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡରୁ ୨ଶହ ବୋତଲ କଫ ସିରପ୍ ଜବତ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସମ୍ବଲପୁର ଝାଡୁଆପଡ଼ାର ସୁରଜ ବଗର୍ତ୍ତା(୨୫)। ଅଭିଯୁକ୍ତ ବଡବିଲକୁ କଫ୍ ସିରପ୍ ମାଗଇ ବେଆଇନ ଭାବେ ବ୍ୟବସାୟ କରୁଥିଲେ। ସୂଚନା ପାଇ ପୋଲିସ ବସ୍‌ଷ୍ଟାଣ୍ଡରେ ଚଢ଼ାଉ କରିଥିଲା । ଏ ନେଇ ଏକ ମାମଲା (ନଂ.୨୭୬।୨୩) ରୁଜୁ କରି ସୁରଜଙ୍କୁ କୋର୍ଟ ଚାଲାଣ କରାଯାଇଛି।



୭୭ତମ ସ୍ୱାଧୀନତା ଦିବସ ଉପଲକ୍ଷେ ରାଉରକେଲା ବିଶ୍ରା ଛକରେ ସୋମବାର ଯବାନମାନେ ବିଶାଳ ଶୋଭାଯାତ୍ରାରେ ବାହାରିଛନ୍ତି। (ଫଟୋ: ସଙ୍ଗୀତା)

# ଆଜାଦୀ କା ଅମୃତ ମହୋତ୍ସବରେ ତ୍ରିରଙ୍ଗା ଯାତ୍ରା

ରାଉରକେଲା, ୧୪।୮ (ସଙ୍ଗୀତା ଜେନା)

ଆଜାଦୀ କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ସୋମବାର ରାଉରକେଲା ମୁଖ୍ୟ ମାର୍ଗରେ ଏକ ବିଶାଳ ତିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସିଆରପିଏଫ୍ ୧୯ ବାଟାଲିୟନ୍ ସଲାମୀ ଦେଇ ତ୍ରିରଙ୍ଗା ଯାତ୍ରା ଆରମ୍ଭ କରିଥିଲେ। ଉକ୍ତ ଶୋଭାଯାତ୍ରା ଇଣ୍ଡଷ୍ଟ୍ରିଆଲ ଏରିଆରେ ଥିବା ବାଟାଲିୟନ ବ୍ୟାରେକରେ ଶେଷ ହୋଇଥିଲା। ଶ୍ରମ ମନ୍ତ୍ରୀ ଶାରଦା ନାୟକ, ପୂର୍ବତନ ନଗରପାଳ ନିହାର ରାୟ, ଚ୍ୟାମ୍ବର ଅଫ୍ କମର୍ସର ସଭାପତି ସୁନୀଲ କୟାଲ, ସମ୍ପାଦକ ପ୍ରଭାତ ଟିବ୍ରିୱାଲ, ସୁରେଶ ଶର୍ମା, ଗୁରିନ୍ଦର ସିଂ, ରୋହିତ ଗର୍ଗ, ଉଷା ଅଗ୍ରୱାଲଙ୍କ ସମେତ ଶତାଧିକ ସମାଜସେବୀ ଶୋଭାଯାତ୍ରରେ ଅଂଶଗ୍ରହଣ କରିଥିଲେ। ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ, ମିଥିଳା ବିଦ୍ୟାପତି ପରିଷଦ, ଅନନ୍ତ ଉଦୟ ଚାରିଟେବୁଲ ଟ୍ରଷ୍ଟ, ରୋଟାରୀ କ୍ଲବ ଅଫ୍ ରାଉରକେଲା କୁଇନ୍ସ, ରୋଟାରୀ କ୍ଲବ ଅଫ୍ ସ୍ମାର୍ଟସିଟି, ରୋଟାରୀ କ୍ଲବ ଅଫ୍ ରାଉରକେଲା ରୟାଲ୍ସ, ବେଦବ୍ୟାସ ଟ୍ରକ ଓନର ଆସୋସିଏଶନ, ରାଉରକେଲା ଟ୍ରକ ଓନର ଆସୋସିଏଶନ, ରାଉରକେଲା ମାଇନିଂ ଟ୍ରକ ଏଣ୍ଡ ଟିପର ଆସୋସିଏଶନ, ମାରୱାଡ଼ି ମହିଳା ମଞ୍ଚ, ରାଉରକେଲା ମାଇନରିଟି ଫୋରମ ସମେତ ବହୁ ସାମାଜିକ ଅନୁଷ୍ଠାନ ଯୋଗଦେଇ ତିରଙ୍ଗାର ମହିମା ଗାନ କରିଥିଲେ।



ଶୋଭାଯାତ୍ରାରେ ମନ୍ତ୍ରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଗଣ।

# ମ୍ୟାପିଂ ଦି ପାଷ୍ଟ ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରାଉରକେଲା, ୧୪।୮ (ବିପ୍ଳବ ରଞ୍ଜନ ଦାଶ)

ଜାତୀୟ ଅଭିଲେଖାଗାର ପୂର୍ବତନ ଉପନିର୍ଦ୍ଦେଶକ ତଥା ଓଡିଶା ହାଇକୋର୍ଟର ନ୍ୟାୟିକ ଅଭିଲେଖାଗାର ନିର୍ଦ୍ଦେଶକ ଡାକ୍ତର ଲଲାଟେନ୍ଦୁ ଦାସ ମହାପାତ୍ରଙ୍କ ଲିଖିତ ପୁସ୍ତକ 'ମ୍ୟାପିଂ ଦି ପାଷ୍ଟ' ପୁସ୍ତକ ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ରବିବାର ଲୋକାର୍ପିତ ହୋଇଛି। ଏହି ଅବସରରେ ସଂଘ ଉପସଭାପତି ରଶ୍ମୀରଞ୍ଜନ ବୋଇତାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ଯୋଗ ଦେଇଥିଲେ। ମୁଖ୍ୟ ଆଲୋଚକ ଭାବେ ପ୍ରାଧ୍ୟାପକ ଡାକ୍ତର ପ୍ରଭାତ କୁମାର ମଲ୍ଲିକ ଯୋଗଦେଇ ପୁସ୍ତକ ସମୀକ୍ଷା କରିଥିଲେ। ଡ. ଦାସ ମହାପାତ୍ର ବୈଜ୍ଞାନିକ ପଦ୍ଧତିରେ ଓଡିଶାର ଐତିହାସିକ ଉପାଦାନଗୁଡିକ ଉପଯୋଗ କରି ଅତ୍ୟନ୍ତ ଉପାଦେୟ ପୁସ୍ତକ ରଚନା କରିଥିବାରୁ ବକ୍ତାମାନେ ତାଙ୍କର ପ୍ରଶଂସା କରିବା ସହ ଏହି ପୁସ୍ତକ ଓଡିଶା ଇତିହାସରେ ଗବେଷଣାରତ ପ୍ରତ୍ୟେକଙ୍କ ପାଇଁ ଉପଯୋଗୀ ହେବ ବୋଲି ଆଶାପୋଷଣ କରିଥିଲେ। ଅଧାପକ ଡ. ନଗେନ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମଣ ନାଥ, ଅରବିନ୍ଦ ପାତ୍ର, ଘନଶ୍ୟାମ ଧଳ, ଇନ୍ଦ୍ରମଣି ମହାପାତ୍ର, ପରୀକ୍ଷିତ ଗୁରୁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଶତାଧିକ ସାହିତ୍ୟ ପ୍ରେମୀ ଯୋଗଦାନ କରିଥିଲେ।



ସୁନ୍ଦରଗଡ଼ ମୁଖ୍ୟଡାକଘର ସମ୍ମୁଖରେ ଡାକ ବିଭାଗ ପକ୍ଷରୁ ଜାତୀୟ ପତାକା ବିକ୍ରି ହେଉଛି। ଫଟୋ- ଜୟ ନାରାୟଣ ମେଣ୍ଡୁଲି।

## ଟ୍ରକ୍ ଡ୍ରାଇଭର ଗିରଫ

ରାଉରକେଲା, ୧୪।୮ (ସଙ୍ଗୀତା ଜେନା)

ରଘୁନାଥପାଲି ଥାନା ଅଞ୍ଚଳରେ ସୋମବାର ପାଟ୍ରୋଲିଂ ବେଳେ ଜଣେ ମଦ୍ୟପ ଟ୍ରକ୍ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ଗିରଫ ଡ୍ରାଇଭର ବିରମିତ୍ରପୁରର ଡୋମାନିକ କୁଜୁର। ସେ ଏକ ଟ୍ରକ୍ (ନଂ.ଓଡ଼ି୦୯ଭି/୫୦୬୬) ନେଇ ଯାଉଥିବା ବେଳେ ଏକ ଷଣ୍ଢକୁ ଧକ୍କା ଦେଇ ପୋଲିସ ହାତରେ ଧରାପଡ଼ିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୩।୨୩) ରୁଜୁ କରି ତଦନ୍ତ କରୁଛି।

## ବିଶ୍ୱକର୍ମା ମନ୍ଦିର ଭୂମିପୂଜନ

ରାଉରକେଲା, ୧୪।୮ (ସଙ୍ଗୀତା ଜେନା)

ସୋମବାର ପୂର୍ବାହ୍ନରେ ସେକ୍ଟର-୩ ସ୍ଥିତ ଶ୍ରୀ ଶ୍ରୀ ଅହିରାବନ୍ଧ ଜଗନ୍ନାଥ ମନ୍ଦିରର ବାମ ପାର୍ଶ୍ୱରେ ବିଶ୍ୱକର୍ମା ମନ୍ଦିରର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଏହାର ଭୂମିପୂଜନ କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ସୁଧୀର ସୁନ୍ଦର ରାୟ, ରଜତ ଚୌଧୁରୀ, ମିତ୍ରଭାନୁ ପଣ୍ଡା, ବିଜୟ ପତ୍ରୀ, ସେବାୟତ ନିଯୋଗର ସଂଘର ସଭାପତି ପ୍ରକାଶ ଚନ୍ଦ୍ର ଦାସ, ମନ୍ଦିର ଷ୍ଟିଅରିଂ କମିଟି ବିକାଶ ଚୌଧୁରୀ ରାମଚନ୍ଦ୍ର ଗୌଡ଼, କାର୍ତ୍ତିକ ଖଣ୍ଡୁଆଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମନ୍ଦିରର ବଡ଼ପଣ୍ଡା ତ୍ରିନାଥ ପାଢ଼ୀ ଭୂମିପୂଜନ ବିଧି ସମ୍ପନ୍ନ କରିଥିଲେ। ଏହି ଅବସରରେ ବିଧାୟକ ତରାଇ ମନ୍ଦିରର ସମସ୍ତ ବିକାଶମୂଳକ କାର୍ଯ୍ୟ ସହ ଆଗାମୀ ଦିନର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

# ଉତ୍କଳମଣି ଗୋପବନ୍ଧୁ ଭେଣ୍ଡିଂ ଜୋନ୍ ଉଦ୍‌ଘାଟିତ

ରାଉରକେଲା, ୧୪।୮ (ଦିନେଶ ମିଶ୍ର)

ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ ଥଇଥାନ କରିବାକୁ ନେଇ ଆର୍‌ଏମ୍‌ସି ପକ୍ଷରୁ ବାସନ୍ତୀ କଲୋନୀ ଡିଏଭି ଛକ ନିକଟରେ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଥିଲା। ଏହି ମାର୍କେଟରେ ବ୍ୟବସାୟୀମାନେ ଦୋକାନ ପାଇବା ପରେ ଏହାକୁ ଉତ୍କଳମଣି ଗୋପବନ୍ଧୁ ଭେଣ୍ଡିଂ ଜୋନ ମାର୍କେଟ କମ୍ପ୍ଲେକ୍ସ ନାମରେ ନାମିତ କରିଥିଲେ। ଏହି ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସକୁ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୋମବାର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ହାଲୁ ମୁଣ୍ଡାରୀ, ମଣ୍ଡଳ ସଭାପତି ଗଗନ ପଣ୍ଡା, ଜୟନ୍ତ ମିଶ୍ର ଏବଂ ଆଇନଜୀବୀ ସୁଦାମ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମାର୍କେଟରେ କିଭଳି ଶୀତଳ ପାନୀୟ ଜଳ ସହ ଦୋକାନକୁ ବିଦ୍ୟୁତ୍ ସଂଯୋଗୀକରଣ ହୋଇପାରିବ ସେ ନେଇ ମନ୍ତ୍ରୀ ନାୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉତ୍କଳମଣି ଗୋପବନ୍ଧୁ ମାର୍କେଟ କମିଟି ସଭାପତି ଦେବବ୍ରତ ସିଂ, ସୁବାଷ ଚନ୍ଦ୍ର ନାୟକ, ଶୁଶାନ୍ତ ବାରିକ, କହରା ଜେନା, ସୁକାନ୍ତି ଲତା ମଲ୍ଲିକ, ମାନସ ସୁବୁଦ୍ଧି, ବୈଷ୍ଣବ ପରିଜା ପ୍ରମୁଖ ସହଯୋଗ କରିଥିଲେ।

# ୧୫ ଶ୍ରମିକଙ୍କୁ ମନ୍ତ୍ରୀ ବାଣ୍ଟିଲେ ଶ୍ରମକାର୍ଡ

ରାଉରକେଲା, ୧୪।୮ (ଦିନେଶ ମିଶ୍ର)

ଅଣସଙ୍ଗଠିତ ଓ ନିର୍ମାଣ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ନେଇ ନାଲାରୋଡ୍ ମାର୍କେଟରେ ସୋମବାର ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକମାନଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ଓ ସୁଯୋଗର ଫାଇଦା ନେବା ପାଇଁ ମନ୍ତ୍ରୀ ନାୟକ ଆହ୍ୱାନ ଦେଇଥିଲେ। ଶିବିରରେ ୧୫ ଜଣ ଶ୍ରମିକଙ୍କୁ ଶ୍ରମକାର୍ଡ ପ୍ରଦାନ କରାଯାଇଥିଲା। ୨ଶହ ନିର୍ମାଣ ଶ୍ରମିକଙ୍କୁ ଲିଫଲେଟ ଓ ନିୟମାବଳୀ ବିତରଣ କରାଯାଇଥିଲା। ଏଥିସହ କାର୍ଡ ନବୀକରଣ, ନୂତନ କାର୍ଡ ପଞ୍ଜୀକରଣ ବିଷୟରେ ଅବଗତ କରାଯାଇଥିଲା। ରାଉରକେଲା ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ଜେନା ଓ ଜିଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ, ଶ୍ରମ ଅଧିକାରୀ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ଦିନରେ ସହରର ବିଭିନ୍ନ ବଜାର ସ୍ଥାନରେ ଏଭଳି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଶ୍ରମ ଅଧିକାରୀ ନାୟକ ସୂଚନା ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ଦେଶ ବିଭାଜନ ରକ୍ତରଞ୍ଜିତ ଦିବସ ପ୍ରଦର୍ଶନୀ ଉଦ୍‌ଘାଟିତ

ରାଉରକେଲା, ୧୪।୮ (ସଙ୍ଗୀତା ଜେନା)

ଅଗଷ୍ଟ ୧୫ ତାରିଖରେ ଆମ ଦେଶ ସ୍ୱାଧୀନ ହୋଇଥିଲା। ତେବେ ଏହା ପୂର୍ବରୁ ଦେଶ ବିଭାଜନ ହେବାର କରୁଣ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ସ୍ମୃତିକୁ ମନେ ପକାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟ ରେଲୱେ ଷ୍ଟେଶନମାନଙ୍କରେ ସୋମବାର ଦେଶ ବିଭାଜନ ରକ୍ତରଞ୍ଜିତ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦକ୍ଷିଣ ପୂର୍ବ ରେଳପଥ ଅନ୍ତର୍ଗତ ଚକ୍ରଧରପୁର ରେଳ ମଣ୍ଡଳ ରାଉରକେଲା, ଝାରସୁଗୁଡ଼ା, ଟାଟାନଗର, ଚକ୍ରଧରପୁର ସମେତ ଅନ୍ୟ ରେଲୱେ ଷ୍ଟେଶନରେ ଦେଶ ବିଭାଜନର ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଛି। ରାଉରକେଲା ଷ୍ଟେଶନରେ ଆୟୋଜିତ କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ କ୍ରିଷ୍ଣା ରାଓ ଓ ବନ୍ଧମୁଣ୍ଡା ଏଆରଏମ୍ ରାଜକିଶୋର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାସ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ୱେଲଫେୟାର ଇନ୍ସପେକ୍ଟର ପି. ସିହ୍ନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କଳାକାରମାନଙ୍କ ଦ୍ୱାରା ପାର୍ଟିଶନର କରୁଣ ଦୃଶ୍ୟଗୁଡ଼ିକ ପରିବେଷଣ କରାଯାଇଥିଲା। ମଙ୍ଗଳବାର ଏହି ପ୍ରଦର୍ଶନୀ ଉଦ୍‌ଯାପିତ ହେବ।

# ଯୋଜନା, ସମନ୍ୱୟ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସୁନ୍ଦରଗଡ, ୧୪।୮ (ଜୟ ନାରାୟଣ ମେଣ୍ଡୁଲି)

ଜିଲା ସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗ ଦେବାକୁ ଥିବା ଯୋଜନା ଏବଂ ସମନ୍ୱୟ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ସୋମବାର ସନ୍ଧ୍ୟାରେ ସୁନ୍ଦରଗଡରେ ପହଞ୍ଚିଥିଲେ। ସେଠାରେ ଜିଲାର ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସ୍ଥାନୀୟ ସାର୍କିଟ ହାଉସଠାରେ ବିଜେଡି ପକ୍ଷରୁ ମନ୍ତ୍ରୀ ଢୋଲକିଆଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଜିଲା ବିଜେଡି ସଭାପତି ଡ. ବିନୟ ଟପ୍ପୋ, ଉପସଭାପତି ଜୟ ନାରାୟଣ ତ୍ରିପାଠୀ, ଉପସଭାପତି ବେଣୁଧର ତାଣ୍ଡିଆ, ଟାଉନ ବିଜେଡି ସଭାପତି ତଥା ଉପନଗରପାଳ ଲଲାଟ ପରିଡା, ଜିଲା ବିଜେଡି ସମ୍ପାଦକ ପଞ୍ଚା ବାର୍ଲା, ଜିଲା କୃଷକ ସେଲ ସମ୍ପାଦକ ସୁନୀଲ ମହାପାତ୍ର, କାଉନସିଲର ଅନିଲ ମହାପାତ୍ରଙ୍କ ସହିତ ଅନେକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଅଜିତ ଖାଡିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାଉରକେଲା, ୧୪।୮ (ଦିନେଶ ମିଶ୍ର)

ବାସନ୍ତୀ କଲୋନୀସ୍ଥିତ ଡିଏଭି ପଡିଆରେ ୨୩ତମ ଅଜିତ ଖାଡିଆ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ଡକ୍ଟର ବାବା ସାହେବ ଆମ୍ବେଦକର କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିଚନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମାଜସେବୀ ସୁକାନ୍ତ ସ୍ୱାଇଁ ମୁଖ୍ୟ ଅତିଥି, ପରୀକ୍ଷିତ ସାଗର, ଗଙ୍ଗା ଜେନା, ପ୍ରକାଶ ସେଠୀ, ରମେଶ ଜେନା, ସଞ୍ଜୟ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍ ଆର୍‌ଏନ୍ କ୍ଲବ ଓ ଓରାମ ବ୍ରଦର୍ସ ମଧ୍ୟରେ ଖେଳାଯାଇଥିଲା। ଉଭୟ ଦଳ କେହି କାହାରିକୁ ଗୋଲ କରି ନ ପାରିବାରୁ ପେନାଲ୍‌ଟି ଶୁଟ୍ ଦ୍ୱାରା ଓରାମ ବ୍ରଦର୍ସ ୪-୧ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଏସ୍‌ଏସ୍ କ୍ଲବ ସହିତ ଆଇଏନ୍‌ଜି ଗ୍ରୁପ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏସ୍‌ଏସ୍ କ୍ଲବ ୨-୦ ଗୋଲରେ ଆଇଏନ୍‌ଜି କ୍ଲବକୁ ପରାସ୍ତ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ଉଦିତନଗର ଦଳ ସହ ଡିଏଭି ହଷ୍ଟେଲ ମଧ୍ୟରେ ହୋଇଥିଲା। ଏଥିରେ ଉଦିତନଗର ୫-୧ ଗୋଲରେ ବିଜୟୀ ହୋଇଥିଲା। ରେଫରି ସୁନୀଲ କୁମ୍ଭାର, ଅଜୟ ଖଡିଆ, ଆକାଶ ଖଡିଆ, ସୁବାଷ କେରକେଟ୍ଟା ଖେଳ ପରିଚାଳନା କରିଥିଲେ। ଆମ୍ବେଦକର କ୍ଲବ ପକ୍ଷରୁ ଅର୍ଜୁନ ଖାଡିଆ, ଲାଲ ସିଂ ଖାଡିଆ, ସୂର୍ଯ୍ୟ ହାସଁଦା, ରମେଶ ଖାଡିଆ, କିରନ ହାସଁଦା ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିଗଣ।

# ସଂଗ୍ରାମୀ ବରପୁତ୍ରଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଯୁବବର୍ଗଙ୍କୁ ଆହ୍ୱାନ

### ସରକାରୀ କଲେଜରେ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ

ସୁନ୍ଦରଗଡ, ୧୪।୮ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ କଲେଜରେ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେଶ ସ୍ୱାଧୀନତା ଆନ୍ଦୋଳନରେ ଏହି ମାଟିର ସଂଗ୍ରାମୀ ବରପୁତ୍ରଙ୍କ ଅବଦାନ ଶୀର୍ଷକରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧକ୍ଷ ଡ.ଲଳିତରଞ୍ଜନ ସାହୁ ଏହି ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ଯୁବବର୍ଗଙ୍କ ମଧ୍ୟରେ ଗଭୀର ଜାତୀୟତାବୋଧ ଓ ଦେଶ ପ୍ରେମ ସୃଷ୍ଟିରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଆଲୋଚକଭାବେ ବିଶିଷ୍ଟ ଐତିହାସିକ ତଥା ପ୍ରାକ୍ତନ ଅଧକ୍ଷ ଡ. ଗୌରୀଶଙ୍କର ପଟେଲ ଯୋଗଦେଇ ଭାରତୀୟ ପରାଧୀନତାର ଦୀର୍ଘ୧୨ଶହ ବର୍ଷର ସୁଦୀର୍ଘ ଇତିହାସ, ଭାରତର ସଂଗ୍ରାମୀ ବରପୁତ୍ରଙ୍କ ତ୍ୟାଗ, ତିତିକ୍ଷା, ବଳିଦାନ ଆମ ପାଇଁ ସ୍ୱାଧୀନତା ଆଣିପାରିଥିଲା ବୋଲି କହିବା ସହ ବରପୁତ୍ରଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଦେଶ ଓ ମାଟି ପାଇଁ ଅଙ୍ଗୀକାରବଦ୍ଧ ହେବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଆଲୋଚକଭାବେ ବିଶିଷ୍ଟ ଐତିହାସିକ ତଥା ପ୍ରାକ୍ତନ ଇତିହାସ ବିଭାଗ ମୁଖ୍ୟ ଡ. ସରୋଜ କୁମାର ପଟେଲ ଯୋଗଦେଇଥିଲେ। ତତ୍କାଳୀନ ଗାଙ୍ଗପୁର ଗଡଜାତ ବ୍ରିଟିଶ ଶାସନର ଅଧୀନସ୍ଥ ହୋଇ ଏହି ଅଞ୍ଚଳର ଆଦିବାସୀ କୃଷକଙ୍କ ଉପରେ ଅତ୍ୟଧିକ କରଭାର ବୃଦ୍ଧି ପ୍ରତିବାଦରେ ସଂଗ୍ରାମୀ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଜନଆନ୍ଦୋଳନରେ ସୁନ୍ଦରଗଡ ଆମକୋ ସିମକୋ ଠାରେ ସଙ୍ଗଠିତ ଗଣ ନରସଂହାର ଓ ଦେଶ ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀ ନେତା ବୀରବିର୍ସାମୁଣ୍ଡା ଓ ଆଇନଅମାନ୍ୟ ଆନ୍ଦୋଳନରେ ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଲବଣ ସତ୍ୟାଗ୍ରହରେ ଯୋଗଦେଇଥିବା ଅଞ୍ଚଳର ବରପୁତ୍ରଙ୍କ ସଂପର୍କରେ ସେ ଆଲୋଚନା କରିଥିଲେ। କଲେଜ ଜାତୀୟ ସେବା ଯୋଜନା ଅଧିକାରୀ ଅଧାପକ ନୂତନ ଖମାରୀ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀ ଜସ୍ମିନ ମିଶ୍ର ଦେଶାତ୍ମକବୋଧ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର ଅଧାପିକା,ଅଧାପକ, କର୍ମଚାରୀ ଯୋଗଦେଇଥିଲେ।




ବୈଠକରେ ମଞ୍ଚାସୀନ ଅତିଥିଗଣ।

## ସଂକ୍ଷେପରେ

### ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ

ଜମନକିରା,୧୪।୮ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ କେନାଡ଼ିପା ପଞ୍ଚାୟତରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କଲ୍ୟାଣୀ ନାଏକ ମୁଖ୍ୟଅତିଥି ଓ ପିଇଓ ସୁରେନ୍ଦ୍ର କୁଜୁର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ମହଦା, ଧୁଡ଼ିପାଲି, ଡିମିରିମୁଣ୍ଡା, କୁଲୁଣ୍ଡି ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ, ପିଇଓଙ୍କ ସମେତ ଜିଲା ପରିଷଦ ଜୋନ ୨ ସଭ୍ୟା ତନୟା ଧୁରୁଆ ସାମିଲ ହୋଇଥିଲେ। ସାମାଜିକ କର୍ମୀ ସଞ୍ଜୟ ଦେହୁରି, ଫରେଷ୍ଟର ଅଭିନ ସୁନ୍ଦର ବାଘ, ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ମାନସ ଦେହୁରି ଓ ଶମ୍ଭୁନାଥ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ନାକଟିଦେଉଳ,୧୪।୮(ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁସ୍ମିତା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୨ୟ ବର୍ଷ ଛାତ୍ରୀଛାତ୍ର ଓ ସମସ୍ତ କର୍ମଚାରୀ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟାପକ କୌଶିକ ପ୍ରଧାନ, ସଞ୍ଜୟ ପ୍ରଧାନ, ସୁଶାନ୍ତ ନାୟକ, ଅନିତା ପ୍ରଧାନ ଓ ସ୍ୱାଗତିକା ମୁଦୁଲି ବିଦ୍ୟାର୍ଥୀଙ୍କ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଖେଳ ଶିକ୍ଷକ ସୁରେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

କୁଚିଣ୍ଡା,୧୪।୮(ବିରଞ୍ଚି ଦର୍ଦ୍ଦା): କୁଚିଣ୍ଡା କଲେଜରେ ସୋମବାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ କୁଚିଣ୍ଡା ଏନ୍ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ମୁଖ୍ୟଅତିଥି, କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମା, ପ୍ରାଧ୍ୟାପକ ଅମିୟ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶର ଶହୀଦ ଯବାନଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଯାଇ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଥିବା ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବନ୍ଧପାଲି ଗ୍ରାମର ଶହୀଦ ସୁକାନ୍ତ ସାହୁଙ୍କ ପିତା ହୃଦାନନ୍ଦ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଏହା ପୂର୍ବରୁ ସମସ୍ତ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମରୁ ମାଟି ସଂଗ୍ରହ କରାଯାଇ ଅମୃତ କଳସ ସ୍ଥାପନ କରାଯାଇଥିଲା। ଏହାକୁ ଦିଲ୍ଲୀସ୍ଥିତ ଅମୃତ ବାଟିକାରେ ସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି। ଅଧ୍ୟାପିକା ବେଲମତୀ କୁମୁରା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଧଡ଼କ ଚାଲିଛି ନକଲି ବିଦେଶୀ ମଦ କାରବାର

**ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ହାତ ପାଉନାହିଁ**

ସମ୍ବଲପୁର,୧୪।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲାରେ ନକଲି ବିଦେଶୀ ମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ଅବକାରୀ ବିଭାଗ, ଅବକାରୀ ଗୋଇନ୍ଦା ବିଭାଗ ହାତଗଣତି କେତେକ ସ୍ଥାନରେ ଚଢ଼ାଉ କରୁଛି। ବିଶେଷ କରି ଅବକାରୀ କମିଶନର ପକ୍ଷରୁ ତାଗିଦ ହେବାରୁ ଗଞ୍ଜେଇ ଚାଲାଣ ଉପରେ ଫୋକସ୍ କରାଯାଉଛି। ହେଲେ ବେଆଇନ ମଦ, ନକଲି ମଦ କାରବାର ଉପରେ ରୋକ ଲଗାଯାଇ ପାରୁନାହିଁ। ପୂର୍ବରୁ ଟାଉନ ଥାନା ଦେଉଳବନ୍ଧ ଓ ସହର ଉପକଣ୍ଠ ଶାସନ ଥାନା ରାନିଖିଣ୍ଡାରେ ନକଲି ମଦ ତିଆରି କାରଖାନା ଠାବ ହୋଇଥିଲା। ଚଢ଼ାଉ ସମୟରେ ବିଭାଗ ପକ୍ଷରୁ ମଦ ତିଆରି ସ୍ପିରିଟ, ଠିପି, ବୋତଲ, ମଦନିଗମର ଲୋଗୋ ଭଳି ସାମଗ୍ରୀ ଜବତ କରାଯାଇଥିଲା। ପ୍ରାୟ ୨ବର୍ଷରେ ଦୁଇଟି ନକଲି ମଦ କାରଖାନା ଠାବ ହୋଇଥିଲା। ଏହି ଘଟଣାରେ ତଳିଆ କର୍ମଚାରୀ ଓ ଘର ମାଲିକଙ୍କୁ ଗିରଫ କରାଯାଇଥିଲା। ହେଲେ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ହାତ ପାଉ ନାହିଁ।

ଦେଉଳବନ୍ଧ ଘଟଣାରେ ଟାଉନ ଥାନା ଅନ୍ତର୍ଗତ ଫାର୍ମ ରୋଡ୍‌ରେ କାମ କରୁଥିବା କର୍ମଚାରୀ ସନ୍ତୋଷ ଗୁପ୍ତା, ରବି କୁମାର, ରାମ ପ୍ରସାଦ ଯାଦବ, ରାମଜି ଯାଦବ, ମିଥିଲେଶ ଯାଦବ, ଦିଲୀପ ସିଂ, କୁଚିଣ୍ଡାର ରାଜେଶ ମହାନ୍ତି ଗିରଫ ହୋଇଥିଲେ। ଜବତ ହୋଇଥିବା ସାମଗ୍ରୀ ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଥିଲା। ବିଦେଶୀ ମଦ ଦୋକାନରେ କାମ କରୁଥିବା କର୍ମଚାରୀ ନକଲି ମଦ ତିଆରିରେ ବ୍ୟବହାର ହେଉଥିବା ସାମଗ୍ରୀ ରଖିବା ଘଟଣାରେ ଗିରଫ ହେଉଛନ୍ତି। ତେଣୁ କେତେକ ବିଦେଶୀ ମଦ ଦୋକାନ ମାଲିକ ନକଲି ମଦ ତିଆରି କରୁଥିବା ସନ୍ଦେହ ସୃଷ୍ଟି ହେଉଛି। ଗତବର୍ଷ ଯୁଯୁମୁରା ଥାନା ଅଞ୍ଚଳ ଷ୍ଟେଶନ ନିକଟରେ ନକଲି ମଦ ବୋତଲ, ଠିପି, ଲୋଗୋ ମଧ୍ୟ ଜବତ ହୋଇଥିଲା। ଏହି ଘଟଣାରେ କେହି ଗିରଫ ହୋଇ ନ ଥିବାବେଳେ କେଉଁଠୁ ମଦ ବୋତଲ ଆସିଲା ତାହା ସ୍ପଷ୍ଟ ହୋଇପାରି ନାହିଁ। ଏହା ଅଞ୍ଚଳର ବିଦେଶୀ ମଦ ଦୋକାନୀ କିମ୍ବା ବାହାର ଅଞ୍ଚଳର ଦୋକାନୀଙ୍କର ବୋଲି ଅଭିଯୋଗ ହୋଇଥିଲା। ହେଲେ କିଛି ସଫଳତା ମିଳିପାରି ନାହିଁ। ଏ ସମ୍ପର୍କରେ ଅବକାରୀ ଡେପୁଟି କମିଶନର ରାଜେନ୍ଦ୍ର ବୋର୍ଥା କହିଛନ୍ତି ଯେ, ରାନିଖିଣ୍ଡା ଘଟଣାରେ ଗୋଇନ୍ଦା ବିଭାଗ ପକ୍ଷରୁ ଘର ମାଲିକ ତଥା ମୁଖ୍ୟ ଅଭିଯୁକ୍ତ ସରୋଜ ସାହାଙ୍କୁ ଗିରଫ କରାଯାଇଥିଲା। ଘଟଣାରେ ଅନ୍ୟତମ ଅଭିଯୁକ୍ତ ଏ ପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି।

# କୁଚିଣ୍ଡା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣିରେ ଜିଲାପାଳ, ଏସ୍‌ପିଙ୍କ ସମେତ ଲୋକପ୍ରତିନିଧି ଓ ଅଧିକାରୀ।

କୁଚିଣ୍ଡା,୧୪।୮(ବିରଞ୍ଚି ଦର୍ଦ୍ଦା)

ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଓ ଏସ୍‌ପି ମୁକେଶ ଭାମୁ ସୋମବାର କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି କରିଛନ୍ତି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରରେ ମୋଟ ୭୩ ଗୋଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୧୦ଟି ଗୋଷ୍ଠୀଗତ ଓ ୬୩ଟି ବ୍ୟକ୍ତିଗତ ରହିଥିଲା। ଜିଲାପାଳ ଦାସ ଆସିଥିବା ଅଭିଯୋଗ ଉପରେ ଶୁଣାଣି କରି ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଡିଆରଡିଏ ପିଡି ଧର୍ମେନ୍ଦ୍ର ମଲ୍ଲିକ, ବିଧାୟକ କିଶୋର ଚନ୍ଦ୍ର ନାଏକ, ଉପଜିଲାପାଳ ବିଭୂତିଭୂଷଣ ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଏନ୍ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ଏନ୍ଏସି ଇଓ ଗୌରବ ପ୍ରଧାନ, ଏସ୍‌ଡିପିଓ ଅମିତାଭ ପଣ୍ଡାଙ୍କ ସମେତ ଜିଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ଦାସ କୁତୁରାଚୁଆଁ ପଞ୍ଚାୟତର ସାତକମାସ୍ଥିତ ଗ୍ରାମୀଣ ପାର୍କ ଉଦ୍‌ଘାଟନ କରିଥିଲେ। ପରେ ସେ କୁଚିଣ୍ଡା ମହିଳା କଲେଜରେ ହୋଇଥିବା ନୂତନ ଭୋଟର ସଂଶୋଧନ ଓ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅପରାହ୍ଣରେ ସେ କୁଚିଣ୍ଡା ଆଇଟିଡିଏର ସମୀକ୍ଷା କରିଥିଲେ।

# ଅଢ଼େଇ ଶହ ଫୁଟ୍‌ର ତ୍ରିରଙ୍ଗା ଶୋଭାଯାତ୍ରା


ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ର।

ନାକଟିଦେଉଳ,୧୪।୮(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଓ ବାଟଗାଁଠାରେ ସୋମବାର ତ୍ରିରଙ୍ଗା ଶୋଭାଯାତ୍ରା ସହ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବରିଷ୍ଠ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲାଙ୍କ ନେତୃତ୍ୱରେ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀଛାତ୍ର ଅଢେଇଶହ ଫୁଟ୍ ଲମ୍ବର ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ମିନିଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲେ। ଏଥିରେ ଭାଜପା କାର୍ଯ୍ୟକର୍ତ୍ତା କୁମାରେଶ ସ୍ୱାଇଁ, ହରିହର ସାହୁ, ପ୍ରଫୁଲ୍ଲ ପ୍ରଧାନ, ମହିଳା ମୋର୍ଚ୍ଚା ସଭାନେତ୍ରୀ ବିନୋଦିନୀ ପ୍ରଧାନ, ଜାହ୍ନବୀ ସ୍ୱାଇଁଙ୍କ ସମେତ ଶିଶୁମନ୍ଦିର ଗୁରୁଜୀ, ଗୁରୁମା ସାମିଲ ହୋଇଥିଲେ। ସେହିପରି ବାଟଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରୁ ଶୋଭାଯାତ୍ରା ବାହାରିଥିଲା। ଏଥିରେ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଅଢେଇଶହ ଫୁଟ ଲମ୍ବର ତ୍ରିରଙ୍ଗା ଧରି ମହାବିଦ୍ୟାଳୟ ଖେଳପଡିଆ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଶହୀଦ ଯବାନ ରଞ୍ଜନ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିରେ ଭାଜପା ନେତା ଅଗ୍ରୱାଲାଙ୍କ ସମେତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧାପକ ପ୍ରଫୁଲ୍ଲ ପ୍ରଧାନ, ଭବସାଗର ଧଳ ପ୍ରମୁଖ ସାମିଲ ଥିଲେ।

# ସମିତି ସଭ୍ୟ ଓ ସହଯୋଗୀ ଗିରଫ

- **ବ୍ଲକ ଅଧ୍ୟକ୍ଷାଙ୍କ ଚାମ୍ବରରେ ଗଣ୍ଡଗୋଳ ଘଟଣା**

ଜମନକିରା,୧୪।୮ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ଅଧ୍ୟକ୍ଷାଙ୍କ ଚାମ୍ବରରେ ପଶି ଗଣ୍ଡଗୋଳ କରିବା ଘଟଣାରେ ଜମନକିରା ପୋଲିସ ଜଣେ ସମିତି ସଭ୍ୟ ସହ ତାଙ୍କ ସହଯୋଗୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ସର୍ଡ଼ା ପଞ୍ଚାୟତ ସମିତି ସଭ୍ୟ ସିରନୁସ ସୋରେନ ଓ ତାଙ୍କ ସହଯୋଗୀ ଆଶିଷ ଦାସ। ସୂଚନା ଅନୁଯାୟୀ, ଗତ ୧୧ ତାରିଖରେ ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ ବିଡ଼ିଓଙ୍କୁ ଡ଼ାକି ବିଭିନ୍ନ ଉନ୍ନୟନ କାମ ସମେତ ସର୍ଡା ୫ଟି ହାଇସ୍କୁଲ ରୂପାନ୍ତରଣ ଠିକା କାମ ବିଷୟରେ ଆଲୋଚନା କରିଥିଲେ। ସେଠାରେ ଉପସ୍ଥିତ ଥିବା ସର୍ଡା ସମିତି ସଭ୍ୟ ସିରନୁସ ଏହି କାମ ସେ କରିବେ ବୋଲି ଜିଦ ଧରିଥିଲେ। ପୂର୍ବରୁ ଅନ୍ୟ କାମ କରି ସାରିଛ, ତେଣୁ ଏହାକୁ ଦିଆଯାଇପାରିବ ନାହିଁ ବୋଲି ବ୍ଲକ ଅଧ୍ୟକ୍ଷା ଭୋଇ କହିଥିଲେ। ଉଭୟଙ୍କ ମଧ୍ୟରେ କଥା କଟାକଟି ହେବା ବେଳେ ତାଙ୍କ ସହଯୋଗୀ ମଧ୍ୟ ଚାମ୍ବର୍ ଭିତରେ ପାଟିତୁଣ୍ଡ କରିଥିଲେ। ପରେ ଏ ନେଇ ବ୍ଲକ ଅଧ୍ୟକ୍ଷା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୮୯/୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

# କ୍ୟାନ୍‌ସର ପୀଡ଼ିତଙ୍କୁ ସହାୟତା


ସମ୍ବଲପୁର ସିଦ୍ଧାର୍ଥ ସାହାଙ୍କ ଅଫିସରେ ପୀଡିତଙ୍କୁ ସହାୟତା ପ୍ରଦାନ କରାଯାଉଛି।

ସମ୍ବଲପୁର,୧୪।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ମ୍ୟୁନିସିପାଲିଟିର ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା କ୍ୟାନସର ପୀଡିତଙ୍କୁ ଆର୍ଥିକ ସହାୟତା ଦେଇଛନ୍ତି। ରାମଜି ଗୁଡି ନିବାସୀ ଗୋବିନ୍ଦ ବରାଡ଼ଙ୍କୁ ୧୦,୦୦୦, ଲକ୍ଷ୍ମୀଡୁଙ୍ଗୁରି ନିବାସୀ ପ୍ରେମ ସାଗର ପ୍ରଧାନଙ୍କୁ ୧୦,୦୦୦ ଓ ପୁଷ୍ପା ମେହେରଙ୍କୁ ୫୦୦୦ଟଙ୍କା, ଧମା ନିବାସୀ ଚୈତନ୍ୟ ଦୁସରଙ୍କୁ ୫,୦୦୦ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏହାସହ ରାଜ୍ୟ ବାହାର ମେଡିକାଲରେ ଚିକିତ୍ସା କରାଇବା ପାଇଁ ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାହା କହିଛନ୍ତି, ଆର୍ଥିକ ଅନଟନରେ ରୋଗଗ୍ରସ୍ତ ପରିବାର ଦିନ କାଟୁଛନ୍ତି। ଟ୍ରେନ୍ କିମ୍ବା ଗାଡି ଭଡା କରି ରାଜ୍ୟ ବାହାର ଡାକ୍ତରଙ୍କ ପାଖକୁ ଯାଇ ଚିକିତ୍ସା କରାଇବା ସେମାନଙ୍କ ପାଇଁ କଷ୍ଟକର ବ୍ୟାପାର। ଏଭଳି ପରିବାରକୁ ସହଯୋଗ କରାଯାଉଛି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏହି ରୋଗୀମାନେ ଅନ୍ତର୍ଭୁକ୍ତ ଅଛନ୍ତି। ମେଡିକାଲ ଖର୍ଚ୍ଚ ସରକାର ବହନ କରୁଛନ୍ତି। ଏହା ରୋଗୀ ପରିବାରକୁ ଆସ୍ୱସ୍ତି ଦେଇଛି। ହେଲେ ଯିବାଆସିବା, ରହିବା, ଖାଇବା ପାଇଁ ମଧ୍ୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥାଏ। ତାହା ବହନ କରିବା ଗରିବ ପରିବାର ପାଇଁ କଷ୍ଟକର। ତେଣୁ ଆମେ ଅନୁଷ୍ଠାନ କରି ଏଭଳି ସହାୟତା କରୁଛୁ। ଆଗକୁ ଏହା ଜାରି ରହିବ ବୋଲି ସେ କହିଥିଲେ। ଅନ୍ୟପଟେ ରିକି ବେହେରା ପ୍ରତ୍ୟେକ ରୋଗୀଙ୍କୁ ୧ ହଜାର ଓ ପ୍ରୀତିସ ପତି ୨୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେଇଥିଲେ। ପୀଡିତମାନେ ଆର୍ଥିକ ସହାୟତା ପ୍ରଦାନ କରିଥିବା ପୂର୍ବତନ ଉପନଗରପାଳ ଓ ଅନ୍ୟ ବ୍ୟକ୍ତିବିଶେଷଙ୍କୁ ସାଧୁବାଦ ଜଣାଇଥିଲେ।

# ସ୍ୱାଧୀନତା ଦିବସ ଉପଲକ୍ଷେ ପାଠଚକ୍ର

ସମ୍ବଲପୁର,୧୪।୮(ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ସୋମବାର ସ୍ୱାଧୀନତା ଦିବସ ଉପଲକ୍ଷେ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଡମ୍ବରୁଧର ପଟ୍ଟନାୟକ ଯୋଗ ଦେଇ ଭାରତର ଅଖଣ୍ଡତା ଓ ସଂକଳ୍ପ ଦିବସର ଅନୁଚିନ୍ତା ଉପରେ ଆଲୋକପାତ କରିଥିଲେ। ସମଗ୍ର ଦକ୍ଷିଣ ଏସିଆରେ ଭାରତୀୟ ସଂସ୍କୃତି କିଭଳି ବିସ୍ତାର ଲାଭ କରିଥିଲା ତା'ର ପ୍ରାମାଣିକ ବ୍ୟାଖ୍ୟା କରିଥିଲେ। ପ୍ରଫେସର ଉମାଶଙ୍କର ଦାଶ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଶତାଧିକ ଛାତ୍ରୀ, ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ।



ପାଠଚକ୍ରରେ ଯୋଗଦେଇଥିବା ଅତିଥିମାନେ।

# ଜିଲା କଂଗ୍ରେସର ଜରୁରୀ ବୈଠକ

ସମ୍ବଲପୁର,୧୪।୮(ବି.ଶଙ୍କର)

ସମ୍ବଲପୁର ଜିଲା କଂଗ୍ରେସ କମିଟି କାର୍ଯ୍ୟାଳୟଠାରେ ସୋମବାର ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ଆସଫ ଅଲ୍ଲୀ ଖାଁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଦଳ ଆର୍ଦଶରେ ଅନୁପ୍ରାଣିତ ହୋଇ ସହରର ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ଦଳରେ ଯୋଗଦାନ କରିଥିଲେ। ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଆଶୁତୋଷ ଦେହେରି, ଅଶ୍ୱିନୀ ପଟ୍ଟନାୟକ, ସନ୍ତୋଷ ଭୋମିକ, ଶରତ କୁମାର ବିଶି, ଚନ୍ଦ୍ରଚୁଡ ସିଂ, ଜୟ ପ୍ରକାଶ ପ୍ରଧାନ, ଦିଲିପ ଲୁହା, ନୀଳକଣ୍ଠ ପୋଢ, ରମେଶ ପ୍ରଧାନ, ଅଶ୍ୱିନୀ ପାଣ୍ଡେ, ଶ୍ରୀକାନ୍ତ ପଣ୍ଡା, ମଣ୍ଟୁ ସାହୁ, ବିପିନ ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ।

# ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ବୈଠକ

ସମ୍ବଲପୁର,୧୪।୮(ବି.ଶଙ୍କର)

ସମ୍ବଲପୁର ଫାଟକ ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁମନ୍ଦିରଠାରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପଶ୍ଚିମ ପ୍ରାନ୍ତିୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ବର୍ଷ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରାଯିବ। ଏଥିପାଇଁ ବୈଠକରେ ଯୋଜନା ପ୍ରସ୍ତୁତି କରାଯାଇ ଥିଲା। ପୂର୍ବକ୍ଷେତ୍ର ସଂଗଠନ ମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁ ମାର୍ଗଦର୍ଶନ କରିଥିଲେ। ବୈଠକରେ ଚିନ୍ମୟ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଯତିନ୍ଦ୍ର ନାଥ ପ୍ରଧାନଙ୍କୁ ସମାରୋହ ସମିତି ସଂଯୋଜକ ଦାୟିତ୍ୱ ଦିଆଯାଇଥିଲା। ରାଧାକାନ୍ତ ବହିଦାର, ସତ୍ୟନାରାୟଣ ପଟେଲ, ବଦ୍ରିନାରାୟଣ ମହାରଣା, ମାଣିକ ଲାଲ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକାରିଣୀ ବୈଠକରେ କର୍ମକର୍ତ୍ତାମାନେ।

# ସ୍ୱାଧୀନତା ଦିବସ ଉପଲକ୍ଷେ ଫଟୋ ପ୍ରଦର୍ଶନୀ

ସମ୍ବଲପୁର,୧୪।୮(ବି.ଶଙ୍କର)

ସ୍ୱାଧୀନତା ଦିବସ ଉପଲକ୍ଷେ ସମ୍ବଲପୁର ଜିଲା ଷ୍ଟେଟବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଦେଶ ବିଭାଜନ ବିଭୀଷିକା ଶୀର୍ଷକ ଫଟୋ ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଲେଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଦେଶ ବିଭାଜନ ସମୟରେ ଉପୁଜିଥିବା ପରିସ୍ଥିତିକୁ ନେଇ ସ୍ୱତନ୍ତ୍ର ପ୍ରତିଲେଖା , ଫଟୋଚିତ୍ର ଓ ରେକର୍ଡ ପତ୍ରିକା ପ୍ରଦର୍ଶିତ କରାଯାଇଥିଲା ।

# ମିଶନ ଶକ୍ତି କାଫେ ଓ ନୂତନ ତହସିଲ ଉଦ୍‌ଘାଟିତ

କୁଚିଣ୍ଡା,୧୪।୮(ବିରଞ୍ଚି ଦର୍ଦ୍ଦା)

କୁଚିଣ୍ଡାରେ ସୋମବାର ନବନିର୍ମିତ ତହସିଲ ଅଫିସ ଓ ମିଶନ ଶକ୍ତି କାଫେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ମୁକେଶ ଭାମୁ, ଡିଆରଡିଏ ପିଡି ଧର୍ମେନ୍ଦ୍ର ମଲ୍ଲିକ, ଉପଜିଲାପାଳ ବିଭୂତିଭୂଷଣ ନାୟକ, ଏସ୍‌ଡିପିଓ ଅମିତାଭ ପଣ୍ଡା, ବିଡିଓ ନିରଞ୍ଜନ ସା, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଏନ୍ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ମିଶନ ଶକ୍ତି ଡିପିସି ମମତା ବେସ୍ରା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନ ପରେ ମିଶନ ଶକ୍ତି କାଫେକୁ ପତ୍ରାପାଲି ଗ୍ରାମର 'ମା ସୁଭଦ୍ରା' ସ୍ୱୟଂ ସହାୟକ ଗୋଷ୍ଠୀକୁ ପରିଚାଳନା ଦାୟିତ୍ୱ ଦିଆଯାଇଛି। ତହସିଲ ଅଫିସ ଉଦ୍‌ଘାଟନ ସମୟରେ ଜିଲାପାଳ ଦାସ, ଉପଜିଲାପାଳ ନାଏକ, ବିଡିଓ ସା, ଏନ୍ଏସି ଅଧ୍ୟକ୍ଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ମିଶନ ଶକ୍ତି କାଫେ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

# ଗୁରୁକୁଳ ଶିକ୍ଷା ବର୍ତ୍ତମାନର ଏକ ଆହ୍ୱାନ

ସମ୍ବଲପୁର,୧୪।୮(ଶୁଭାଶିଷ ପାଢ଼ୀ)

ପୂର୍ଣ୍ଣାଙ୍ଗ ଶିକ୍ଷା ହିଁ ଜୀବନର ଉପାଦାନ। ଶିକ୍ଷା, ଶିକ୍ଷକ ଓ ଶିକ୍ଷଣ ପଦ୍ଧତି ଏକ ପୂର୍ଣ୍ଣାଙ୍ଗ ନାଗରିକର ପରିଚୟ ତିଆରି କରିଥାଏ। ଶିକ୍ଷା ପଦ୍ଧତିରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି। ଗୁରୁକୁଳ ଶିକ୍ଷା ବର୍ତ୍ତମାନର ଏକ ଆହ୍ୱାନ ବୋଲି ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱିତୀୟ ଦିବସରେ ଅତିଥିମାନେ ମତପ୍ରକାଶ କରିଥିଲେ। ସମ୍ବଲପୁର ପବ୍ଲିକ ଲାଇବ୍ରେରି ଓ ରାମାନୁଜନ କଲେଜ ନୂଆଦିଲ୍ଲୀର ମିଳିତ ସହଯୋଗରେ ଏହି ଜାତୀୟ ସମ୍ମାନ ହୋଲିଷ୍ଟିକ ଏଜୁକେସନ ଅନୁଷ୍ଠିତ ହୋଇଥିଲା। ଡ. ନିରୁପମା ବଡପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଅଧିବେଶନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବି. ପଟ୍ଟନାୟକ, ପ୍ରଫେସର ବିପିନ ରଥ, ନୂଆଦିଲ୍ଲୀ ପ୍ରଫେସର ରାଜୀବ ନୟନ ଯୋଗ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ବୁର୍ଲା ଭିମ୍‌ସାରର ଡା. ସଞ୍ଜୀବ ମିଶ୍ର, ଜିଏମ୍‌ୟୁର ଡ. ଚନ୍ଦନ ସାହୁ, ଡ. ମୀରା ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଡ. ପୁଷ୍ପାଞ୍ଜଳି ପଢାଲ, ପ୍ରଫେସର ଡ. ଇସିତା ମଣ୍ଡଳ ଭାଗ ନେଇଥିଲେ। ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ ଆଇଆଇଏମ୍ ନିର୍ଦ୍ଦେଶକ ମହାଦେବ ଜୟସ୍ୱାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ଅଧ୍ୟକ୍ଷତା କରିଥିଲେ। ରାମାନୁଜନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଏସ୍.ପି. ଅଗ୍ରୱାଲ ଅତିଥି ପରିଚୟ ଓ ଶେଷରେ ପବ୍ଲିକ ଲାଇବ୍ରେରୀର ସହ ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତା।

# କ୍ୱାର୍ଟର ଫାଇନାଲରେ ଚେନ୍ନାଇନ



ଚେନ୍ନାଇନ୍ ଏଫ୍‌ସି ଓ ତ୍ରିଭୁବନ ଆର୍ମି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଗୁଆହାଟୀ, ୧୪।୮

ଚେନ୍ନାଇନ୍ ଏଫ୍‌ସି ପ୍ରଥମ ଦଳଭାବେ ଚଳିତ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ନକ୍‌ଆଉଟରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ଗ୍ରୁପ୍ 'ଏ'ର ଏକ ମ୍ୟାଚରେ ଏହି ଦଳ ୩-୦ ଗୋଲରେ ନେପାଳର ତ୍ରିଭୁବନ ଆର୍ମି ଏଫ୍‌ସିକୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚି ଯାଇଛି। ସ୍ଥାନୀୟ ଇନ୍ଦିରାଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚଟି ସମ୍ପୂର୍ଣ୍ଣ ଏକପାଖିଆ ହୋଇ ଯାଇଥିଲା। ଚେନ୍ନାଇନ୍ ପକ୍ଷରୁ ଫାରୁଖ ଚୌଧାରୀ ୨୨ତମ ମିନିଟରେ ପ୍ରଥମ ଗୋଲଟି ଦେଇ ଦଳକୁ ଅଗ୍ରଣୀ କରିଥିଲେ। ତ୍ରିଭୁବନ ଆର୍ମି ଏଫ୍‌ସି ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ପାଇଁ ୪୦ତମ ମିନିଟରେ ଚେନ୍ନାଇନ୍‌କୁ ପେନାଲ୍ଟି କିକ୍ ସୁଯୋଗ ମିଳିଥିଲା। ରହିମ ଅଲୀ ଏହାକୁ ଗୋଲରେ ପରିଣତ କରି ଦଳର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ମ୍ୟାଚର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ୮୪ତମ ମିନିଟରେ ଦଳ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରିଥିଲେ ରାଫାଲ କ୍ରିଭେଲାରୋ। ଦ୍ୱିତୀୟାର୍ଦ୍ଧରେ ତ୍ରିଭୁବନ ଆର୍ମି ଏଫ୍‌ସି ଦଳ କିଛି ପରିମାଣରେ ଚ୍ୟାଲେଞ୍ଜ ଦେଇଥିଲେ ହେଁ ଚେନ୍ନାଇନ୍ ରକ୍ଷଣଭାଗ ଭେଦକରି ଗୋଲ ପରିଶୋଧ କରିପାରି ନ ଥିଲା। ହାଇଦ୍ରାବାଦ୍ ଏଫ୍‌ସି ବିପକ୍ଷରେ ବିଜୟୀ ହୋଇଥିବା ଦଳକୁ ଏହି ମ୍ୟାଚରେ ଅପରିବର୍ତ୍ତିତ ରଖିଥିଲେ ଚେନ୍ନାଇନ୍ ଏଫ୍‌ସି ମୁଖ୍ୟ କୋଚ୍ ଓଏମ କୋଲେ।

# ଷ୍ଟିଭେନ୍ ଫିନ୍‌ଙ୍କ ଅବସର

**ଲଣ୍ଡନ, ୧୪।୮ (ପି.ଟି.):** ପୂର୍ବତନ ଇଂଲଣ୍ଡ ପେସ୍ ବୋଲର ଷ୍ଟିଭେନ୍ ଫିନ୍ ସୋମବାର କ୍ରିକେଟର ସମସ୍ତ ଫର୍ମାଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ଫଳରେ ତାଙ୍କ ୧୮ ବର୍ଷ କ୍ୟାରିୟରର ଅନ୍ତ ଘଟିଛି। ଆଣ୍ଠୁରେ ଆଘାତଜନିତ ସମସ୍ୟା ଲାଗି ରହିବାରୁ ସେ ଏହି ନିଷ୍ପତ୍ତି ନେବାକୁ ବାଧ ହୋଇଥିବା କହିଛନ୍ତି। ୩୪ବର୍ଷୀୟ ଫିନ୍ ଏକବର୍ଷ ହେଲା କ୍ରିକେଟରୁ ଦୂରେଇ ରହିଛନ୍ତି। ଏହି କ୍ରିକେଟର ଇଂଲଣ୍ଡ ତରଫରୁ ୧୨୫ ଅନ୍ତର୍ଜାତୀୟ ଗେମ୍ ଖେଳିଥିବା ବେଳେ ତନ୍ମଧ୍ୟରେ ୩୬ଟି ଟେଷ୍ଟ, ୬୯ ଅନ୍ତର୍ଜାତୀୟ ଦିନିକିଆ ଓ ୨୧ ଅନ୍ତର୍ଜାତୀୟ ଟି୨୦ ରହିଛି।

# ସୀମା ବିସ୍‌ଲା ୧ ବର୍ଷ ବାସନ୍ଦ

ନୂଆଦିଲ୍ଲୀ, ୧୪।୮ (ପି.ଟି.)

ଏସିଆନ୍ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ରେସ୍‌ଲର ସୀମା ବିସ୍‌ଲାଙ୍କୁ ଏକ ବର୍ଷ ପାଇଁ ବାସନ୍ଦ କରାଯାଇଛି। ନାଡାର ଆଣ୍ଟି ଡୋପିଂ ଡିସିପ୍ଲିନାରୀ କମିଟି(ଏଡିଡିପି) ପକ୍ଷରୁ ଏହି ଦଣ୍ଡାଦେଶ ପ୍ରଦାନ କରାଯାଇଛି। କେଉଁ ସ୍ଥାନରେ ଅଛନ୍ତି



ସେ ସମ୍ପର୍କରେ ସୂଚନା ଦେଇ ନ ଥିବା କାରଣରୁ ବାସନ୍ଦ କରାଯାଇଛି। ୩୦ ବର୍ଷୀୟ ସୀମାଙ୍କୁ ଜୁଲାଇ ୨୧ ତାରିଖରେ ବାସନ୍ଦ କରାଯାଇଥିଲା। କାଜାଖସ୍ତାନରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନଶିପ୍ ୨୦୨୧ରେ ୫୦ କିଗ୍ରା ଓଜନ ବର୍ଗରେ ସୀମା ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ଟୋକିଓ ୨୦୨୧ରେ ରାଉଣ୍ଡ ଅଫ୍ ୧୬ରୁ ବିଦାୟ ନେଇଥିଲେ।

# ସବୁ କୁସ୍ତିଯୋଦ୍ଧା ଟ୍ରାଏଲ୍ସ ଦେବେ

ନୂଆଦିଲ୍ଲୀ, ୧୪।୮ (ପି.ଟି.)

**ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଟ୍ରାଏଲ୍ସ ଅଗଷ୍ଟ ୨୫-୨୬**

ବିଶ୍ୱ ଚାମ୍ପିୟନଶିପ୍ ପାଇଁ କୁସ୍ତିଯୋଦ୍ଧାମାନଙ୍କ ଲାଗି ଟ୍ରାଏଲ୍ସ ଅଗଷ୍ଟ ୨୫-୨୬ରେ ହେବ ବୋଲି ଆଡହକ୍ ପ୍ୟାନେଲ ସୋମବାର ଘୋଷଣା କରିଛି। ଫଳରେ ଚୟନ ପ୍ରତିଯୋଗିତା ହେବା ନେଇ ଦେଖାଦେଇଥିବା ଅନିଶ୍ଚିତତା ଦୂର ହୋଇଛି। ଏସିଆନ ଗେମ୍ସ ଟ୍ରାଏଲ୍ସରୁ ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟଙ୍କୁ ବାଦ୍ ଦିଆଯିବାକୁ ନେଇ କୁସ୍ତି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେବେ ବିଶ୍ୱ ଚାମ୍ପିୟନଶିପ୍ ଟ୍ରାଏଲ୍ସ ପାଇଁ ପାଇଁ ଆଡହକ୍ ପ୍ୟାନେଲ କୌଣସି କୁସ୍ତିଯୋଦ୍ଧାଙ୍କୁ ଛାଡ଼ କରି ନାହିଁ। ଇଭେଣ୍ଟ ପାଇଁ ଆଥ୍‌ଲେଟ ମନୋନୟନ ପାଇଁ ଆଡହକ୍ ପ୍ୟାନେଲ ଏକ ମାନଦଣ୍ଡ ପ୍ରସ୍ତୁତ କରିଛି। ତଦନୁସାରେ ସମସ୍ତ ଅନ୍ତର୍ଜାତୀୟ/ ର୍‌ୟାଙ୍କିଙ୍ଗ/ ଏସିଆନ/ ବିଶ୍ୱ ଚାମ୍ପିୟନଶିପ୍/ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୨୦୨୨ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣକାରୀ ଟ୍ରାଏଲ୍ସରେ ଭାଗନେଇପାରିବେ। ତେବେ ବଜରଙ୍ଗ ଓ ଭିନେଶ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଟ୍ରାଏଲ୍ସରେ ଅଂଶଗ୍ରହଣ କରିବା ଲାଗି ମାନସିକ ସ୍ତରରେ ପ୍ରସ୍ତୁତ ନ ଥିବା କୁହାଯାଉଛି। ଦୁହିଁଙ୍କ ନଜର ସେପ୍ଟେମ୍ବର ୨୩ରୁ ଆରମ୍ଭ ହେବାକୁଥିବା ହାଙ୍ଗଝୋ ଏସିଆନ ଗେମ୍ସ ଉପରେ ରହିଛି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ବିଶ୍ୱ ଚାମ୍ପିୟନଶିପ୍‌କୁ ପ୍ରଥମ କ୍ୱାଲିଫାଇଂ ଇଭେଣ୍ଟ ଭାବେ ବିବେଚନା କରାଯାଉଛି। ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ଆଥ୍‌ଲେଟଙ୍କ ନାମ ତାଲିକା ପଠାଇବା ଶେଷ ତାରିଖ ଅଗଷ୍ଟ ୧୬ ଧାର୍ଯ୍ୟ କରିଥିଲା। ମାତ୍ର ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନକୁ ନେଇ ଅନିଶ୍ଚିତା ରହିବାରୁ ଖେଳାଳି ତାଲିକା ପଠାଇବା ସମୟସୀମା ବଢ଼ାଇବା ଲାଗି ଭାରତର ଅନୁରୋଧକୁ ଗ୍ରହଣ କରାଯାଇଛି। ଆଡହକ୍ ପ୍ୟାନେଲ ମୁଖ୍ୟ ଭୂପିନ୍ଦର ସିଂ ବାଜୱା କହିଛନ୍ତି, ବିଶ୍ୱ ଚାମ୍ପିୟନଶିପ୍ ଅଲିମ୍ପିକ ପାଇଁ ଏକ କ୍ୱାଲିଫାଇଂ ଟୁର୍ନାମେଣ୍ଟ ହୋଇଥିବାରୁ ଆମେ ଖେଳାଳି ତାଲିକା ପଠାଇବାରେ ଆଉ ବିଳମ୍ବ କଲେ ତାହା ଗ୍ରହଣ କରା ନ ଯିବା ଆଶଙ୍କା ରହିଛି। ପ୍ରଥମାବସ୍ଥାରେ ଅଗଷ୍ଟ ୧୦ରେ ଟ୍ରାଏଲ୍ସ କରିବା ଲାଗି ଆଡହକ୍ ପ୍ୟାନେଲ ନିଷ୍ପତ୍ତି ନେଇଥିଲା।

୭୭ତମ ସ୍ୱାଧୀନତା ଦିବସରେ ଅଭିନନ୍ଦନ
ରାଉରକେଲାର ଅଗଣିତ ଜନତାଙ୍କୁ ୭୭ତମ ସ୍ୱାଧୀନତା ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ । ଆସନ୍ତୁ ସମସ୍ତେ ମିଳିତ ହୋଇ ପବିତ୍ର ସ୍ୱାଧୀନତା ଦିବସରେ ଶପଥ ନେବା । ରେଲୱେ କଲୋନୀ ସହିତ ସହରକୁ ସରସ ସୁନ୍ଦର କରି ପରିମଳ ଏବଂ ପରିଚ୍ଛନ୍ନ ରଖିବା ।
ନିବେଦକ
ଡାକ୍ତର ପ୍ରକାଶ କୁମାର
ସିନିୟର ମେଡିକାଲ ଅଫିସର
ରେଲୱେ କଲୋନୀ ସ୍ୱାସ୍ଥ୍ୟକେନ୍ଦ୍ର

ସ୍ୱାଧୀନତା ଦିବସରେ ଅଭିନନ୍ଦନ
ସୁକିନ୍ଦା ରିଜିୟନ କ୍ରୋମାଇଟ୍ ଖାଦାନ ମଜଦୁର ସଂଘ ପକ୍ଷରୁ ଖଣି ଅଞ୍ଚଳବାସୀଙ୍କୁ ୭୭ତମ ସ୍ୱାଧୀନତା ଦିବସରେ ଶୁଭେଚ୍ଛା ଓ ଶୁଭକାମନା ।
ନାରାୟଣ ଚନ୍ଦ୍ର ଧିର
ସାଧାରଣ ସମ୍ପାଦକ
ସୁକିନ୍ଦା ରିଜିୟନ କ୍ରୋମାଇଟ୍ ଖାଦାନ ମଜଦୁର ସଂଘ

ସ୍ୱାଧୀନତା ଦିବସରେ ଅଭିନନ୍ଦନ
ସ୍ୱାଧୀନତାର ୭୭ତମ ଉତ୍ସବ ପାଳନ ଅବସରରେ କୋରାପୁଟର ମୋର ସମସ୍ତ ଭାଇଭଉଣୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଶ୍ରୀମତୀ ପୂର୍ଣ୍ଣିମା ନାୟକ
ରାଜ୍ୟ ବିଜେପି ସମ୍ପାଦିକା
କୋରାପୁଟ

ପବିତ୍ର ୭୭ତମ ସ୍ୱାଧୀନତା ଦିବସରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଏବଂ ବେଗୁନିଆପଡ଼ା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ। ଆସନ୍ତୁ ସ୍ୱାଧୀନ ଭାରତରେ ସ୍ୱାଧୀନ ଭାବେ ନିଜ ନିଜର ମତବ୍ୟକ୍ତ କରିବା।
କଲ୍ୟାଣୀ ପାତ୍ର
୪୪ନଂ. ଜିଲ୍ଲା ପରିଷଦ ସଭ୍ୟା
ବେଗୁନିଆପଡ଼ା ବ୍ଲକ

ସ୍ୱାଧୀନତା ଦିବସରେ ଅଭିନନ୍ଦନ
୭୭ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ମା, ମାଉସୀ, ମଉସା ସର୍ବୋପରି ଗୁରୁଜନମାନଙ୍କୁ ମୋର ନମସ୍କାର ।
ରାଜେନ୍ଦ୍ର କୁଜୁର
ବିଜୁ ଜନତା ଦଳ, ରାଉରକେଲା
ସାଂଗଠନିକ ଜିଲ୍ଲା ସାଧାରଣ ସମ୍ପାଦକ
ତଥା ଜିଲ୍ଲା ପରିଷଦ ସଭ୍ୟ

ବନ୍ଦେ ମାତରମ୍
୭୭ ତମ ସାଧୀନତା ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଗୌରିଶଙ୍କର ମହାପାତ୍ର
ସରପଞ୍ଚ କାଚରାସାହି ଗ୍ରା.ପ

ଦେଶର ପବିତ୍ର ୭୭ତମ ସ୍ୱାଧୀନତା ଦିବସ ଉପଲକ୍ଷେ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦୁର୍ନୀତିମୁକ୍ତ ନିର୍ବାଚନମଣ୍ଡଳୀ ଗଠନ କରିବାରେ ସହଯୋଗ କରିବା।
ହରପ୍ରସାଦ ସାହୁ
ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ
ବିଜେଡି ନେତା, କୋଦଳା ଏନ୍.ଏ.ସି.

ସ୍ୱାଧୀନତା ଦିବସରେ ଶୁଭେଚ୍ଛା ବାର୍ତ୍ତା
୭୭ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲ୍ଲା, ରାଜ୍ୟ ତଥା ଦେଶବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି । ଆଜିର ଏହି ପବିତ୍ର ଦିନରେ ସେହି ମହାନ୍ ଜନନାୟକଙ୍କୁ ସଲାମ, ଯେଉଁମାନଙ୍କ ପାଇଁ ଆମେ ଆଜି ସ୍ୱାଧୀନତା ଦିବସ ପାଳନ କରିପାରୁଛେ ।
ସନାତନ ମହାକୁଡ
ପୂର୍ବତନ ବିଧାୟକ, ଚମ୍ପୁଆ, କେନ୍ଦୁଝର

ସ୍ୱାଧୀନତା ଦିବସରେ ଅଭିନନ୍ଦନ
ସ୍ୱାଧୀନତାର ୭୭ତମ ଉତ୍ସବ ପାଳନ ଅବସରରେ କୋରାପୁଟର ମୋର ସମସ୍ତ ଭାଇଭଉଣୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ରାଜେନ୍ଦ୍ର ଚନ୍ଦ୍ର ବାଘ
ସମାଜସେବୀ
କୋରାପୁଟ

ସ୍ୱାଧୀନତା ଦିବସ ଅବସରରେ...
ସ୍ୱାଧୀନତା ଦିବସରେ ଦେଶ ପାଇଁ କାରାବରଣ ଓ ସହିଦ ବୀରପୁରୁଷମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କୃତଜ୍ଞତା ଜଣାଉଛି ।
A WELL WISHER
DHARMASALA, JAJPUR

With Best Compliments From
Sj. Tapan Kumar Mishra
Principal & Staff
ପ୍ରତିବର୍ଷ ଅଗଷ୍ଟ ମାସ ୧୫ ତାରିଖ ଦିନ ଭାରତ ତାର ସ୍ୱାଧୀନତା ଦିବସ ପାଳନ କରୁଅଛି । ଏହି ସ୍ମରଣୀୟ ଦିବସ ଆମର ଅତୀତର ସ୍ମୃତି । ଆମ ପୂର୍ବ ପୁରୁଷଙ୍କ ସଂଗ୍ରାମ ଓ ବଳିଦାନ, ଭବିଷ୍ୟତ ପାଇଁ ନୂତନ ଲକ୍ଷ୍ୟ ସ୍ଥିର କରିବାର ସୁଯୋଗ ଆଣିଦେଇଥାଏ । ଧର୍ମଶାଳା ମହାବିଦ୍ୟାଳୟ କଳେବର ଶୈକ୍ଷିକ ବାତାବରଣ ଆଶାତୀତ ଭାବେ ବୃଦ୍ଧିପାଇଛି । ଏଥିପାଇଁ ମୁଁ ଧର୍ମଶାଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ନେତୃବର୍ଗ ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ସ୍ୱାଧୀନତା ଦିବସ ପାଳନ ଅବସରରେ ମହାବିଦ୍ୟାଳୟକୁ ଆହୁରି ଆଗକୁ ନେବାର ସଂକଳ୍ପ ପାଇଁ ସମସ୍ତଙ୍କୁ ଆହ୍ୱାନ କରିବା ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି ।

୭୭ତମ ସ୍ୱାଧୀନତା ଦିବସରେ ଅଭିନନ୍ଦନ
ସମଗ୍ର ରାଉରକେଲାବାସୀଙ୍କୁ ୭୭ତମ ସ୍ୱାଧୀନତା ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ । ଆସନ୍ତୁ ସମସ୍ତେ ମିଶି ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଶପଥ ନେବା ଓ ରାଉରକେଲା ବିଦ୍ୟାର୍ଥୀ ସମାଜକୁ ଦେଶ ଗଠନରେ ଅଭିନ୍ନ ଅଙ୍ଗ ଭାବେ ସାମର୍ଥ୍ୟଶାଳୀ କରିବା ।
ନିବେଦକ
ଶ୍ରୀମତୀ ସନ୍ଧ୍ୟା ମହାନ୍ତି
ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷୟିତ୍ରୀ,
ସରକାରୀ ଟ୍ରେନିଙ୍ଗ କଲେଜ, ରାଉରକେଲା
ଠିକଣା-ଏଚ୍‌ଟି-୧୦୮, ୨ନଂ ଫେଜ୍, ଛେଣ୍ଡ




# କଳିଙ୍ଗରେ ହକି ଷ୍ଟ୍ରାଇକର୍ସ କ୍ୟାମ୍ପ ଆରମ୍ଭ

ଭୁବନେଶ୍ୱର, ୧୪।୮ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ଓଡ଼ିଶା ହକି ଓ ନାଭାଲ ଟାଟା ଏଚ୍‌ପିସିର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ସୋମବାର ମହିଳା ହକି ଷ୍ଟ୍ରାଇକର୍ସ କ୍ୟାମ୍ପ ଆରମ୍ଭ ହୋଇଛି। ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ରାଣୀ ରାମପାଲ ମେଣ୍ଟର ଓ କୋଚ୍‌ଭାବେ ଏହି କ୍ୟାମ୍ପ ଦାୟିତ୍ୱରେ ରହିଛନ୍ତି। ଏଥିରେ ଫରୱାର୍ଡ ଖେଳାଳିମାନଙ୍କୁ ବିଶେଷ ତାଲିମ ଦେବା ଆରମ୍ଭ କରିଛନ୍ତି ପଦ୍ମଶ୍ରୀ ରାଣୀ ରାମପାଲ। ଏହି କ୍ୟାମ୍ପ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଷ୍ଟ୍ରାଇକର୍ସ କ୍ୟାମ୍ପରେ ୨୫ ଖେଳାଳି ଭାଗ ନେଇଛନ୍ତି। ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର, ପାନପୋଷ, ସ୍ପୋର୍ଟ୍ସ ହଷ୍ଟେଲ, ସାଇ ଏସ୍‌ଟିସି ସୁନ୍ଦରଗଡ଼ ଏବଂ ସାଇ ଏନ୍‌ସିଓଇ ଭୋପାଳ ପିଲାମାନେ ଏହି କ୍ୟାମ୍ପରୁ ବିଶେଷ ଉପକୃତ ହେବେ। ‘‘ଏପରି କ୍ୟାମ୍ପ ଆୟୋଜନ ଉତ୍ତମ ପଦକ୍ଷେପ। କ୍ୟାମ୍ପ ମାଧ୍ୟମରେ ଓଡ଼ିଶାର ଖେଳାଳିଙ୍କୁ ମୁଁ ମୋର ଅଭିଜ୍ଞତା, ଦକ୍ଷତା ଓ ଜ୍ଞାନ ବାଣ୍ଟିପାରିବି। ଟ୍ରେନିଂ ସେସନରେ ବିଶେଷତଃ ବୈଷୟିକ, ଶାରୀରିକ ଏବଂ ମନସ୍ତାତ୍ତ୍ୱିକ ଦିଗ ଉପରେ ବିଶେଷ ଫୋକସ କରାଯିବ’’ ବୋଲି ରାଣୀ ପ୍ରକାଶ କରିଛନ୍ତି। ଗତ କିଛିବର୍ଷ ଧରି ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନିଆଯିବାଦ୍ୱାରା ଓଡ଼ିଶା ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ସ୍ଥାନ ପାଇଯାଇଛି। ଏଠାକାର ସୁବିଧା ସୁଯୋଗ ଅତ୍ୟାଧୁନିକ ଏବଂ ବିଶ୍ୱସ୍ତରର ବୋଲି ରାଣୀ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ରାଣୀଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ହକି ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ୨୦୦୮ରେ ମାତ୍ର ୧୪ ବର୍ଷରେ ରାଣୀ ଭାରତୀୟ ଦଳରେ ପଦାର୍ପଣ କରିଥିଲେ।


କ୍ୟାମ୍ପ ଅବସରରେ ହକି ଖେଳାଳିଙ୍କ ସହ ରାଣୀ ରାମପାଲ।




# ଶ୍ରୀଲଙ୍କା କ୍ରିକେଟରଙ୍କ ବିଦେଶ ଯାତ୍ରାରେ କଟକଣା

**କଲମ୍ବୋ, ୧୪।୮ (ପି.ଟି.):** ଶ୍ରୀଲଙ୍କାର ଜଣେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଚିତ୍ର ସେନାନାୟକେ ମ୍ୟାଚ ଫିକ୍ସିଂରେ ଜଡ଼ିତ ଥିବା ଅଭିଯୋଗ ହୋଇଛି। ଫଳତଃ ସ୍ଥାନୀୟ ଏକ କୋର୍ଟ ତାଙ୍କ ବିଦେଶ ଗସ୍ତ ଉପରେ କଟକଣା ଜାରି କରିଛି। ୩୮ ବର୍ଷୀୟ ସେନାନାୟକେ ୨୦୧୨ ଓ ୨୦୧୬ ମଧ୍ୟରେ ଏକମାତ୍ର ଟେଷ୍ଟ, ୪୯ ଅନ୍ତର୍ଜାତୀୟ ଦିନିକିଆ ଏବଂ ୨୪ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ୨୦୨୦ ଶ୍ରୀଲଙ୍କା ପ୍ରିମିୟର ଲିଗ୍‌ରେ ସେ ମ୍ୟାଚ ଫିକ୍ସିଂ କରିବାକୁ ଚେଷ୍ଟା କରୁଥିଲେ। ମ୍ୟାଚ ଫିକ୍ସ କରିବା ଲାଗି ଟେଲିଫୋନ ଯୋଗେ ସେ ୨ଜଣ ଖେଳାଳିଙ୍କୁ ପ୍ରଲୋଭିତ କରିଥିବା ଅଭିଯୋଗ ହୋଇଛି। କଲମ୍ବୋ ଚିଫ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ସେନାନାୟକେଙ୍କୁ ୩ ମାସ ପାଇଁ ବିଦେଶ ଗସ୍ତ ଉପରେ କଟକଣା ଜାରି କରିବା ଲାଗି କଣ୍ଟ୍ରୋଲର ଜେନେରାଲ ଅଫ୍ ଇମିଗ୍ରେଶନ ଆଣ୍ଡ ଏମିଗ୍ରେଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ନିର୍ଦ୍ଦେଶନାମା ଆର୍ଟର୍ନି ଜେନେରାଲ ଡିପାର୍ଟମେଣ୍ଟର ହସ୍ତଗତ ହୋଇଛି। କୋର୍ଟ କହିଛନ୍ତି ଯେ, ପୂର୍ବତନ ଅଫ୍ ସ୍ପିନରଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅନୁସନ୍ଧାନ ୟୁନିଟ୍ ଦ୍ୱାରା ଆର୍ଟର୍ନି ଜେନେରାଲ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।







# ଆନ୍ତଃସ୍କୁଲ ବର୍ଗରେ ଶ୍ୱେତପଦ୍ମା, ଜିଜ୍ଞାସୁ ଚାମ୍ପିୟନ

ଭୁବନେଶ୍ୱର, ୧୪।୮ (ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ରାଜ୍ୟ ଆନ୍ତଃସ୍କୁଲ ଓ ୨୮ତମ ଓ୍ୱାଇଜିଟିଟିଏ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ସିନିୟର ବାଳିକା ଓ ବାଳକ ସିଙ୍ଗଲ୍ସରେ ଯଥାକ୍ରମେ ଶ୍ୱେତପଦ୍ମା ଦଳାଇ ଓ ଜିଜ୍ଞାସୁ ସାହୁ ଚାମ୍ପିୟନ ହୋଇଛନ୍ତି। ସୋମବାର ଅନୁଷ୍ଠିତ ସିନିୟର ବାଳିକା ଫାଇନାଲରେ ଶ୍ୱେତପଦ୍ମା ୩–୧ (୧୧–୬, ୫–୧୧, ୧୧–୭, ୧୧–୬)ରେ ସୌମ୍ୟା ଜ୍ୟୋତି ଦାସଙ୍କୁ ପରାସ୍ତ କରିଛନ୍ତି। ସେହିପରି ବାଳକ ବିଭାଗ ଫାଇନାଲରେ ଜିଜ୍ଞାସୁ ୩–୦ (୧୧–୭, ୧୧–୫, ୧୫–୧୩)ରେ ମହମ୍ମଦ ଜିସାନଙ୍କୁ ହରାଇ ଦେଇଛନ୍ତି। ସେହିପରି ଜୁନିୟର ବାଳିକା ସିଙ୍ଗଲ୍ସ ଫାଇନାଲରେ ଉର୍ଜା ବର୍ମା ୩–୧ (୧୧–୬, ୭–୧୧, ୧୧–୮, ୧୧–୭)ରେ ଆରାଧ୍ୟା ସାହୁଙ୍କୁ ଏବଂ ବାଳକ ସିଙ୍ଗଲ୍ସରେ ଜୟନ୍ତୁ ଦାସଗୁପ୍ତା ୩–୧ (୧୧–୫, ୧୧–୭, ୮–୧୧, ୧୧–୮)ରେ ଜିଜ୍ଞାସୁ ସାଇ କିରଣ ପ୍ରଧାନଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଓ୍ୱାଇଜିଟିଟିଏ ର୍‍ୟାଙ୍କିଙ୍ଗ୍ ଟେନିସ ଅପରାହ୍ନରେ ଆରମ୍ଭ ହୋଇଛି। ୧୧ ବର୍ଷରୁ କମ୍ ବାଳିକା କ୍ୱାର୍ଟର ଫାଇନାଲରେ କଟକର ଶ୍ୱେତା ବର୍ମା ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟର ଆନି କିଣ୍ଡୋଙ୍କୁ ୩–୦, ପୁରୀର ଶ୍ରୀତିଜା ଚୌଧୁରୀ ୩–୦ରେ କଟକର ସୁକୁରୁମଣି ଗଗରାଇଙ୍କୁ ୩–୦ରେ ପରାସ୍ତ କରିଛନ୍ତି। ସେହିପରି କଟକର ଆଶି ସ୍ୱୟଂଶି ୩–୦ରେ ପୁରୀର ଗାୟତ୍ରୀ ପଟ୍ଟନାୟକଙ୍କୁ ଏବଂ କଟକର ଆରାଧ୍ୟା ସାହୁ ୩–୦ରେ କେଡିଟିଟିଏର ଅନ୍ୱେଷା ଅନିରୁଦ୍ଧଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

# କିଶନ ରିଜର୍ଭ ଓପନର, ତିଳକ ଡାର୍କହର୍ସ

ନୂଆଦିଲ୍ଲୀ, ୧୪।୮ (ପି.ଟି.)

**ଟି୨୦ ସିରିଜ ଜିତିଲା ୱେଷ୍ଟଇଣ୍ଡିଜ**

ଭାରତୀୟ କ୍ରିକେଟ ଦଳର ୱେଷ୍ଟଇଣ୍ଡିଜ ଗସ୍ତ ସମାପ୍ତ ହୋଇଛି। ଏହି ଗସ୍ତରେ ଭାରତ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଅନୁଭବୀ ଖେଳାଳିଙ୍କୁ ବିଶ୍ରାମ ଦେଇ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଥିଲା। ଟେଷ୍ଟ ଓ ଦିନିକିଆ ସିରିଜ୍ ବିଜୟୀ ହୋଇଥିଲେ ହେଁ ଦଳ ଟି୨୦ ସିରିଜରେ ପରାଜିତ ହୋଇଛି। ପ୍ରଥମ ୪ଟି୨୦ ମ୍ୟାଚ୍ ପରେ ସିରିଜ୍ ୨–୨ରେ ରହିଥିବା ବେଳେ ଫ୍ଲୋରିଡାରେ ଖେଳା ଯାଇଥିବା ଅନ୍ତିମ ମ୍ୟାଚକୁ ୱେଷ୍ଟଇଣ୍ଡିଜ୍ ୮ ଉଇକେଟରେ ଜିତିବା ସହ ଭାରତ ବିପକ୍ଷରେ ଐତିହାସିକ ସିରିଜ୍ ବିଜୟ ହାସଲ କରିଥିଲା। ଭାରତ ପକ୍ଷରୁ ଏହି ସିରିଜ୍‌ରେ ଯଶସ୍ୱୀ ଜୟସ୍ୱାଲ, ମୁକେଶ କୁମାର, ତିଳକ ବର୍ମା ପଦାର୍ପଣ କରିଥିବା ବେଳେ ଇଶାନ କିଶନ, ସଞ୍ଜୁ ସାମସନ୍ ଓ ସୂର୍ଯ୍ୟକୁମାର ଯାଦବଙ୍କ ପାଖରେ ନିଜକୁ ପ୍ରମାଣିତ କରିବାର ଏକ ସୁଯୋଗ ମଧ୍ୟ ରହିଥିଲା। ତେବେ ଭାରତ ପକ୍ଷରୁ ଏହି ସିରିଜରେ ଦୁଇ ଜଣ ଯୁବ ଖେଳାଳି ସାମ୍ନାକୁ ଆସିଛନ୍ତି। ଇଶାନ୍ କିଶନ୍ ଓ ତିଳକ ବର୍ମା ସମସ୍ତଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଛନ୍ତି। ଟେଷ୍ଟ ସିରିଜ୍‌ରେ ଜୟସ୍ୱାଲ ପ୍ରଭାବିତ କରିଥିବା ବେଳେ ଦିନିକିଆରେ ଇଶାନ କିଶନ୍ ଓ ଟି ୨୦ରେ ତିଳକ ବର୍ମା ଡାର୍କ ହର୍ସ ଭାବରେ ଉଭା ହୋଇଛନ୍ତି।

ଦିନିକିଆ ବିଶ୍ୱକପ୍ ଓ ଏସିଆ କପ୍‌ରେ ୪ ନମ୍ବର ବ୍ୟାଟରଙ୍କୁ ଆଖି ଆଗରେ ରଖି ଭାରତୀୟ ଦଳ ପରୀକ୍ଷା ନିରୀକ୍ଷା ଚଳାଇଥିଲା। ପନ୍ତଙ୍କ ଅନୁପସ୍ଥିତିରେ ଉଇକେଟ କିପର ଇଶାନ କିଶନ ଓ ସଞ୍ଜୁ ସାମସନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରହିଥିଲା। ରୋହିତଙ୍କ ଅନୁପସ୍ଥିତିରେ ଓପନ୍ କରିଥିବା କିଶନ ୩ ମ୍ୟାଚରେ ଯଥାକ୍ରମେ ୫୨, ୫୫ ଓ ୫୭ ରନ୍ କରିଥିଲେ। ରିଜର୍ଭ ଓପନର ଭାବରେ ଦାବିଦାରିକୁ କିଶନ ଆହୁରି ଦୃଢ଼ କରିଛନ୍ତି। ତୃତୀୟ ଦିନିକିଆରେ ସାମସନ୍ ୪୧ ବଲ୍‌ରୁ ୫୧ ରନ୍‌ର ଇନିଂସ ଖେଳି ପ୍ରଭାବିତ କରିଥିଲେ। ତାଙ୍କ ପ୍ରଦର୍ଶନ ଆଖିଦୃଶିଆ ନ ଥିଲେ ମଧ୍ୟ ଏସିଆ କପ୍‌ରେ ତାଙ୍କୁ ସୁଯୋଗ ମିଳିବା ସମ୍ଭାବନା।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ


DSPL-186
HOCKEY INDIA
ODISHA
INDIA'S BEST KEPT SECRET.
INDIA'S GAME
THE STORY OF A TEAM THAT UNITED A NATION
LEVEL FILMS AND THE GOVERNMENT OF ODISHA PRESENTS 'INDIA'S GAME' IN ASSOCIATION WITH HOCKEY INDIA ORIGINAL IDEA BY Sh V K PANDIAN, IAS DIRECTOR OF PHOTOGRAPHY ANTHONY BUTLER MOTION GRAPHICS BY SIMON BALL DIRECTED, PRODUCED & EDITED BY MATT CROCKER & JAMES DEAN
ଭାରତର
ସ୍ୱାଧୀନତା ଦିବସ ଅବସରରେ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା
ଭାରତର ଖେଳ
ଦେଶକୁ ଏକାଠି କରିଥିବା
ଏକ ଦଳର କାହାଣୀ
ସ୍କ୍ରିନିଂର ଲୋକାର୍ପଣ
ଲେଭେଲ୍ ଫିଲ୍ମ ଦ୍ୱାରା ପ୍ରସ୍ତୁତ ବୃତ୍ତଚିତ୍ର
ଭିଡିଓ ଦେଖନ୍ତୁ
YouTube /@HockeyIndiaMedia
ସନ୍ଧ୍ୟା ୬ ଘଟିକା, ୧୫ ଅଗଷ୍ଟ ୨୦୨୩
କନଭେନସନ୍ ସେଣ୍ଟର, ଲୋକସଭା ଭବନ
OIPR-29001/13/0053/2324


MARUTI SUZUKI
NEXA
THE ADVANCED
GRAND VITARA
RULE EVERY ROAD
INTELLIGENT ELECTRIC
HYBRID
ALLGRIP
Scan the QR code to experience Grand Vitara at NEXAVerse.
NEXA Verse
CREATE. INSPIRE.
PANORAMIC SUNROOF
VENTILATED SEATS
6 AIRBAGS
EV MODE
DRIVE MODE SELECTOR
DIGITAL MULTI-INFORMATION DISPLAY
NEXA Safety Shield
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH -
FULL FRONTAL IMPACT
FRONTAL OFFSET IMPACT
SIDE IMPACT
Feature and accessories shown may not be part of standard fitment. Black glass shade on the vehicle is due to lighting effect. Images used are for illustration purposes only.
Contact us at
1800-200-6392
1800-102-NEXA
www.nexaexperience.com
NOW YOU CAN ALSO BOOK ONLINE
SAMBALPUR: NEXA SAMBALPUR HIGHWAY (ODYSSEY MOTORS PVT. LTD. PH: 7381050356).
SMART FINANCE
AN ONLINE END-TO-END CAR FINANCE SOLUTION
Scan to know more.
Multiple financiers
Digital Document Upload
Live Loan status
Complete transparency (associated fees & charges)
Creative visualization | Features are variant specific | For details on functioning of safety features, including airbag, kindly refer to the Owner's Manual.